52
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

| RNI NO-42004 | Vol. : 45/ Issue : 211 | Brahmapur | Thursday 10 September 2026 | ବର୍ଷ: ୪୫/ ଅଙ୍କ: ୨୧୧ | ଗୁରୁବାର ୧୦ ସେପ୍ଟେମ୍ବର ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|

# ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିଙ୍କୁ ଆହ୍ୱାନ

### ଏକାଧିକ କମ୍ପାନୀ ସହ ଆଲୋଚନା

### ଆଇବିପିଜି ସହ ମୁଖ୍ୟମନ୍ତ୍ରୀଙ୍କ ଗୋଲଟେବୁଲ୍ ବୈଠକ




ଆବୁଧାବି/ଭୁବନେଶ୍ୱର: ଓଡ଼ିଶା ଇନଭେଷ୍ଟର୍ସ ମିଟ୍‌ର ଅଂଶ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି (ବୁଧବାର) ଆବୁଧାବି ଠାରେ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ ସହ ଏକ ଗୋଲଟେବୁଲ୍ ବୈଠକରେ ଯୋଗଦେଇଛନ୍ତି। ଏହି ବୈଠକରେ, ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ବ୍ୟବସାୟିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ ଠିକା ଉତ୍ପାଦନ (କଣ୍ଟ୍ରାକ୍ଟ ମ୍ୟାନୁଫାକ୍ଚରିଂ) ଏବଂ ଦକ୍ଷ ମାନବ ସମ୍ବଳ ନିମନ୍ତେ ସୁଯୋଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ଏହି ଆଲୋଚନାରେ, ସଭାପତି ରାଜୀବ ଶାହାଙ୍କ ସମେତ ରୁଚି, ଫାର୍ମ ବି, ବିଓ୍ୱାନ , ଓରି କ୍ଲିନ୍ ଭଳି ଓଡ଼ିଶାଭିତ୍ତିକ କମ୍ପାନୀର ପ୍ରତିନିଧି ଯୋଗଦେଇଥିଲେ। ଓଡ଼ିଶାରେ ନିବେଶର ସୁଯୋଗ ଏବଂ ଶିଳ୍ପ ସହଭାଗିତାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହେବ । ସେହିପରି ବୋରୋଜ୍ର ହାଜିମ୍ ସୁଲତାନ୍ ଅଲ୍ ସୁଓ୍ୱାଇଦିଙ୍କ ସହ ବୈଠକ କରିଛନ୍ତି । ବୋରୋଜ୍ର ହାଜିମ୍ ସୁଲତାନ୍ ଅଲ୍ ସୁଓ୍ୱାଇଦିଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ହେବ । ପେଟ୍ରୋକେମିକାଲ୍ କ୍ଷେତ୍ରରେ ଓଡ଼ିଶାରେ ନିବେଶ ଓ ସହଭାଗିତାର ସୁଯୋଗ ଉପରେ ଆଲୋଚନା କରାଯିବ । ୟୁଏଇର ନିବେଶକାରୀ ସଂସ୍ଥାଗୁଡ଼ିକ ସହ ଆଲୋଚନା ହୋଇଛି । ଓଡ଼ିଶା ପ୍ରତିନିଧିମଣ୍ଡଳୀ ୟୁଏଇର ପ୍ରମୁଖ ନିବେଶକାରୀ ସଂସ୍ଥାଗୁଡ଼ିକ ସହ ଆଲୋଚନା କରିବେ । ଓଡ଼ିଶାର ଶିଳ୍ପ କ୍ଷମତା, ଉଦୀୟମାନ କ୍ଷେତ୍ର ଏବଂ ନିବେଶ ସୁଯୋଗ ସମ୍ପର୍କରେ ଅବଗତ କରାଯିବ । ସେହିପରି ଦୁବାଇରେ ଓଡ଼ିଶାର 'ଏକ ଜିଲ୍ଲା, ଏକ ଉତ୍ପାଦ' ଅଧୀନରେ ଥିବା ଉତ୍ପାଦଗୁଡ଼ିକର ପ୍ରଦର୍ଶନୀ ଉଦ୍ଘାଟିତ ହେବ। ଏହା ମାଧ୍ୟମରେ ଓଡ଼ିଶାର ପାରମ୍ପରିକ ଉତ୍ପାଦ, ହସ୍ତଶିଳ୍ପ ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଉତ୍ପାଦକୁ ୟୁଏଇ ବଜାରରେ ପ୍ରଦର୍ଶନ କରାଯିବ ।

ଅନ୍ୟପକ୍ଷରେ ଦୁବାଇ ସ୍ଥିତ ଭାରତୀୟ କନସୁଲ୍ ଜେନେରାଲ୍ ସହ ବୈଠକ ମଧ୍ୟ ହୋଇଛି । ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ପ୍ରତିନିଧିମଣ୍ଡଳୀ ଦୁବାଇସ୍ଥିତ ଭାରତୀୟ କନସଲ୍ ଜେନେରାଲ୍ ସହ ବୈଠକ କରିବେ । ଓଡ଼ିଶା-ୟୁଏଇ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ପ୍ରତିଷ୍ଠାନଗତ ଓ ସମୁଦାୟସ୍ତରୀୟ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା ହେବ ।

# ଝାରସୁଗୁଡ଼ା-ଖଡ଼ଗପୁର ୪ର୍ଥ ଲେନ୍ ଟ୍ରାକ୍‌କୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ,୯।୯: ଦେଶର ରେଳ ପ୍ରଗତିକୁ ମିଳିଛି ଆହୁରି ଗତି । ବୁଧବାର ମୋଦୀ କ୍ୟାବିନେଟ୍ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶା, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟର ୧୪ଟି ଜିଲ୍ଲାକୁ ସଂଯୋଗ କରୁଥିବା ତିନୋଟି ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଯାହା ଭାରତୀୟ ରେଳବାଇର ବିଦ୍ୟମାନ ନେଟଓ୍ୱାର୍କରେ ପ୍ରାୟ ୬୫୬ କିଲୋମିଟର ରେଳପଥ ଯୋଡିବ ।

ପ୍ରସ୍ତାବିତ ରେଳ ପ୍ରକଳ୍ପ ମଧ୍ୟରେ ରହିଛି ଖଡ଼ଗପୁର-ଝାରସୁଗୁଡ଼ା (ବାଗଦେହୀ) ଚତୁର୍ଥ ଲାଇନ୍, କଟନୀ-ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ୍ ଏବଂ ବିଳାସପୁର (ଉସଲାପୁର)-ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ ଅନ୍ତର୍ଭୁକ୍ତ । ଏହା ୫ଟି ରାଜ୍ୟର ୪୭୯୦ ଗ୍ରାମକୁ ସଂଯୋଗ କରିବ । ପ୍ରସ୍ତାବିତ ବହୁ-ଟ୍ରାକିଂ ପ୍ରକଳ୍ପ ଦ୍ୱାରା ପ୍ରାୟ ୫୬ ଲକ୍ଷ ଉପକୃତ ହେବେ । କେନ୍ଦ୍ର ସରକାର ଏହି ମଲ୍ଟି ଟ୍ରାକିଂ ରେଳ ଲାଇନ ପ୍ରକଳ୍ପ ପାଇଁ ୧୦,୭୮୩ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି । ଏହା ଦ୍ୱାରା ୬୫୬ କିଲୋମିଟର ରେଳ ଲାଇନ ବୃଦ୍ଧି ପାଇବ । ଏହି ପ୍ରକଳ୍ପକୁ ୨୦୨୯-୩୦ ସୁଦ୍ଧା ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଥିବା କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ବର୍ଦ୍ଧିତ ଲାଇନ ଦ୍ୱାରା ଭାରତୀୟ ରେଳବାଇର



କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ବୃଦ୍ଧି ପାଇବ। ଏହା କାର୍ଯ୍ୟକୁ ସୁଗମ କରିବା ସହିତ ଭିଡ଼ ହ୍ରାସ କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତ ଦୃଷ୍ଟିକୋଣ ସହିତ ସମାନ । ଏହା ଦ୍ୱାରା ଦେଶର ବିଭିନ୍ନ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହିତ ରେଳ ସଂଯୋଗୀକରଣରେ ଉନ୍ନତି ଆସିବ । ଯେପରିକି ତାରାତାରିଣୀ ମନ୍ଦିର, ଝାରସୁଗୁଡ଼ା ନିକଟରେ ଥିବା ପ୍ରାଚୀନ ଜଗନ୍ନାଥ ମନ୍ଦିର, ବାନ୍ଧବଗଡ଼ ବ୍ୟାଘ୍ର ସଂରକ୍ଷଣ, ବିରାଟେଶ୍ୱର ମନ୍ଦିର, ଅମରକଣ୍ଟକ ମନ୍ଦିର, ଜ୍ୱାଳେଶ୍ୱର ଧାମ, ଅଚନକମାର ବ୍ୟାଘ୍ର ସଂରକ୍ଷଣ, ଖୁଟାଘାଟ ଡ୍ୟାମ୍, ମଲହାର ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ରତନପୁର ମହାମାୟା ମନ୍ଦିର।

ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ କୋଇଲା, ସିମେଣ୍ଟ, ଲୁହା ଏବଂ ଇସ୍ପାତ ଭଳି ସାମଗ୍ରୀ ପରିବହନ ପାଇଁ ଅନୁକୂଳ ହେବ । ଏହା ଦ୍ୱାରା ବାର୍ଷିକ ୨୭ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ସୃଷ୍ଟି ହେବ। ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ଦ୍ୱାରା ତୈଳ ଆମଦାନୀ ପ୍ରାୟ ୧୨୦ ନିୟୁତ ଲିଟର ହ୍ରାସ ଏବଂ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ପ୍ରାୟ ୬୨୦ ନିୟୁତ କିଲୋଗ୍ରାମ ହ୍ରାସ କରିବ ଯାହା ୨୪.୮ ନିୟୁତ ଗଛ ଲଗାଇବା ସହିତ ସମାନ।

### ସ୍କ୍ରବ୍ ଟାଇଫସ୍ ପାଇଁ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

# ଚିହ୍ନଟ ସ୍ଥାନକୁ ଯିବେ ଡାକ୍ତରୀ ଟିମ୍

ଭୁବନେଶ୍ୱର, ୯।୯ : ସ୍କ୍ରବ୍ ଟାଇଫସ୍ ଚିହ୍ନଟ ସ୍ଥାନକୁ ଯିବେ ଡାକ୍ତରୀ ଟିମ୍ । ସ୍କ୍ରବ୍ ଟାଇଫସ୍ଚିହ୍ନଟକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଯେଉଁ ସ୍ଥାନରେ ସ୍କ୍ରବ୍ ଟାଇଫସ୍ ଚିହ୍ନଟ ହେଉଛି, ସେଠାକୁ ଡାକ୍ତରୀ ଟିମ୍ ଯିବେ। ଏନେଇ ସୂଚନା ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ସ୍କ୍ରବ୍ ଟାଇଫସ୍‌ର ଚିକିତ୍ସା ଓ ନିୟନ୍ତ୍ରଣ ପାଇଁ ଗାଇଡ୍‌ଲାଇନ୍ ପ୍ରସ୍ତୁତ ହୋଇଛି। ରୋଗୀ ଚିହ୍ନଟ, ଚିକିତ୍ସା, ପ୍ରତିଷେଧକମୂଳକ ପଦକ୍ଷେପ ନେଇ ଗାଇଡଲାଇନ। ସ୍କ୍ରବ୍ ଟାଇଫସ୍ ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ, ସେଥିପାଇଁ ପଦକ୍ଷେପ ନିଆଯିବ। ରୋଗ ଚିହ୍ନଟ ହେଉଥିବା ଅଞ୍ଚଳରେ ମଧ୍ୟ ସଚେତନତା ଓ ନିୟନ୍ତ୍ରଣ ପଦକ୍ଷେପ ନେବୁ। ସୂଚନାଯୋଗ୍ୟ ରାଜ୍ୟର ଅନୁଗୋଳ ପାଲଲହଡ଼ାରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ଚିନ୍ତା ବଢ଼ିଛି । ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଏହି ରୋଗ ବ୍ୟାପିବାରେ ଲାଗିଥିବା ବେଳେ ଆଉ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି । ମୃତକ ଜଣକ ହେଉଛନ୍ତି ରଜଡଙ୍ଗ ଗାଁର ଉଷା ନାଏକ । ଏହାକୁ ମିଶାଇ ପାଲଲହଡ଼ା ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍‌ରେ ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି । ରୋଗ ବ୍ୟାପୁ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି । ତେବେ ଗାଁରେ ଡାକ୍ତରୀ ଟିମ୍ ପହଞ୍ଚିନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଡାକ୍ତରୀ ଟିମ୍ ପଠାଇ ଗାଁରେ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ୨୨ରୁ ବିଧାନସଭା ମୌସୁମୀ ଅଧିବେଶନ

# ଆସିବ ଛ' ବିଲ୍ , ୨୧ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୯।୯: ଆସନ୍ତା ୨୨ତାରିଖରୁ ଆରମ୍ଭ ହେଉଥିବା ବିଧାନସଭାର ମୌସୁମୀ ଅଧିବେଶନରେ ୫ରୁ ୬ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପସ୍ଥାପନ ହେବ। ମୌସୁମୀ ଅଧିବେଶନ ପୂର୍ବରୁ ସେପ୍ଟେମ୍ବର ୨୧ତାରିଖରେ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିବା ଜଣାପଡ଼ିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଶାସକ ଦଳ ଯେକୌଣସି ଜନହିତକର ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

ବିରୋଧୀ ଯେଉଁସବୁ ଦାବି କିମ୍ବା ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉଠାଇବେ, ତାହାର ଉପଯୁକ୍ତ ଜବାବ ଦେବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ବିରୋଧୀ ଦଳ ମଧ୍ୟ ଗୃହ ମଧ୍ୟରେ ଅର୍ଥପୂର୍ଣ୍ଣ ତର୍କବିତର୍କରେ ଭାଗ ନେଇ ନିଜର ଦାୟିତ୍ୱ ନିର୍ବାହ କରିବା ଉଚିତ ବୋଲି ସେ କହିଛନ୍ତି। ଆଗାମୀ ଅଧିବେଶନରେ ସରକାର ୫ରୁ ୬ଟି ବିଲ୍ ଉପସ୍ଥାପନ କରିବାକୁ ଯୋଜନା ରହିଛି। ଅଧିବେଶନ ପୂର୍ବରୁ ସେପ୍ଟେମ୍ବର ୨୧ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତାଙ୍କ ସମେତ ବିଭିନ୍ନ ଦଳର ପ୍ରମୁଖ ନେତୃବୃନ୍ଦ



ଉପସ୍ଥିତ ରହିବେ।

ଗୃହର ସୁପରିଚାଳନା ତଥା ବିଧାନସଭାର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିବା ନିମନ୍ତେ କାର୍ଯ୍ୟ ପରାମର୍ଶଦାତା କମିଟିର ବୈଠକ ବସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ସ୍ୱଳ୍ପକାଳୀନ ଅଧିବେଶନରେ ଏମଏମଡିଆର ଆକ୍ଟ ସଂଶୋଧନ, ପାଠ୍ୟପୁସ୍ତକରେ ତ୍ରୁଟି, ଚାଷୀ ସମସ୍ୟା ଆଦି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଦଳ ରଣନୀତି ପ୍ରସ୍ତୁତ କରୁଛି। ସପ୍ତଦଶ ବିଧାନସଭାର ଏହି ଅଧିବେଶନ ଚଳିତମାସ ୨୨ ତାରିଖରୁ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମୌସୁମୀ ଅଧିବେଶନରେ ମୋଟ ୭ଟି ସରକାରୀ କାର୍ଯ୍ୟଦିବସ ଓ ଗୋଟିଏ ବେସରକାରୀ କାର୍ଯ୍ୟଦିବସ ସାମିଲ ରହିଛି।

### ପୁଣି ଓଡ଼ିଶା ମୁହାଁ ଲଘୁଚାପ

# ୧୧ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର: ଓଡ଼ିଶାରେ ପୁଣି ଲାଗି ରହିପାରେ ବର୍ଷାର ଝଡ଼ା। ଆସନ୍ତା ସେପ୍ଟେମ୍ବର ୧୧ ତାରିଖ ଆସପାସରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପଶ୍ଚିମ-ମଧ୍ୟ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି।

ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ପାଇଁ କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛି। ଏହାସହ ଉତ୍ତର ଓ ଉପକୂଳ ଓଡ଼ିଶାର ୧୪ଟି ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି। ପାଣିପାଗ ବିଭାଗ ଅନୁଯାୟୀ ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ସୁନ୍ଦରଗଡ଼ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହି ସବୁ ଅଞ୍ଚଳରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ଝଟକା ପବନ ମଧ୍ୟ ବହିବାର ସମ୍ଭାବନା ରହିଛି।ଗୁରୁବାର ପାଇଁ ପାଣିପାଗ ବିଭାଗ ଆହୁରି କଡ଼ା ସତର୍କତା ଜାରି କରିଛି। ରାଜ୍ୟର ୨ଟି ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଏବଂ ୨୩ଟି ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ବଜ୍ରପାତ ଓ ଦମକା ପବନର ପ୍ରଭାବ ମଧ୍ୟ ଦେଖାଯାଇପାରେ। ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଅନାବଶ୍ୟକ ଯାତ୍ରା ଏଡ଼ାଇବା, ନଦୀ ଓ ଜଳାଶୟ ନିକଟକୁ ନଯିବା ଏବଂ ପାଣିପାଗ ବିଭାଗର ସତର୍କ ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

# କୋଟି କୋଟି ଖର୍ଚ୍ଚ, ଖେଳାଳିଙ୍କ ଭାଗ୍ୟରେ ତାଲା!

### ବ୍ରହ୍ମପୁର ଷ୍ଟାଡିୟମ୍

▶ ଖେଳିବାକୁ ଅନୁମତି ପାଇଁ ଭୁବନେଶ୍ୱର ଦୌଡ଼

▶ ମାସେ ହେଲା ବନ୍ଦ ଭାରୋତ୍ତୋଳନ ହଲ୍, ପ୍ରତିଭାଙ୍କ ଅଭ୍ୟାସ ଠପ୍

ବ୍ରହ୍ମପୁର,୯।୯: ଖେଳାଳି ତିଆରି ହେବେ, ପ୍ରତିଭା ଆଗକୁ ଆସିବ, ବ୍ରହ୍ମପୁରର ନାଁ ଜାତୀୟସ୍ତରରେ ଚମକିବଏମିତି ଆଶା ନେଇ କୋଟି କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି ମହାତ୍ମାଗାନ୍ଧୀ ଷ୍ଟାଡିୟମ୍। ହେଲେ ଏବେ ଏହି ଷ୍ଟାଡିୟମ୍ ଖେଳାଳିଙ୍କ ପାଇଁ ସୁଯୋଗର ମଞ୍ଚ ନୁହେଁ, ବରଂ ଅବ୍ୟବସ୍ଥାର ଏକ ବଡ଼ ଉଦାହରଣ ପାଲଟିଛି। ଷ୍ଟାଡିୟମ୍ ବ୍ରହ୍ମପୁରରେ, ହେଲେ ପ୍ରତିଯୋଗିତା ପାଇଁ ଅନୁମତି ମିଳୁଛି ଭୁବନେଶ୍ୱରରୁ! ଏପଟେ ରାଜ୍ୟର ଅନ୍ୟତମ ବଡ଼ ଭାରୋତ୍ତୋଳନ ହଲ୍‌ରେ ମାସେ ହେଲା ବିଦ୍ୟୁତ୍ ନାହିଁ। ଫଳରେ ଅଭ୍ୟାସ ଛାଡ଼ି କ୍ରୀଡ଼ାବିତ୍ ବିକଳ୍ପ ସ୍ଥାନ ଖୋଜିବାକୁ ବାଧ୍ୟ। ବ୍ରହ୍ମପୁରକୁ ଭାରୋତ୍ତୋଳନର ଏକ୍ଟୁଡ଼ିଶାଳ କୁହାଯାଏ। ଏହି ମାଟିରୁ କେ. ରବି କୁମାରଙ୍କ ଭଳି ଅର୍ଜୁନ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍ ବାହାରି ଦେଶ ପାଇଁ ଗୌରବ ଆଣିଛନ୍ତି। ତେଣୁ ଏଠାରେ ଥିବା ଭାରୋତ୍ତୋଳନ ଭିତ୍ତିଭୂମିକୁ ନେଇ କ୍ରୀଡ଼ାବିତ୍‌ଙ୍କ ଆଶା ରହିବା ସ୍ୱାଭାବିକ। କିନ୍ତୁ ଏବେ ସେହି ଆଶା ନିରାଶାରେ ପରିଣତ ହେଉଛି। ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ରେ ନିର୍ମିତ ଭାରୋତ୍ତୋଳନ ହଲ୍‌ରେ ୨୨ଟି ଅଭ୍ୟାସ ପ୍ଲାଟ୍‌ଫର୍ମ ରହିଛି। ପ୍ରତିଯୋଗିତା ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ରହିଛି। ଏତେ ବଡ଼ ଓ ସୁବିଧାସମ୍ପନ୍ନ ହଲ୍ ରହିଥିଲେ ମଧ୍ୟ ଏବେ ଏହା କ୍ରୀଡ଼ାବିତ୍‌ଙ୍କ କାମରେ ଆସୁନାହିଁ। ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ବିଦ୍ୟୁତ୍ ସରବରାହ ବନ୍ଦ ଥିବାରୁ ହଲ୍‌ଟି ବନ୍ଦ ପଡ଼ିଛି। ଆଗକୁ ଜିଲ୍ଲା ଓ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଥିବା ବେଳେ ଏଭଳି ପରିସ୍ଥିତି କ୍ରୀଡ଼ାବିତ୍‌ଙ୍କ ଚିନ୍ତା ବଢ଼ାଇଛି। ନିୟମିତ ଅଭ୍ୟାସ ନହେଲେ ପ୍ରତିଯୋଗିତାରେ ପ୍ରଦର୍ଶନ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ବିଦ୍ୟୁତ୍ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ କ୍ରୀଡ଼ାବିତ୍‌ଙ୍କୁ ଅନ୍ୟ ଏକ ଛୋଟ ହଲ୍‌ରେ ଅଭ୍ୟାସ କରିବାକୁ କୁହାଯାଇଛି।

ହେଲେ ବଡ଼ ହଲ୍‌ର ବିକଳ୍ପ ଭାବେ ଛୋଟ ହଲ୍ କେତେଦୂର ସୁବିଧା ଦେଇପାରିବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅଧିକ ସରଞ୍ଜାମ ଓ ପର୍ଯ୍ୟାପ୍ତ ସ୍ଥାନ ନଥିବାରୁ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ନେଉଥିବା କ୍ରୀଡ଼ାବିତ୍‌ଙ୍କ ପାଇଁ ଏହା ଯଥେଷ୍ଟ ନୁହେଁ ବୋଲି କ୍ରୀଡ଼ା ମହଲରେ ମତ ପ୍ରକାଶ ପାଇଛି। ଫଳରେ କିଛି କ୍ରୀଡ଼ାବିତ୍ ବାଧ୍ୟ ହୋଇ ବିଭିନ୍ନ କ୍ଲବକୁ ଯାଇ ଅଭ୍ୟାସ ଜାରି ରଖିଛନ୍ତି। ପ୍ରଶିକ୍ଷକଙ୍କ ମତରେ, କ୍ଲବରେ ଅଭ୍ୟାସ ହେଉଥିଲେ ମଧ୍ୟ ଷ୍ଟାଡିୟମ୍‌ର ବଡ଼ ହଲ୍‌ରେ ମିଳୁଥିବା ସୁବିଧା ଓ ପରିବେଶ ସେଠାରେ ଦେବା ସମ୍ଭବ ନୁହେଁ। କେବଳ ଭାରୋତ୍ତୋଳନ ହଲ୍ ନୁହେଁ, ସମଗ୍ର ଷ୍ଟାଡିୟମ୍‌ରେ ପ୍ରତିଯୋଗିତା ଆୟୋଜନକୁ ନେଇ ମଧ୍ୟ ଆୟୋଜକ ହନ୍ତସନ୍ତ। ବ୍ରହ୍ମପୁର କିମ୍ବା ଛତ୍ରପୁରସ୍ଥିତ କ୍ରୀଡ଼ା କାର୍ଯ୍ୟାଳୟରୁ ଅନୁମତି ମିଳୁନଥିବା ବେଳେ ଭୁବନେଶ୍ୱରସ୍ଥିତ କ୍ରୀଡ଼ା ନିର୍ଦ୍ଦେଶାଳୟରୁ ଅନୁମତି ଆଣିବାକୁ ପଡ଼ୁଛି। ଆୟୋଜକମାନେ ମାସେ ପୂର୍ବରୁ ଆବେଦନ କରୁଥିଲେ ମଧ୍ୟ ଅନୁମତି କେବେ ମିଳିବ, ତାହାର ନିଶ୍ଚିତତା ନଥିବା ଅଭିଯୋଗ ହୋଇଛି। ଏଥିପାଇଁ ଅଯଥା ଖର୍ଚ୍ଚ ସହ ସମୟ ମଧ୍ୟ ନଷ୍ଟ ହେଉଛି। କେତେକ ସମୟରେ ନିର୍ଦ୍ଧାରିତ ସମୟରେ ପ୍ରତିଯୋଗିତା ଆୟୋଜନ ହୋଇପାରୁନଥିବା ଅଭିଯୋଗ ମଧ୍ୟ ରହିଛି।ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯାଇଥିବା ସତ୍ତ୍ୱେ, ଯଦି ଖେଳାଳି ନିଜ ପ୍ରତିଭା ଦେଖାଇବାକୁ ଆବଶ୍ୟକ ସୁବିଧା ନପାଆନ୍ତି, ତେବେ ଏତେ ବ୍ୟୟର ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

୨୦୧୭ରୁ ୨୦୨୪ ପର୍ଯ୍ୟନ୍ତ ପ୍ରାୟ ସାତବର୍ଷ ଧରି ଷ୍ଟାଡିୟମ୍ ଉନ୍ନତୀକରଣ ପାଇଁ ବନ୍ଦ ରହିଥିଲା। ବହୁ ଅପେକ୍ଷା, ବାଦବିବାଦ ଓ ଦାବି ପରେ ଷ୍ଟାଡିୟମ୍ ଉଦ୍‌ଘାଟିତ ହେଲା। ଉଦ୍‌ଘାଟନ ପରେ କ୍ରୀଡ଼ାବିତ୍‌ମାନେ ଭାବିଥିଲେ ଯେ ଏବେ ବର୍ଷସାରା ଅଭ୍ୟାସ ଓ ପ୍ରତିଯୋଗିତାର ସୁଯୋଗ ମିଳିବ। କିନ୍ତୁ ଅନୁମତିର ଜଟିଳତା ଓ ଭିତ୍ତିଭୂମିର ଅବ୍ୟବସ୍ଥା ସେହି ଆଶାକୁ ମାଟିରେ ମିଶାଇ ଦେଉଛି। ବ୍ରହ୍ମପୁରରେ ଷ୍ଟାଡିୟମ୍ ଅଛି, ପ୍ରଶିକ୍ଷଣ ପାଇଁ ବଡ଼ ହଲ୍ ଅଛି, କୋଟି କୋଟି ଟଙ୍କାର ଭିତ୍ତିଭୂମି ଅଛି। ତଥାପି ଖେଳାଳିଙ୍କ ଅଭ୍ୟାସରେ ବାଧା ଓ ପ୍ରତିଯୋଗିତା ଆୟୋଜନରେ ଅନୁମତି ଜଟିଳତା କାହିଁକି ? ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ଏକ ମାସ ଲାଗୁଛି କାହିଁକି ନିଜ ସହରର ଷ୍ଟାଡିୟମ୍ ବ୍ୟବହାର ପାଇଁ ଆୟୋଜକଙ୍କୁ ଭୁବନେଶ୍ୱର ଦୌଡ଼ିବାକୁ ପଡ଼ୁଛି କାହିଁକି ଆଉ ସବୁଠାରୁ ବଡ଼ କଥାଏଭଳି ସମସ୍ୟା ଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି କାହିଁକି ନିରବ ? କ୍ରୀଡ଼ାବିତ୍ ମହଲର ଦାବି, ଖେଳାଳିଙ୍କ ସ୍ୱାର୍ଥକୁ ଆଗରେ ରଖି ତୁରନ୍ତ ବଡ଼ ଭାରୋତ୍ତୋଳନ ହଲ୍‌କୁ କାର୍ଯ୍ୟକ୍ଷମ କରାଯାଉ। ଏଥିସହ ଷ୍ଟାଡିୟମ୍‌ରେ ସ୍ଥାନୀୟସ୍ତରରେ ପ୍ରତିଯୋଗିତା ଆୟୋଜନ ପାଇଁ ଅନୁମତି ପ୍ରକ୍ରିୟାକୁ ସରଳ କରାଯାଉ। ନଚେତ କୋଟି କୋଟି ଟଙ୍କାରେ ତିଆରି ଏହି ଷ୍ଟାଡିୟମ୍ ଖେଳାଳି ତିଆରି କରିବା ପରିବର୍ତ୍ତେ ତାଲା ଓ ଫାଇଲ୍‌ର ଷ୍ଟାଡିୟମ୍ ହୋଇ ରହିଯିବ।

# ନିର୍ମାଣାଧିନ ପାଇଖାନା ଟାଙ୍କିରେ ଗଲା ତିନି ଜୀବନ

ଗୁଣୁପୁର, ୯।୯: ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପୁଣି ଅଘଟଣ ଘଟିଛି। ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବା ସମୟରେ ତିନି ଜଣ ଲୋକ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଞ୍ଚଳରେ ଏହି ଅଘଟଣ ଘଟିଛି। ଗୁଲୁଗୁଡ଼ା ପଞ୍ଚାୟତ ତାରପାଗୁଡ଼ା ଗାଁରେ ଜୀବଜଗତପୁର ଗାଁର ୩ଜଣ ବାସିନ୍ଦାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ତାରପାଗୁଡ଼ା ଗାଁରେ ଆଜି ଏକ ନିର୍ମାଣାଧୀନ ପାଇଖାନାରେ ଶ୍ରମିକମାନେ ସେଣ୍ଟ୍ରିଂ ଖୋଲୁଥିଲେ। ଏହି ସମୟରେ ସେଣ୍ଟ୍ରିଂ ତାଙ୍କର ଉପରେ ପଡ଼ିଯାଇଥିଲା। ପାଇଖାନା ଟାଙ୍କି ଭିତରେ ସେମାନେ ଅଣନିଃଶ୍ୱାସୀ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କର ସହଯୋଗରେ ଗୁରୁତର ଶ୍ରମିକମାନଙ୍କୁ ଅଗ୍ନିଶମ ବାହିନୀ ଏବଂ ପୁଲିସ ଉଦ୍ଧାର କରିଥିଲେ। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଖାନାରେ ତିନିଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏହି ଅପ୍ରୀତିକର ଘଟଣା ନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟରେ ଜୀବଜଗତପୁରରେ ଶୋକର ଛାୟା ଖେଳିଯାଇଛି।

# ଛାତ୍ରଙ୍କୁ ମାଜିଷ୍ଟ୍ରେଟଙ୍କ ନୋଟିସକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ଗ୍ରେଟର ନୋଏଡାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି ସୁପ୍ରିମକୋର୍ଟ। କକ୍ରୋଚ ଜନତା ପାର୍ଟି(ସିଜେପି)ର ଜୁଲାଇ ବିକ୍ଷୋଭରେ ଯୋଗ ଦେଇଥିବା ଜଣେ ଛାତ୍ରଙ୍କୁ ମାଜିଷ୍ଟ୍ରେଟ ନୋଟିସ କରିବାରୁ ଏହାକୁ ସହଜରେ ଗ୍ରହଣ କରି ନାହାନ୍ତି ସର୍ବୋଚ୍ଚ ଅଦାଲତ। ସିଜେପି ବିକ୍ଷୋଭ ସହ ଜଡ଼ିତ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ସମସ୍ତ ଏଫଆଇଆରକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ପରବର୍ତ୍ତୀ ସମୟରେ କୌଣସି ଶିକ୍ଷାର୍ଥୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ କେମିତି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ବିକ୍ଷୋଭରେ ସାମିଲ ଥିବା ଜଣେ ଆଇନ ଛାତ୍ରଙ୍କୁ ନୋଟିସ କଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଅସନ୍ତୋଷ ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ''କେମିତି ମାଜିଷ୍ଟ୍ରେଟ ନୋଟିସ କରିବେ ଦେଶର କୌଣସି ସ୍ଥାନରେ ଶିକ୍ଷାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଆମେ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଜାରି କରିଥିଲୁ। ନୋଟିସ କରିବାକୁ କେମିତି ଜଣେ ମାଜିଷ୍ଟ୍ରେଟ ସାହାସ ଦେଖାଇଲେ'' ସେପ୍ଟେମ୍ବର ୧ରେ ସୁପ୍ରିମକୋର୍ଟ ସମ୍ବିଧାନର ଧାରା ୧୪୨ରେ ଥିବା ସ୍ୱତନ୍ତ୍ର କ୍ଷମତାକୁ ବ୍ୟବହାର କରି ସିଜେପି ବିକ୍ଷୋଭ ସହ ଜଡ଼ିତ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ସମସ୍ତ ଏଫଆଇଆରକୁ ରଦ୍ଦ କରିଥିଲେ।ଜୁଲାଇ ୨୦ରୁ ୨୫ ମଧ୍ୟରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ରୁଜୁ ଏଫଆଇଆରକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ସେହିପରି ଭବିଷ୍ୟତରେ ଆନ୍ଦୋଳନ ସହ ଜଡ଼ିତ ପିଲାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସ୍ପଷ୍ଟ ଭାବେ କହିଥିଲେ ସର୍ବୋଚ୍ଚ ଅଦାଲତ।

# କନ୍ଧମାଳ ଜିଲ୍ଲା ସାମ୍ବାଦିକ ସମନ୍ୱୟ ସମିତି ବୈଠକ

ଫୁଲବାଣୀ, ୯।୯ (ଆନିସ): ବୁଧବାର ଫୁଲବାଣୀ ର ଜିଲ୍ଲା ପ୍ରେସ କ୍ଲବ ଠାରେ କନ୍ଧମାଳ ଜିଲ୍ଲା ସାମ୍ବାଦିକ ସମନ୍ୱୟ ସମିତି ର ଏକ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ବରିଷ୍ଠ ସାମ୍ବାଦିକ ତଥା ସମିତି ର ସଭାପତି ସୁନୀଲ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା କନ୍ଧମାଳ ଜିଲ୍ଲା ସାମ୍ବାଦିକ ସମନ୍ୱୟ ସମିତି ର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଅବଗତ କରାଇଥିଲେ ଜିଲାର ସମସ୍ତ ବ୍ଲକ ର ଅଭିଜ୍ଞ ସାମ୍ବାଦିକ ଙ୍କୁ ନେଇ ଗଠିତ ଜିଲ୍ଲା ସ୍ତରୀୟ କମିଟି ଜିଲ୍ଲାର କାର୍ଯ୍ୟ ରତ ସାମ୍ବାଦିକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିବ ବିଶେଷ କରି ସମସ୍ତ କାର୍ଯ୍ୟ ରତ ସାମ୍ବାଦିକ ଙ୍କ ସୁରକ୍ଷା, ଷାଠିଏ ବର୍ଷ ରୁ ଉର୍ଦ୍ଧ୍ୱ ଆବସର ପ୍ରାପ୍ତ ସାମ୍ବାଦିକ ଙ୍କୁ ଅନ୍ୟୁନ୍ୟ ୨୦ହଜାର ଟଂକାମାସିକ



ପେନସନ ବ୍ୟବସ୍ଥା, ନିଜସ୍ୱ ଗୃହ ନଥିବା ସାମ୍ବାଦିକ ଙ୍କୁ ଅନ୍ୟୁନ ୪ସେଣ୍ଟ ଜମି ପ୍ରଦାନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କୁ ଆଗାମୀ ଦିନରେ ଜାରୀ ରଖିବା ସହ ବୀମା ରାଶି ୧୦ଲକ୍ଷ ଟଂକା କୁ ବୃଦ୍ଧି, ସହ ଯୋଜନା ରେ ପିତା ମାତା ଙ୍କୁ ସାମିଲ କରିବା ଆଦି ଦାବି ସଂପର୍କରେ ଆଲୋଚନା କରଯାଇଥିଲା ଅନ୍ୟମାନଙ୍କ ମଧ୍ୟରେ ସମ୍ବାଦ ର ଜିଲ୍ଲା ସାମ୍ବାଦିକ ଡ ରଞ୍ଜନ କୁମାର ପ୍ରଧାନ, କାର୍ଯ୍ୟ କାରୀ ସଭାପତି ସୁନୀଲ ବିଶ୍ୱାଳ, ଉପସଭାପତି ସୋନ୍ତଶ କୁମାର ଦାସ, ଅଜିତ ମହାରଣା, ସଙ୍ଗଠନ ସମ୍ପାଦକ ସୁଜିତ ବେହେରା ପ୍ରମୁଖ ଯୋଗ ଦେଇ ସଙ୍ଗଠନ କୁ ଅଧିକ କ୍ରିୟାଶୀଳ କରିବା ସହ ଲକ୍ଷ୍ୟ ହାସଲ କରିବା ଦିଗରେ ଉଦ୍ୟମ ଜାରୀ ରଖିବା ପାଇଁ ମତ ଦେଇ ଥିଲେ ପ୍ରତି ବ୍ଲକ କୋର୍ଡିନେଟର ସେମାନଙ୍କ ବ୍ଲକ ଅନ୍ତର୍ଗତ କାର୍ଯ୍ୟରତ ଅଭିଜ୍ଞ ସାମ୍ବାଦିକ ଙ୍କ ତାଲିକା ପଠାଇଲା ପରେ ଚଳିତ ମାସ ୨୩ରେ ଫୁଲବାଣୀ ଠାରେ ସାମ୍ବାଦିକ ଙ୍କ ଦାବୀ ସଂପର୍କରେ ଆଲୋଚନା କରାଯିବ ପରେ ଜିଲାପାଳ ଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ ଓ ରାଜ୍ୟପାଳ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ସଙ୍ଗଠନ ସମ୍ପାଦକ ସୁଜିତ କୁମାର ବେହେରା ଧନ୍ୟ ବାଦ ଅର୍ପଣ କରିଥିଲେ ଜିଲାର ଫିରିଙ୍ଗିଆ, ଗୋ ଛା ପଡା, କୋଟଗଡ, ତୁମୁଡି ବନ୍ଧ,ବାଲିଗୁଡ଼ା, ଜି ଉଦୟଗିରି, କ ନୂଆଗାଁ, ଚକାପାଦ, ରାଇକିଆ , ଖଜୁରିପଡା ବ୍ଲକ୍ କୋ ଅର୍ଡି ନେଟ ର ଙ୍କ ସମେତ ବହୁ ବରିଷ୍ଠ ସାମ୍ବାଦିକ ଅଶୋକ ମହାନ୍ତି, ଶିବ ବିଶ୍ୱାଳ, ତ୍ରିନାଥ ସାହୁ, ସୂର୍ଯ୍ୟ ନାରାୟଣ ବେହେରା ବାଦ୍ୟ ନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ

# ବିକାଶର ଅନ୍ଧାରରେ ଜୀବର୍ଦ୍ଧନ ବିନ୍ଧାଣି ଓ ସ୍ତ୍ରୀ

ଖପ୍ରାଖୋଲ ୦୯।୦୯ (ଆନିସ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ସିନ୍ଧବାହାଲି ଗ୍ରାମ ଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ଜଙ୍ଗଲରେ କୁଡ଼ିଆ କରି ଅସହାୟ ଜୀବନ ବିତାଉଛନ୍ତି ବୃଦ୍ଧ ଜୀବର୍ଦ୍ଧନ ବିନ୍ଧାଣି ଓ ସ୍ତ୍ରୀ ଉଆଁସୀ ବିନ୍ଧାଣି । ଦମ୍ପତିଙ୍କ ପାଖରେ ଆଧାର କାର୍ଡ କିମ୍ବା ଭୋଟର ପରିଚୟ ପତ୍ର ନାହିଁ ଫଳରେ ବାର୍ଦ୍ଧକ୍ୟ ଭତ୍ତା ଓ ପିଡିଏସ୍ ଚାଉଳ ତଥା ସରକାରୀ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ମଧ୍ୟ ନାହିଁ । ଅଜଣା ରୋଗରେ ପୀଡ଼ିତ ହୋଇ ବୃଦ୍ଧା ଉଆଁସି ଚାଲିବା ଓ କାମ କରିବାରେ ଅସମର୍ଥ । ବୃଦ୍ଧ ଜୀବର୍ଦ୍ଧନଙ୍କ ଦୃଷ୍ଟି ଶକ୍ତି ଅତ୍ୟନ୍ତ କ୍ଷୀଣ ଯୋଗୁ ତାଙ୍କୁ ବହୁ ଅସୁବିଧା ଭୋଗୁଛନ୍ତି । ତଥାପି ନିଜେ କଷ୍ଟ ସହି ଅସୁସ୍ଥ ସ୍ତ୍ରୀଙ୍କ ପେଟରେ ଦାନା ଦେବା ପାଇଁ ସେ ଭିକ୍ଷା ମାଗୁଛନ୍ତି । କେବେ କେବେ ଭୋକରେ କାଟିବାକୁ ପଡ଼ୁଥିବା ଅଭିଯୋଗ ହେଉଛି । ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ମାସକୁ କିଛି ଚାଉଳ ମିଳୁଥିଲା । ବର୍ତ୍ତମାନ ତାହା ମଧ୍ୟ ମିଳୁନଥିବାରୁ ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଛି । ଗରିବଙ୍କ ପାଇଁ ଆବାସ, ଖାଦ୍ୟ ସୁରକ୍ଷା, ଭତ୍ତା ଓ ଚିକିତ୍ସାର ଅନେକ ଯୋଜନା ରହିଥିବା ବେଳେ ଜୀବର୍ଦ୍ଧନ ଓ ଉଆଁସୀଙ୍କ ପରି ଅସହାୟ ଲୋକ ସେସବୁ ଯୋଜନାରୁ ବଞ୍ଚିତ ହୋଇ ରହିଥିବା ପରିତାପର ବିଷୟ ଅଟେ । ସୂଚନାମୁତାବକ, ଖପ୍ରାଖୋଲ ବ୍ଲକରେ ଥିବା ଅଧିକାରୀ ବାବୁ ମାନେ ସମସ୍ୟା ଦେଖିବା କଥା ହେଲେ ଯେଉଁ କାର୍ଯ୍ୟ କରିବା ପାଇଁ ସରକାର ନିଯୁକ୍ତି ଦେଇଛନ୍ତି ତାହା ନକରି କେବଳ କାର୍ଯ୍ୟାଳୟ ରେ ବସି ମୋଟା ଅଙ୍କରେ ଦରମା ନେଉଛନ୍ତି ହେଲେ କାମ ଶୂନ୍ୟ । ବଲାଙ୍ଗୀର ଜିଲ୍ଲା ଓ ପାଟଣାଗଡ ଉପଖଣ୍ଡ ପ୍ରଶାସନ ତୁରନ୍ତ ଦମ୍ପତିଙ୍କ ପାଖରେ ପହଞ୍ଚି ପରିଚୟ ପତ୍ର, ଖାଦ୍ୟ, ଭତ୍ତା, ଆବାସ ଓ ଚିକିତ୍ସା ସହାୟତାର ବ୍ୟବସ୍ଥା କରିବାକୁ ଦାବି ହେଉଛି ।

# ରାଇକିଆ ବ୍ଲକ ପଞ୍ଚାୟତ ରାସ୍ତା ଶୋଚନୀୟ, ପ୍ରତିକାର ଦାବୀ



ଫୁଲବାଣୀ ୦୯।୯ (ଆନିସ): କନ୍ଧମାଳ ଜିଲ୍ଲା ରେ ଏପରି ଅନେକ ଇଲ୍ଲାକା ଅଛି ସେଥି ମଧ୍ୟରୁ କ ରଡା ଗ୍ରାମ ପଞ୍ଚାୟତ ଅନ୍ୟତମ । ବ୍ରିଟିଶ ଅମଳରେ ଯେମିତି ରାସ୍ତା ଥିଲା କେତେକାଂଶରେସେହି ରାସ୍ତା ଏବେ ମଧ୍ୟ କୁଆଡ଼େ ବଦଳି ନାହିଁ । ଦେଶ ସ୍ୱାଧୀନତା ର ୭୮ ବର୍ଷ ପରେ ମଧ୍ ନଦୀ ଉପରେ ପୋଲ ଟିଏ ନିର୍ମାଣ ହୋଇପାରିଲା ନାହିଁ । ନଦୀର ଦୁଇ ପଟେ ଅଧିକାଂଶ ଗ୍ରାମ ରହିଁଛି ।

ଖରାଦିନେ ନଦୀ ସୁଖୀ ଗଲେ ପଥର ନାଳ ଡେଇଁ ଲୋକେ ଯାତାୟାତ କରିଥାନ୍ତି । ବର୍ଷା ଦିନେ ଲୋକେ କିପରି ଯାତାୟାତ କରୁଥିବେ ତାହା ନଦୀ ଗର୍ଭ କୁ ଦେଖିଲେ ସ୍ପଷ୍ଟ ଅନୁମାନ କରି ହୁଏ । ପ୍ରଶାସନୀକ ଅଧିକାରୀ, ସ୍ୱେଚ୍ଛାସେବୀ, ଲୋକ ପ୍ରତିନିଧି, ମାନେ ସର୍ବଦା ନଜର ଅନ୍ଦାଜ କରି ଆସିଛନ୍ତି । ସଚିବ ଓ ନିର୍ଦ୍ଦେଶକ କନ୍ଧମାଳ ଗସ୍ତରେ ଆସିଲେ ସେମାନଙ୍କୁ ଏହି ସମସ୍ୟା ନେଇ ଅବଗତ କରାଯାଉ ନାହିଁ । ପଞ୍ଚାୟତ, ବ୍ଲକ ସମିତି ଓ ଜିଲ୍ଲା ପରିଷଦ ରେ ଏହି ସମସ୍ୟାରେ ଆଲୋଚନା ହୁଏ ନାହିଁ କି ବିଧାନ ସଭା ରେ ବି ଆଲୋଚନା ହୁଏ ନାହିଁ । ରାଇକିଆର ରାଡାବାଲି ଗ୍ରାମ ର ଅବସ୍ଥା ମଧ୍ୟ ସଚୋନୀୟ । ରାସ୍ତା ନାହିଁ ପାଞ୍ଚ ଖଣ୍ଡ ଗ୍ରାମକୁ ଖବର ପ୍ରକାଶ ହେଲା ପରେ ସି ଡି ଓ ଶମ୍ଭୁନାଥ ନନ୍ଦୀ ରାଡାବାଲି ଗ୍ରାମକୁ ପରିଦର୍ଶନରେ ଯାଇଥିଲେ ।ଜିଲ୍ଲା ପାଳ ମଧ୍ୟ ଏସବୁ ସମସ୍ୟା ଉପରେ ଅବଗତ ଅଛନ୍ତି । ତେବେ କେବେ ଏହି ଦୁଇ ଗ୍ରାମକୁ ପୋଲ ଓ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ହେବ ତାହା ଦେଖିବାକୁ ବାକି ରହିଲା ।

# ଏସ୍ଆଇଆର ତାଲିକାରେ ୬୨୦ ଭୋଟର ନାମ ବାଦକୁ ନେଇ ଅସନ୍ତୋଷ

ବିଞ୍ଝାରପୁର, ୯।୯ (ଆନିସ): ଏସ୍ଆଇଆର୍ ପ୍ରକ୍ରିୟାରେ ବିଞ୍ଝାରପୁର ବ୍ଲକର ସୟଦପୁର, ବିଞ୍ଝାରପୁର ଓ ଶାସନ୍ଦା ପଞ୍ଚାୟତର ପ୍ରାୟ ୬୨୦ ଜଣ ଭୋଟରଙ୍କ ନାମ ବାଦ ପାଇଁ ତାଲିକା ପ୍ରସ୍ତୁତ ହୋଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ନେଇ ସୟଦପୁର ପଞ୍ଚାୟତବାସୀ ବିଞ୍ଝାରପୁର ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।ସୂଚନାନୁଯାୟୀ, ପ୍ରାୟ ୬୨୦ ଜଣଙ୍କ ନାମ ଭୋଟର ତାଲିକାରୁ ବାଦ ପାଇଁ ଫର୍ମ-୭ ମାଧ୍ୟମରେ ଆବେଦନ କରାଯାଇଛି। ଏହି ତାଲିକାରେ ପୂର୍ବତନ ସରକାରୀ କର୍ମଚାରୀଙ୍କ ସମେତ ବର୍ତ୍ତମାନର ସରପଞ୍ଚଙ୍କ ନାମ ମଧ୍ୟ ଥିବା କୁହାଯାଉଛି। ତାଲିକା ପ୍ରସ୍ତୁତିର ଆଧାର ଓ ଏତେ ସଂଖ୍ୟକ ଲୋକଙ୍କ ନାମ ବାଦ ପାଇଁ ଚିହ୍ନଟ କରାଯିବାର କାରଣକୁ ନେଇ ପ୍ରଶ୍ନ ଉଠିଛି।ସୟଦପୁର ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ବ୍ୟକ୍ତିମାନଙ୍କ ନାମକୁ ନେଇ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ କିମ୍ବା ଆପତ୍ତି ଦର୍ଶାଯାଇଥିବା କୁହାଯାଉଛି, ସେମାନେ ନିଜେ କୌଣସି ଅଭିଯୋଗ କରିନାହାନ୍ତି। ତହସିଲଦାରଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ସୟଦପୁର ପଞ୍ଚାୟତର ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା ଦର୍ଶାଯାଇଛି ଅଭିଯୋଗକାରୀ ମାନେ ଘଟଣାର ସଠିକ୍ ତଦନ୍ତ କରିବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କ ଭୋଟଦାନ ଅଧିକାର ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରମୋଦ କୁମାର ବାସ୍କେ କହିଛନ୍ତି, ଏହି ତାଲିକା ନିର୍ବାଚନ କମିସନଙ୍କ ପକ୍ଷରୁ ଆସିଛି। ତାଲିକାକୁ ବିଏଲ୍ଓମାନଙ୍କ ନିକଟକୁ ପଠାଯାଇଛି। ବିଏଲ୍ଓମାନେ ଘରକୁ ଘର ଯାଇ ଯାଞ୍ଚ କରି ରିପୋର୍ଟ ଦେବେ। ଏହାପରେ ନିୟମାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।ତେବେ ନାମ ବାଦ ପାଇଁ କିଏ ଆବେଦନ କରିଛି ଓ କେଉଁ ଆଧାରରେ ନାମଗୁଡ଼ିକୁ ଚିହ୍ନଟ କରାଯାଇଛି, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟତା ଆସିନାହିଁ। ଅନ୍ୟପକ୍ଷରେ, ସୟଦପୁର ସରପଞ୍ଚ ମଧ୍ୟ ଘଟଣାରେ ଉଦ୍‌ବେଗ ପ୍ରକାଶ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଯୋଗ୍ୟ ଭୋଟରଙ୍କ ନାମ ଯେପରି ବାଦ ନପଡ଼େ, ସେଥିପାଇଁ ନିରପେକ୍ଷ ଯାଞ୍ଚ କରି ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆଣିବାକୁ ସେ ଦାବି କରିଛନ୍ତି।

# ସୋନପୁରରେ ଜିଲ୍ଲା ସ୍ତରୀୟ ଜୁନିୟର୍ ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

ସୋନପୁର /ବିନିକା ୯/୯(ଆନିସ )ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଜୁନିୟ୍ର ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ, ସୋନପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ଜୁନିୟ୍ର ରେଡ୍‌କ୍ରସ୍‌ର ଉପ ସଭାପତି ଶ୍ରୀ ଗତିକୃଷ୍ଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ଆୟୋଜିତ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରାଇଥିଲେ। ଏହି ଅବସରରେ ୨୦୨୫-୨୬ବର୍ଷରେ ଜିଲ୍ଲା ଜୁନିୟର୍ ରେଡ୍‌କ୍ରସ୍ ଦ୍ୱାରା ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବରିଷ୍ଠ ସାଧନକର୍ମୀ ହୃଷିକେଶ ଡାଙ୍ଗ ସମସ୍ତଙ୍କୁ ଅବଗତ କରାଇଥିଲେ ଏହାସହ ଜିଲ୍ଲା ଜୁନିୟ୍ର ରେଡ୍‌କ୍ରସ୍ ଅଫିସର ଶ୍ରୀ ଚନ୍ଦ୍ରମଣି ବାଘ ଜିଲ୍ଲା ଜୁନିୟ୍ର ରେଡ୍‌କ୍ରସ୍‌ର ଆଗାମୀ କାର୍ଯ୍ୟପନ୍ଥା ଓ ୨୦୨୬-୨୭ଆର୍ଥିକ ବର୍ଷର ବଜେଟ୍ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବରେ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଅଜୟ ଲୁହା, ପୂର୍ବତନ ଜୁନିୟର୍ ରେଡ୍‌କ୍ରସ୍ ଅଫିସର୍ ରବି ଚନ୍ଦ୍ର ପଶାୟତ,ସୁରେଶ ପ୍ରଧାନ, ବରିଷ୍ଠ ସାଧନକର୍ମୀ ଝସକେତନ ମେହେର, ୟୁଥ୍ ରେଡ୍‌କ୍ରସ୍ ସଂଯୋଜକ ଉମାକାନ୍ତ ନାଗ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଳାନ କୁମାର ପାଣ୍ଡିଆ,ଡିପିଇଓ ବାଲାଜୀ ବିଶ୍ୱନାଥ, ଜିଲ୍ଲା ପରିବହନ ଅଧିକାରୀ ଶାଲ୍‌ଖୋ ମୁର୍ମୁ, ଅଗ୍ନି ଶମ ସେବା ଅଧିକାରୀ ଭବେନ୍ଦ୍ରନାଥ ଦେ, ସାଧନକର୍ମୀ ଚନ୍ଦ୍ର ଶେଖର ମହାପାତ୍ର,ଗୋପେଶ ପଣ୍ଡା , ଜଗଦୀଶ ଦାଶ, ଶେଷଦେବ ଛତ୍ର,ଅନୁପ୍ରିୟା ମିଶ୍ର, ଆଶିଷ କୁମାର ନାଏକ, ପ୍ରଜ୍ଞା ପରମିତା ମିଶ୍ର,ପ୍ରଧାନ ଶିକ୍ଷୟିତ୍ରୀ ସୁହାସି ଦଣ୍ଡସେନା, ଅଧକ୍ଷ ସୁନିଲ କୁମାର ପଣ୍ଡା, ହେମନ୍ତ ମେହେର, ବଳରାମ ପୁରୋହିତ ଉପସ୍ଥିତ ରହି ଜୁନିୟର୍ ରେଡ୍‌କ୍ରସ୍ କାର୍ଯ୍ୟାବଳୀ ଉପରେ ସୁଚିନ୍ତିତ ମତାମତ ଦେବାସହ ଅଭିନବ କାର୍ଯ୍ୟକ୍ରମ ଗ୍ରହଣ ଉପରେ ଆଲୋଚନା କରିଥିଲେ।ଏହା ସହ ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ଳାନ କୁମାର ପାଣ୍ଡିଆଙ୍କୁ ଜିଲ୍ଲା ଜୁନିୟ୍ର ରେଡ୍‌କ୍ରସ୍‌ର ସମ୍ପାଦକଭାବେ ମନୋନୀତ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମକୁ ଡୁଙ୍ଗୁରିପାଲି ବି.ସି.ସି. ନିମାଇଁ ଚରଣ ମଲ୍ଲିକ୍ ସଂଯୋଜନା କରିଥିବାବେଳେ ସୋନପୁର ବି.ସି.ସି ବିକ୍ରମ କୁମାର ନନ୍ଦ,ତରଭା ବି.ସି.ସି ବିଜୟ କୁମାର ପଣ୍ଡା,ବିନିକା ବି.ସି.ସି ପବିତ୍ର ବାଗିଳ , ଉଲୁଣ୍ଡା ବି.ସି.ସି ବିଶ୍ୱନାଥ ପାଣିଗ୍ରାହୀ, ବୀରମହାରାଜପୁର ବି.ସି.ସି ବୈକୁଣ୍ଠ ନାୟକ ସହଯୋଗ କରିଥିଲେ।ଶେଷରେ ପରାମର୍ଶଦାତା ହୃଷିକେଶ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ

# କୋଲ କରିଡର ରାସ୍ତାରେ ଭାରୀ ଯାନବାହନର ଭିଡ଼, ହନ୍ତସନ୍ତ ଜନସାଧାରଣ

ସୁନ୍ଦରଗଡ଼ :୦୯/୦୯(ଆନିସ): ସୁନ୍ଦରଗଡ଼ ଜିଲ୍ଲାର କାଲୋବାହାଲ ଠାରୁ ଭେଡ଼ାବାହାଲ ଦେଇ ଯାଇଥିବା କୋଲ କରିଡର ରାସ୍ତାରେ ଭାରୀ ଯାନବାହନର ଅତ୍ୟଧିକ ଭିଡ଼ ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରାସ୍ତାରେ ସବୁବେଳେ ଭାରୀ ଗାଡ଼ି ଜମା ହୋଇ ରହୁଥିବାରୁ ଲୋକମାନେ ରାସ୍ତା ପାର ହେବା ସହ ଦୈନନ୍ଦିନ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ତେଲିପାଲି ଓ ନିଆଳିପାଲି



ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରୁଛନ୍ତି। ଏହି ରାସ୍ତାରେ କୋଲ କରିଡର ଥିବାରୁ ଭାରୀ ଯାନବାହନ ଚଳାଚଳ ମଧ୍ୟରେ ଲୋକଙ୍କୁ ରାସ୍ତା ପାର ହୋଇ ସୁନ୍ଦରଗଡ଼ ସହର ଆଡ଼କୁ ଯିବାକୁ ପଡ଼ୁଛି। ତା'ସହ ଅନେକ ଗାଡ଼ି ରାସ୍ତା କଡ଼ରେ ଅନିୟମିତ ଭାବେ ରହୁଥିବାରୁ ରାସ୍ତା ସଙ୍କୁଚିତ ହୋଇ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ରାସ୍ତାରେ ଏଭଳି ସ୍ଥିତି ଯୋଗୁଁ କେବଳ ଯାତାୟାତ ସମସ୍ୟା ସୃଷ୍ଟି ହେଉନାହିଁ, ଅଘଟଣର ଆଶଙ୍କା ମଧ୍ୟ ବଢ଼ିଛି। ବିଶେଷକରି ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ସାଧାରଣ ପଥଚାରୀମାନେ ଭାରୀ ଯାନବାହନ ମଧ୍ୟରେ ରାସ୍ତା ପାର ହେବା ବେଳେ ଅସୁବିଧାରେ ପଡ଼ୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାସ୍ତାରେ ଭାରୀ ଯାନବାହନ ଜମା ହୋଇ ରହିବା ଓ ଅନିୟମିତ ପାର୍କିଂ ସମସ୍ୟା ଦୀର୍ଘଦିନର। ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ନିୟମିତ ଯାଞ୍ଚ ସହ ଅନିୟମିତ ପାର୍କିଂ ଉପରେ କଡ଼ା ରୋକ୍ ଲଗାଇବା ଏବଂ ଆବଶ୍ୟକ ସ୍ଥାନରେ ଯାତାୟାତ ନିୟନ୍ତ୍ରଣ ବ୍ୟବସ୍ଥା କରିବା ଜରୁରୀ ହୋଇପଡ଼ିଛି।ତେଣୁ କାଲୋବାହାଲ ରୁ ଭେଡ଼ାବାହାଲ କୋଲ କରିଡର ରାସ୍ତାରେ ଅନିୟମିତ ଭାବେ ଜମି ରହୁଥିବା ଭାରୀ ଯାନବାହନକୁ ତୁରନ୍ତ ନିୟନ୍ତ୍ରଣ କରିବା ସହ ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାଣିକୋଇଲି ପୂର୍ତ୍ତ ଡିଭିଜନରେ ୭ ହଜାର ଗୁପ୍ତ ଟେଣ୍ଡରର ଅଭିଯୋଗ

ଯାଜପୁର,୮।୯(ଆନିସ): ପାଣିକୋଇଲି ପୂର୍ତ୍ତ ଡିଭିଜନରେ ଗୁପ୍ତ ଟେଣ୍ଡର ଓ ଏଗ୍ରିମେଣ୍ଟକୁ ନେଇ ଉଠିଛି ସଙ୍ଗିନ ଅଭିଯୋଗ। ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଡିଭିଜନରେ ପ୍ରାୟ ୭ ହଜାର ଅଫ୍‌ଲାଇନ୍/ଗୁପ୍ତ ଟେଣ୍ଡର ହୋଇଥିବା ନେଇ ଏକ ନିର୍ଭରଯୋଗ୍ୟ ସୂତ୍ର ଦାବି କରିଛି। ଏହାକୁ ନେଇ ବିଭାଗୀୟ ପ୍ରକ୍ରିୟା, ଏଗ୍ରିମେଣ୍ଟ ରେଜିଷ୍ଟରର ରକ୍ଷଣାବେକ୍ଷଣ ଏବଂ ପୁରୁଣା ତାରିଖରେ କାଗଜପତ୍ର ପ୍ରସ୍ତୁତିକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି।

ସବୁଠାରୁ ଚିନ୍ତାଜନକ ଅଭିଯୋଗ ହେଉଛି, ୨୦୨୫-୨୬ ଆର୍ଥିକ ବର୍ଷ ମାର୍ଚ୍ଚ ୩୧ରେ ଶେଷ ହୋଇଥିଲେ ମଧ୍ୟ ଏହି ଆର୍ଥିକ ବର୍ଷର ଏଗ୍ରିମେଣ୍ଟ ରେଜିଷ୍ଟର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନଥିବା ଅଭିଯୋଗ ହୋଇଛି। ବରଂ ପ୍ରାୟ ୫ ମାସ ପରେ ମଧ୍ୟ ରେଜିଷ୍ଟରରେ ଖାଲି ସ୍ଥାନ ରଖାଯାଇଥିବା ଏବଂ ସେହି ସ୍ଥାନରେ ପୁରୁଣା କାର୍ଯ୍ୟ ସମ୍ପର୍କିତ ଏଗ୍ରିମେଣ୍ଟ ଚଢ଼ାଇବା ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷର ପ୍ରାୟ ୪୫୭୦ଟି ଏଗ୍ରିମେଣ୍ଟ/କାର୍ଯ୍ୟ ଏଗ୍ରିମେଣ୍ଟ ରେଜିଷ୍ଟରରେ ଚଢ଼ାଯାଇସାରିଛି। ତେବେ ଏହା ପରେ ମଧ୍ୟ ପ୍ରାୟ ୨୫୦୦ଟି ଏଗ୍ରିମେଣ୍ଟ ପାଇଁ ରେଜିଷ୍ଟରରେ ଖାଲି ସ୍ଥାନ ରଖାଯାଇଥିବା ଅଭିଯୋଗ ହୋଇଛି।ଏହି ଖାଲି ସ୍ଥାନ କାହିଁକି ରଖାଗଲା ଆର୍ଥିକ ବର୍ଷ ଶେଷ ହେବାର ମାସମାସ ପରେ ମଧ୍ୟ ପୁରୁଣା କାର୍ଯ୍ୟର ଏଗ୍ରିମେଣ୍ଟ ଚଢ଼ାଇବାର ଆବଶ୍ୟକତା କ'ଣ ଯଦି କାମ ନିର୍ଦ୍ଧାରିତ ସମୟରେ ହୋଇଥିଲା, ତେବେ ସେହି ସମୟରେ ଏଗ୍ରିମେଣ୍ଟ ରେଜିଷ୍ଟରରେ ଏଣ୍ଟ୍ରି କରାଯାଇନଥିଲା କାହିଁକି ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଏଚିପୂର୍ବରୁ କ୍ରାସ୍ ବ୍ୟାରିୟର ନିର୍ମାଣ ଓ ସ୍ଥାପନାକୁ ନେଇ ଶହେ କୋଟି ଟଙ୍କାର ଗୁପ୍ତ ଟେଣ୍ଡର ହୋଇଥିବା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ମହଲରେ ତତ୍ପରତା ବଢ଼ିଥିବା ଅଭିଯୋଗ ହୋଇଛି।ବିଶେଷକରି କ୍ରାସ୍ ବ୍ୟାରିୟର କାମରେ ଅନିୟମିତତା ନେଇ ପ୍ରଶ୍ନ ଉଠୁଥିବା ବେଳେ ହଠାତ୍ ପୁରୁଣା କାମଗୁଡ଼ିକର ଏଗ୍ରିମେଣ୍ଟ ଓ କାଗଜପତ୍ର ପ୍ରସ୍ତୁତି ପାଇଁ ତତ୍ପରତା କାହିଁକି ବଢ଼ିଲା, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।ସୂତ୍ର ଅନୁଯାୟୀ, ଗତ ଦୁଇ ବର୍ଷ ମଧ୍ୟରେ ପାଣିକୋଇଲି ପୂର୍ତ୍ତ ଡିଭିଜନରେ ୧୦ ହଜାରରୁ ଅଧିକ ଅଫ୍‌ଲାଇନ୍/ଗୁପ୍ତ ଟେଣ୍ଡର ହୋଇଥିବା ଦାବି କରାଯାଉଛି। ତାହା ମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ସଂଖ୍ୟା ସର୍ବାଧିକ ଥିବା କୁହାଯାଉଛି।ଏତେ ବିପୁଳ ସଂଖ୍ୟାରେ ଅଫ୍‌ଲାଇନ୍ ଟେଣ୍ଡର କେଉଁ ପ୍ରକ୍ରିୟାରେ ହେଲା କେଉଁ କେଉଁ କାମ ପାଇଁ ଏଗୁଡ଼ିକ ହୋଇଥିଲା କେତେ ଟଙ୍କାର କାମ ହୋଇଛି କେଉଁ ଠିକାଦାରଙ୍କୁ କେତେ କାମ ଦିଆଯାଇଛି ଏହି ସମସ୍ତ ତଥ୍ୟ ସାର୍ବଜନୀନ ହେଲେ ଚିତ୍ର ସ୍ପଷ୍ଟ ହେବ ବୋଲି ମତ ପ୍ରକାଶ ପାଇଛି।ଅନ୍ୟପକ୍ଷରେ ଯାଜପୁର ଜିଲ୍ଲାର ବିଭିନ୍ନ ରାସ୍ତାର ଅବସ୍ଥା ଏବେ ଚିନ୍ତାଜନକ। ଅନେକ ସ୍ଥାନରେ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବା ବେଳେ ନିୟମିତ ମରାମତି ଅଭାବରୁ ଯାତାୟାତ ପ୍ରଭାବିତ ହେଉଛି। ଏଭଳି ସମୟରେ ବିପୁଳ ସଂଖ୍ୟକ ଗୁପ୍ତ/ଅଫ୍‌ଲାଇନ୍ ଟେଣ୍ଡର ମାଧ୍ୟମରେ ବ୍ୟାପକ ଅର୍ଥ ଖର୍ଚ୍ଚ ହେଉଥିବା ଅଭିଯୋଗ ସ୍ୱାଭାବିକ ଭାବେ ପ୍ରଶ୍ନ ସୃଷ୍ଟି କରିଛି। ବିଭିନ୍ନ ସମୟରେ ଭିଆଇପି ଗସ୍ତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନାଁରେ ମଧ୍ୟ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିବା ନେଇ ଅଭିଯୋଗ ରହିଛି।

ଏହି ସମସ୍ତ କାର୍ଯ୍ୟର ଟେଣ୍ଡର, ଏଗ୍ରିମେଣ୍ଟ, ବିଲ୍, ମାପ ବହି ଓ ପେମେଣ୍ଟ ରେକର୍ଡ ଯାଞ୍ଚ କରାଗଲେ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ।ପୂର୍ବରୁ ମଧ୍ୟ ପାଣିକୋଇଲି ପୂର୍ତ୍ତ ଡିଭିଜନକୁ ନେଇ ବିଭିନ୍ନ ସମୟରେ ଅନିୟମିତତାର ଅଭିଯୋଗ ଉଠିଥିଲା। ବିଶେଷକରି ଗୁପ୍ତ ଟେଣ୍ଡର ଓ ଡିଏମ୍ଏଫ୍ ଅର୍ଥରେ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ନେଇ ପ୍ରଶ୍ନ ଉଠିଥିଲା।

ସରକାର ପରିବର୍ତ୍ତନ ପରେ ବିଭାଗୀୟ କାର୍ଯ୍ୟରେ ସ୍ୱଚ୍ଛତା ଆସିବ ଏବଂ ଟେଣ୍ଡର ପ୍ରକ୍ରିୟା ଅଧିକ ପାରଦର୍ଶୀ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ନୂଆ ଅଭିଯୋଗ ସେହି ଆଶା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଡିଭିଜନରେ ପୁରୁଣା ତାରିଖରେ କାଗଜପତ୍ର ପ୍ରସ୍ତୁତି ନେଇ ଚାପ ପ୍ରୟୋଗ କରାଯାଉଥିବା ଏବଂ ପ୍ରାୟ ୨୫୦୦ଟି ଏଗ୍ରିମେଣ୍ଟ ପାଇଁ ରେଜିଷ୍ଟରରେ ସ୍ଥାନ ରଖାଯାଇଥିବା ନେଇ ସୂଚନା ମିଳିଛି।ଯଦି ଏହି ଅଭିଯୋଗ ସତ୍ୟ, ତେବେ ଏହା କେବଳ ବିଭାଗୀୟ ନିୟମର ପ୍ରଶ୍ନ ନୁହେଁ, ବରଂ ସରକାରୀ ରେକର୍ଡର ବିଶ୍ୱସନୀୟତା ସହ ଜଡ଼ିତ ଏକ ଗୁରୁତର ବିଷୟ। ତେଣୁ ଏହାର ନିରପେକ୍ଷ ଯାଞ୍ଚ ଆବଶ୍ୟକ ବୋଲି ଦାବି ହୋଇଛି।ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ, ଏଭଳି ଏଗ୍ରିମେଣ୍ଟ ରେଜିଷ୍ଟର, ପୁରୁଣା କାଗଜପତ୍ର କିମ୍ବା ପିଛିଲା ତାରିଖରେ ଏଗ୍ରିମେଣ୍ଟ ଚଢ଼ାଇବା ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନଥିବା ସେ କହିଛନ୍ତି।ଏହି ସମସ୍ତ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ସମସ୍ତ ଅଫ୍‌ଲାଇନ୍ ଟେଣ୍ଡର, ଏଗ୍ରିମେଣ୍ଟ ରେଜିଷ୍ଟର, ଟେଣ୍ଡର ଫାଇଲ୍, ୱର୍କ ଅର୍ଡର, ମାପ ବହି, ବିଲ୍ ଏବଂ ପେମେଣ୍ଟ ରେକର୍ଡର ନିରପେକ୍ଷ ଯାଞ୍ଚ କରିବାକୁ ଦାବି ହୋଇଛି।ବିଶେଷକରି ଆର୍ଥିକ ବର୍ଷ ଶେଷ ହେବାର ପ୍ରାୟ ୫ ମାସ ପରେ ମଧ୍ୟ ଏଗ୍ରିମେଣ୍ଟ ରେଜିଷ୍ଟରରେ ଖାଲି ସ୍ଥାନ କାହିଁକି ରଖାଯାଇଛି ଏବଂ ସେଥିରେ ପୁରୁଣା କାମର ଏଗ୍ରିମେଣ୍ଟ ଚଢ଼ାଇବାର ଉଦ୍ଦେଶ୍ୟ କ'ଣ।ଏହାର ଉତ୍ତର ମିଳିଲେ ହିଁ ସମଗ୍ର ଘଟଣାର ପ୍ରକୃତ ଚିତ୍ର ସ୍ପଷ୍ଟ ହେବ।

# ବିଦ୍ୟୁତ ଆଘାତରେ ଯୁବ ସମାଜସେବୀଙ୍କ ମୃତ୍ୟୁ

କେନ୍ଦୁଝର, ୯।୯ (ଆନିସ): ସ୍ୱାମପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତ ଅନ୍ତର୍ଗତ ମୁସାନାଳି ସାହିରେ ଆଜି ଘଟିଯାଇଛି ଏକ ଅଭାବନୀୟ ଘଟଣା। ଯାହା ସମଗ୍ର ମୂଷାଖୋରୀ ଓ ମଲ୍ଲିପଶି ଗ୍ରାମରେ ଶୋକରଛାୟା ଖେଳାଇଦେଇଛି। ଆଜି ସକାଳେ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ଦୟାନିଧି ମହାନ୍ତ (୪୮ ବର୍ଷ) ଘରେ ଇଲେକ୍ଟ୍ରିକାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସ୍ୱାମପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପରିବାର ଲୋକେ ନେଇଥିଲେ କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ଜଣେ ଜଗନ୍ନାଥ ପ୍ରେମୀ, ଧାର୍ମିକ, ସମାଜସେବୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁର ଖବରପାଇ ସ୍ଥାନୀୟ ସରପଞ୍ଚ ଭାମାମଣୀ ଦାସ, ସମାଜସେବୀ ଗୌତମ ଦାସ, ବରିଷ୍ଠ ଶିକ୍ଷକ ପାର୍ଥସାରଥି ବେଜ, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ,ଶିବମ କମ୍ପାନୀର ଫିଲ୍ଡ ଅଫିସର ଭଗବାନ ମହାନ୍ତଙ୍କ ସମେତ ମଲ୍ଲିପଶି ଜଗନ୍ନାଥ କମିଟିର ସଦସ୍ୟ, ଗ୍ରାମବାସୀ ଓ ଆତ୍ମୀୟସ୍ୱଜନ ମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ଅଳ୍ପ କିଛିଦିନ ହେବ ସେ ଧାନ କିଣାବିକା ପାଇଁ ଶିବମ କମ୍ପାନୀରେ କାମ କରୁଥିଲେ। ବର୍ତ୍ତମାନ ତାଙ୍କ ବିଧବା ପତ୍ନୀ ତୁଳସୀ ଆଉ ପୁଅ ତନ୍ମୟ ଝିଅ ଆଦ୍ୟାଶାଙ୍କ ଭବିଷ୍ୟତ ଅନ୍ଧକାର। କେମିତି ବଞ୍ଚିବେ ସେମାନେ ତାହା ଚିନ୍ତା , ଏପଟେ ବୃଦ୍ଧ ବାପା ଜଣେ ପାରାଲିସିସ୍ ରୋଗୀ। ସଭିଙ୍କୁ ଭଗବାନ ହିଁ ଭରସା ହୁଅନ୍ତୁ ବୋଲି ସେଠାରେ ଆଲୋଚନା ହେଉଛି।

# ଅଜଣା ଗାଡି ଧକ୍କାରେ ମହିଳା ମୃତ୍ୟୁ

ବିନିକା/ଜାମଛାପର ୮/୯(ଆନିସ)ସୋନପୁର ବିନିକା ମୁଖ୍ୟ ରାସ୍ତା କର୍ଡଙ୍ଗ ଛକରେ ଅଜଣା ଗାଡି ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ଙ୍କ ମୃତ୍ୟୁ ଘଟିଛି ମହିଳା ଙ୍କ ପରିଚୟ ଜଣାପଡ଼ିନାହିଁ ସୂଚନା ଅନୁସାରେ, ମାନସିକ ଗ୍ରସ୍ତ ମହିଳା ଜଣକ କିଛିଦିନ ହେଲା କର୍ଡଙ୍ଗ ଛକ ନିକଟରେ ବୁଲାବୁଲି କରୁଥିଲା ଆଜି ରାତି ପ୍ରାୟ ସାଢେ ଆଠଟା ରେ ମହିଳା ଜଣକ ରାସ୍ତାରେ ଯାଉଥିବା ବେଳେ ସୋନପୁର ପଟରୁ ବିନିକା ପଟକୁ ଆସୁଥିବା ଏକ ଅଜଣା ଗାଡି ତାକୁ ଧକ୍କା ଦେଇ ଫେରାର ମାରିଥିଲା । ଖବର ପାଇ ବିନିକା ଥାନାଧିକାରୀ ଅନିତା କିଡୋ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି ମହିଳା ଙ୍କ ଶବ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା କୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

# ନୂଆଖାଇ ପାଇଁ ଉତ୍ସାହିତ କଳାହାଣ୍ଡିର ଚଷାପୁଅ

ଭବାନୀପାଟଣା: ବଣ ଜଙ୍ଗଲ ଘେରା କଳାହାଣ୍ଡି ଜିଲ୍ଲା । ଏଠାରେ କୃଷି କାର୍ଯ୍ୟ ଲୋକଙ୍କ ମୁଖ୍ୟ ବେଉସା । ତେଣୁ କେବଳ ଚାଲିଚଳଣୀ ନୁହେଁ ଏଠିକାର ପର୍ବପର୍ବାଣୀ ଓ ଯାନିଯାତ୍ରାରେ ବି ନାଚଗୀତର ଆସର ଜମେ ଆଉ ସବୁଥିରେ ସ୍ପଷ୍ଟ ବାରି ହୋଇ ପଡ଼େ ଚାଷ ଓ ଚାଷୀର ମହକ । ବାର ମାସରେ ତେର ପର୍ବ ପାଳନ ହେଉଥିଲେ ବି ନୂଆଖାଇ ହେଉଛି କଳାହାଣ୍ଡିର ଗଣପର୍ବ । ପ୍ରଥମ ଫସଲକୁ ଆରାଧ୍ୟ ଦେବୀଙ୍କ ପାଖରେ ଅର୍ପଣ କରିବାର ରୀତିନୀତି ହିଁ ନୂଆଖାଇ ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ନୂଆଖାଇ ହେଉଛି କୃଷିଭିତ୍ତିକ ଗଣପର୍ବ ।

ଏନେଇ କଳାହାଣ୍ଡି ଜିଲ୍ଲାର ଚାଷୀ ସାନ ମାଝୀ କହିଛନ୍ତି, ଦେବୀ ଦେବତାଙ୍କୁ ପୂଜା କରି ଆମେ ଚାଷ କରିଥାଉ । ଚାଷ କାମ ସାରିବା ପରେ ହଳ ଲଙ୍ଗଳକୁ ଧୋଇ ଦେଇ ପୂଜାର୍ଚ୍ଚନା କରି ରଖି ଦେଉ । ପରେ ଅମଳ ହୋଇଥିବା ଧାନକୁ ଆଣି ପୂଜାର୍ଚ୍ଚନା କରିକି ନୂଆ ଖାଇଥାଉ । ନୂଆଖାଇକୁ ନେଇ ବହୁତ ଖୁସି ଲାଗୁଛି ।

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟାରେ ଚାଷୀ ଚାଷ ଅନୁକୂଳ କରେ । ସକାଳୁ ସକାଳୁ ହଳ ଲଙ୍ଗଳ ଧରି ବେଶ୍



ଉତ୍ସାହରେ ଜମିକୁ ଯାଏ । ମାଟି ମାକୁ ପୂଜା କରେ । ଏକ ଭଲ ଫସଲର କାମନା କରି ଆରମ୍ଭ କରେ ଅକ୍ଷିମୁଠି । ହଳିଆ ଗୀତରେ ଉଚ୍ଛୁଳି ପଡ଼େ ଖେତ । ଜ୍ୟେଷ୍ଠର ଟାଇଁ ଟାଇଁ ଖରାରେ ବି ଅସରାଏ ବର୍ଷାରେ ଗଜା ହୁଏ ସରିଆ ଧାନ । ମାସକ ପରେ ବର୍ଷା ଋତୁ । ଚାଷରେ ମାତିଯାଏ ଚଷାପୁଅ । ରୁଆ ବେଉଷଣ ପରେ ଆସେ ଗହ୍ମା ବା ରାଖୀ ପୂର୍ଣ୍ଣିମା । ହଳ ବଳଦଙ୍କ କାମ ସରିଯାଇଥିବାରୁ ସେମାନଙ୍କୁ ରାଖୀ ପିନ୍ଧାଇ ବେଶ୍ ଧୁମଧାମ୍‌ରେ ଗହ୍ମା ପୂର୍ଣ୍ଣିମା ପାଳନ ହୁଏ । ଧାରା ଶ୍ରାବଣ ମାସ, ମେଘ ଫାଟି ବର୍ଷା ହୁଏ । ଭଲ ବର୍ଷାଟିଏ ଦେଖି ଚାଷୀ ପୁଅର ମନ ଉଚ୍ଛୁଳି ପଡ଼େ । କେଉଁଠି କେମିତି ରହିଯାଇଥିବା ରୁଆ ବେଉଷଣକୁ ତୁରନ୍ତ ସାରିଦିଏ । ଦେଖୁ ଦେଖୁ ବିଲରେ ଲହଡ଼ାମାରେ ଧାନ କିଆରୀ । ଭାଦ୍ରବ ମାସରେ ଶିହରି ଉଠେ ସରିଆ ଧାନ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷ କରିଥିବାରୁ ପ୍ରଥମ ଫସଲକୁ ଦେଖି ଆତ୍ମହରା ହୁଏ ଚାଷୀ । ପରମ୍ପରା ଅନୁଯାୟୀ, ପ୍ରଥମ ଫସଲକୁ ଆରାଧ୍ୟ ଦେବୀଙ୍କୁ ଅର୍ପଣ କରିବା ପାଇଁ ପ୍ରସ୍ତୁତ ହୁଏ ଚାଷୀପୁଅ । ଏହା ହିଁ ହେଉଛି ନୂଆଖାଇର ପରମ୍ପରା । ତେଣୁ ଚାଷ ଓ ଚାଷୀଙ୍କୁ ନେଇ ଏଠିକାର ଜୀବନ ଜୀବିକା, ପର୍ବପର୍ବାଣୀ ଓ କଳା ସଂସ୍କୃତି ଜଡ଼ିତ।

କଳାହାଣ୍ଡି ଜିଲ୍ଲାର ଚାଷୀ ଦେବାନନ୍ଦ ଯୋଶୀ କହିଛନ୍ତି ଯେ, ନୂଆଖାଇ ବର୍ଷକୁ ଥରେ ଆସିଥାଏ । ନୂଆଖାଇ କେବେ ଆସିବ ଆମେ ଅପେକ୍ଷା କରିଥାଉ । ଆମ ଚାଷୀମାନଙ୍କ ପରିଶ୍ରମର ଯେଉଁ ପ୍ରଥମ ଶସ୍ୟ ମିଳେ ତାକୁ ହିଁ ଆମେ ନୂଆଖାଇ ବୋଲି ମାନିଥାଉ । ସେହି ଶସ୍ୟକୁ ମାଟି ମାଆ ଓ ଇଷ୍ଟଦେବୀଙ୍କୁ ଅର୍ପଣ କରି ଆମେ ସେହି ଶସ୍ୟକୁ ଗ୍ରହଣ କରିଥାଉ । ଏହି ପର୍ବକୁ ନେଇ ଚାଷୀ ବହୁତ ଉତ୍ସାହିତ ଅଛନ୍ତି ।

ସଂସ୍କୃତି ଗବେଷକ ପରମେଶ୍ୱର ମୁଣ୍ଡ କହିଛନ୍ତି, ପୃଥିବୀରେ ଯେତେ ପର୍ବ ଅଛି, ତାହା ଭିତରୁ ନୂଆଖାଇ ନିଆରା । କୃଷି କାର୍ଯ୍ୟରୁ ମଣିଷର ବୈଜ୍ଞାନିକ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯେହେତୁ ଆମ ଅଞ୍ଚଳରେ ଅଧିକ ଧାନ ଚାଷ କରାଯାଏ । ଏହି ଅଞ୍ଚଳରୁ ଧାନର ଉତ୍ପତ୍ତି ହୋଇଛି ବୋଲି ଅନେକ ବୈଜ୍ଞାନିକ ସ୍ୱୀକାର ମଧ୍ୟ କରିସାରିଛନ୍ତି । ତେଣୁ ପଶ୍ଚିମ ଓଡ଼ିଶାରେ ଧାନକୁ ଗୁରୁତ୍ୱ ଦିଆଯାଏ । ଚାଷ କରିବା ପାଇଁ ଚାଷୀକୁ ବିଭିନ୍ନ ସମୟରେ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ । କେବଳ ପରିଶ୍ରମ ନୁହେଁ ଅନେକ ନୀତି ନିୟମ ମଧ୍ୟ ମାନିବାକୁ ପଡ଼େ । ଚାଷୀଟିଏ କ୍ଷେତରେ ପରିଶ୍ରମ କରିବା ପରେ ଅମଳ ଫସଲକୁ ନେଇ ମାଟି ମାଆକୁ ପୂଜାର୍ଚ୍ଚନା କରି ନୂଆଖାଇ ପାଳନ କରିଥାଏ ।

# ସରକାରଙ୍କ ନୂତନ ନୀତିକୁ ନେଇ ଖପ୍ପା ଗାଁ ସାଥୀ

## ବିଧାନସଭା ଘେରାଉ ପାଇଁ ସଜବାଜ

କୋଦଳା,୯।୯ (ଆନିସ): ରାଜ୍ୟ ସରକାରଙ୍କ ନୂତନ ନିୟମକୁ ନେଇ ଖପ୍ପା ଗାଁ ସାଥୀ ସଂଘ। ଏମ୍ ଏମ୍ ଏମ୍ ଏସ୍ କାର୍ଯ୍ୟକୁ ବିରୋଧ। ରାଜ୍ୟ ଗାଁ ସାଥୀ ସଂଘର ଆହ୍ବାନ କ୍ରମେ ଆଗାମୀ ଦିନରେ ବିଭିନ୍ନ ଦାବିରେ ବିଧାନସଭା ଘେରାଉ କରିବେ ରାଜ୍ୟର ସମସ୍ତ ଗାଁ ସାଥୀ ମାନେ। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ବେଗୁନିଆପଡ଼ା ବିଡ଼ିଓଙ୍କ ଅନୁପସ୍ଥିତିରେ ଜିପିଓଙ୍କୁ ପ୍ରଦାନ କରାଯାଇଛି। ସଭାପତି ରବିନ୍ଦ୍ର ନାଥ ଗୌଡ଼, ସଂପାଦକ ଚରଣ ନାୟକଙ୍କ ସମେତ ବହୁ ଗାଁ ସାଥୀ ବୁଧବାର ବେଗୁନିଆପଡ଼ା ବ୍ଲକରେ ଏହି ଦାବିପତ୍ର



ପ୍ରଦାନ କରିବା ସହ ଆସନ୍ତା ୧୧ ଓ ୨୩ ସେପ୍ଟେମ୍ବର ୨ ଦିନ ଏନ୍‌ଏମ୍‌ଏମ୍‌ଏସ୍ କାର୍ଯ୍ୟରୁ ବିରତି ରହିବା ନେଇ ଜଣାଇଛନ୍ତି।

ଗଞ୍ଜାମ ଜିଲ୍ଲାରେ ଗାଁ ସାଥୀ (ମେଟ୍) ମାନଙ୍କ ପାଇଁ ଆସିଥିବା ଏନ୍‌ଏମ୍‌ଏମ୍‌ଏସ୍ କାର୍ଯ୍ୟକୁ ନେଇ ଗାଁ ସାଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏହାକୁ ନେଇ ରାଜ୍ୟ ଗାଁ ସାଥୀ ମେଟ୍ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସଂଘର ଅଭିଯୋଗ ଅନୁସାରେ, ଗାଁ ସାଥୀ ମେଟ୍‌ମାନେ ଦୀର୍ଘଦିନ ଧରି ମନରେଗା ଏନ୍‌ଏମ୍‌ଏମ୍‌ଏସ୍ କାର୍ଯ୍ୟରେ ନିୟୋଜିତ ରହି ଶ୍ରମିକମାନଙ୍କୁ କାମ ଯୋଗାଇବା ସହ ବିଭିନ୍ନ ଦାୟିତ୍ୱ ତୁଲାଇ ଆସୁଛନ୍ତି। କିନ୍ତୁ ନୂଆ ଭାବେ ଏନ୍‌ଏମ୍‌ଏମ୍‌ଏସ୍ କାର୍ଯ୍ୟରେ ନିୟୋଜିତ କରାଯିବା ଫଳରେ ସେମାନଙ୍କ ଉପରେ ଅତିରିକ୍ତ ଚାପ ପଡ଼ିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ତେଣୁ ଏନ୍‌ଏମ୍‌ଏମ୍‌ଏସ୍ କାର୍ଯ୍ୟରୁ ଗାଁ ସାଥୀ ମେଟ୍‌ମାନଙ୍କୁ ବିରତ ରଖିବା ଏବଂ ସେମାନଙ୍କ ଦାବି ପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# କୁକୁଡାଖଣ୍ଡି ବ୍ଲକରେ ଆରମ୍ଭ ହେଲା ସାକ୍ଷରତା ରଥ



କୁକୁଡାଖଣ୍ଡି,୯।୯ (ଆନିସ): ଶିକ୍ଷାଠାରୁ ଦୂରେଇ ଯାଇଥିବା ଲୋକ ଙ୍କୁ ପୁଣିଥରେ ଶିକ୍ଷାର ମୁଖ୍ୟସ୍ରୋତ କୁ ଫେରାଇ ଆଣିବା ଏବଂ ସାକ୍ଷରତା ର ବାର୍ତ୍ତା ପ୍ରତ୍ୟେକ ଗାଁରେ ପହଞ୍ଚାଇବା ଲକ୍ଷ୍ୟରେ ସାକ୍ଷରତା ରଥର ଶୁଭାରମ୍ଭ ।କୁକୁଡାଖଣ୍ଡି ବ୍ଲକରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ଏଥିରେ ଯୋଗଦେଇ ସାକ୍ଷରତା ରଥକୁ ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଅତିରିକ୍ତ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠୀ, ଶିକ୍ଷକ ହେମନ୍ତ କୁମାର ସେଠୀଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାକ୍ଷରତା ର ଗୁରୁତ୍ୱ ଏବଂ ଶିକ୍ଷାଠାରୁ ବଞ୍ଚିତ ଲୋକଙ୍କୁ ପୁଣିଥରେ ପାଠପଢ଼ା ସହ ଯୋଡ଼ିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା।ସାକ୍ଷରତା ରଥର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଯେଉଁମାନେ କୌଣସି କାରଣରୁ ପାଠପଢ଼ା ଛାଡ଼ି ଦେଇଛନ୍ତି, ସେମାନଙ୍କୁ ପୁଣିଥରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେବା। ଏଥିପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସୁବିଧା ମାଗଣାରେ ଯୋଗାଇ ଦିଆଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର କହିଛନ୍ତି।ଶିକ୍ଷା କେବଳ ବିଦ୍ୟାଳୟରେ ସୀମିତ ନ ରହି ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବା ଏହି ଅଭିଯାନର ଲକ୍ଷ୍ୟ। ଏହି ସାକ୍ଷରତା ରଥ କୁକୁଡାଖଣ୍ଡି ବ୍ଲକ ଅଧୀନସ୍ଥ ସମସ୍ତ ଗ୍ରାମ ପରିକ୍ରମା କରିବ। ଗାଁ ଗାଁରେ ଲୋକଙ୍କୁ ସାକ୍ଷରତା ଓ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯିବା ସହ ପାଠପଢ଼ାରୁ ଦୂରେଇ ଯାଇଥିବା ବ୍ୟକ୍ତିଙ୍କୁ ପୁଣିଥରେ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ଉଦ୍ୟମ କରାଯିବ। କୁକୁଡାଖଣ୍ଡି ବ୍ଲକରେ ଆରମ୍ଭ ହୋଇଥିବା ଏହି ସାକ୍ଷରତା ରଥ ଅଭିଯାନ ଶିକ୍ଷାଠାରୁ ବଞ୍ଚିତ ଲୋକଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।।

# ୧୬ ଲକ୍ଷ ଟଙ୍କା ଠକେଇ ମାମଲାରେ ପାରଳା ପୋଲିସ ଦ୍ୱାରା ଜଣେ ଯୁବକ ଗିରଫ




ପାରଳାଖେମୁଣ୍ଡି:୯।୯(ଆନିସ) ୧୬ ଲକ୍ଷ ଟଙ୍କା ଠକେଇ ଓ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ପାରଳାଖେମୁଣ୍ଡି ଥାନା ପୋଲିସ ଆନ୍ଧ୍ରପ୍ରଦେଶର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଜାଲୁମୁରୁ ଥାନା ଅନ୍ତର୍ଗତ ଜଗନ୍ନାଥପୁରମ ଗ୍ରାମର କେଲି ଉଦୟ କୁମାର (୩୫)। ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୋଗକାରୀ ପୁନ୍ନା ମୋହନ ରାଓଙ୍କ ସହ ଉଦୟଙ୍କ ପୂର୍ବରୁ ପରିଚୟ ଥିଲା। ଏହାର ସୁଯୋଗ ନେଇ ଉଦୟ ନିଜ ଘର ନିର୍ମାଣ ପାଇଁ ମୋହନଙ୍କୁ ୧୬ ଲକ୍ଷ ଟଙ୍କା ଧାର ମାଗିବା ସହ ୧୫ ପ୍ରତିଶତ ସୁଧ ସହ ମୂଳ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୋହନ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଟଙ୍କା ସଂଗ୍ରହ କରି ଉଦୟଙ୍କୁ ଦେଇଥିଲେ। ଏ ନେଇ ୨୦୨୫ ଜୁନ୍ ୨୪ ଓ ୩୦ ତାରିଖରେ ପାରଳାଖେମୁଣ୍ଡି ନୋଟାରୀଙ୍କ ସମ୍ମୁଖରେ ଦୁଇଟି ଚୁକ୍ତିପତ୍ର ହେବା ସହ ଉଦୟ ଦୁଇଟି ଚେକ୍ ପ୍ରଦାନ କରିଥିଲେ। ତେବେ ମୋହନ ବ୍ୟାଙ୍କରେ ଚେକ୍ ଜମା କରିବା ପରେ ଉଦୟଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ଅର୍ଥ ନ ଥିବାରୁ ଚେକ୍ ଦ୍ୱୟ ବାଉନ୍ସ ହୋଇଯାଇଥିଲା। ଏହା ପରେ ମୋହନ ଟଙ୍କା ଫେରସ୍ତ ପାଇଁ ବାରମ୍ବାର ଦାବି କରିଥିଲେ ମଧ୍ୟ ଉଦୟ ଟଙ୍କା ନ ଦେଇ ଫେରାର ହୋଇଯିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ. ଏ ନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ ୦୫/୨୦୨୬ ରୁଜୁ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଟିମ୍ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ଆବଶ୍ୟକୀୟ ଦସ୍ତାବିଜ ଜବତ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ମିଳିବା ପରେ ପୋଲିସ ଉଦୟଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି.

# ଯୁବକକୁ ଛୁରୀରେ ଆକ୍ରମଣ, ଆହାତ ଯୁବକ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି

କବିସୂର୍ଯ୍ୟନଗର,୯।୯ (ଆନିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଏ.ବରିଡା ଗ୍ରାମରେ ଯୁବକକୁ ଛୁରା ମାଡ଼ ହୋଇଛି ଘଟଣାରେ ଗ୍ରାମର ପାଣ୍ଡା ପ୍ରଧାନ ନାମକ ଯୁବକ ଆହାତ ହୋଇଛନ୍ତି ସୂଚନା ଅନୁସାରେ ପାଣ୍ଡା ଗ୍ରାମର କ୍ଲବ ଛକ ଠାରେ ଛିଡା ହୋଇଥିବା ସମୟରେ କିଛି ଯୁବକ ଦ୍ରୁତ ଗତିରେ ବାଇକ ଚଳାଉଥିବା ଦେଖି ବିରୋଧ କରିଥିଲେ ବିରୋଧକୁ ନେଇ ଘଟଣା ଉଗ୍ରରୂପ ନେବାସହ ଯୁବକ ମାନେ ପାଣ୍ଡାଙ୍କ ଉପରକୁ ଛୁରୀ ସାହାଯ୍ୟରେ ଆକ୍ରମଣକରି ଫେରାର ମାରିଥିଲେ ସ୍ଥାନୀୟ ଲୋକେ ପାଣ୍ଡାଙ୍କୁ ଉଧାରକରି ଚିକିତ୍ସା ନିମନ୍ତେ ପ୍ରଥମେ ଆସିକା ପରେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ପାଣ୍ଡାଙ୍କ ବେକରେ ଗଭୀର ଆଘାତ ଲାଗିଥିବା ଜଣାଯାଇଛି। ଖବରପାଇ କବିସୂର୍ଯ୍ୟନଗର ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି

# ରାଜନୈତିକ ବିବାଦକୁ ନେଇ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

କୁକୁଡାଖଣ୍ଡି,୯।୯ (ଆନିସ):ରାଜନୈତିକ ବିବାଦକୁ କେନ୍ଦ୍ର କରି ନଳିହାଡ଼ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିବା ଓ ହତ୍ୟା ଧମକ ଦେବା ଅଭିଯୋଗରେ ବ୍ରହ୍ମପୁର ସଦର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନଳିହାଡ଼ ଗ୍ରାମର ଚିରଞ୍ଜୀବୀ ଓରଫ ବରାହଭେଙ୍କେଟ ସଂଗ୍ରାମ ସିଂହ(୩୬) ସୂଚନାଯୋଗ୍ୟ ଯେ, ଗତ ୧ ତାରିଖ ରାତି ପ୍ରାୟ ସାଢ଼େ ୮ଟା ସମୟରେ ଅଭିଯୁକ୍ତ ରାଜନୈତିକ ବିବାଦକୁ କେନ୍ଦ୍ର କରି ଅଭିଯୋଗକାରୀ ଶିବ ଗୌଡ଼ଙ୍କ ସହ




ଗଣ୍ଡଗୋଳ କରିଥିଲେ। ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୁଥ ମାରି ଆକ୍ରମଣ କରିଥିଲେ। ଏହି ସମୟରେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ଥୋଡ଼ିକୁ କାମୁଡ଼ି ଦେବାରୁ ରକ୍ତସ୍ରାବ ହୋଇଥିଲା। ଏନେଇ ପୁଲିସକୁ ଜଣାଇଲେ ହତ୍ୟା କରିଦେବାକୁ ମଧ୍ୟ ଅଭିଯୁକ୍ତ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା।ଏନେଇ ବ୍ରହ୍ମପୁର ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଚିରଞ୍ଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏଏସପି ଆଲୋକ ଜେନା ସୂଚନା ଦେଇଛନ୍ତି।

# ଜୟପୁର ବ୍ଲକ କାର୍ଯ୍ୟାଳୟର ବାର୍ଷିକ ନିରୀକ୍ଷଣ




ଜୟପୁର,୯।୯ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ କାର୍ଯ୍ୟାଳୟର ବାର୍ଷିକ ନିରୀକ୍ଷଣ ଅନୁଷ୍ଠିତ ହୋଇଯାଇଛି। ନିରୀକ୍ଷଣ ସମୟରେ କାର୍ଯ୍ୟାଳୟର ବିଭିନ୍ନ ରେକର୍ଡପତ୍ର, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଯାଞ୍ଚ କରିଥିଲେ ମୋନଜ ସତ୍ୟବାନ ମହାଜନ ଜିଲ୍ଲାପାଳ କୋରାପୁଟ,ଏହି ଅବସରରେ ଅଧିକାରୀମାନେ ବ୍ଲକ ଅଧୀନରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହିତ ଲୋକଙ୍କୁ ସରକାରୀ ସେବା ଯେପରି ସୁବିଧାଜନକ ଓ ସ୍ୱଚ୍ଛ ଭାବେ ମିଳିପାରିବ, ସେନେଇ ଆବଶ୍ୟକ ପରାମର୍ଶ ଦେଇଥିଲେ।ନିରୀକ୍ଷଣ ସମୟରେ ବ୍ଲକର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ଓ ରିପୋର୍ଟ ଉପସ୍ଥାପନ କରିଥିଲେ। ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ସମସ୍ତ ସରକାରୀ ଯୋଜନାକୁ ଠିକ୍ ସମୟରେ ଓ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ନିରୀକ୍ଷଣକାରୀ ଅଧିକାରୀ ପରାମର୍ଶ ଦେଇଥିଲେ।ନିରୀକ୍ଷଣ ସମୟରେ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ସହକାରୀ ନିର୍ଭାଇ ଯନ୍ତ୍ରୀ ରାକେଶ କୁମାର ସାହୁ, ସହକାରୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ ଉପସ୍ଥିତ ଥିଲେ,

# ବାଇକ୍ ଯୋଗେ ଫେରାର ହେଉଥିଲେ ପ୍ରେମୀ ଯୁଗଳ,କୋଦଳା ଠାରେ ଘଟିଲା ମର୍ମନ୍ତୁଦ ଦୁର୍ଘଟଣା



କୋଦଳା,୯।୯ (ଆନିସ): ବାଇକ୍ ରେ ଫେରାର୍ ହେଉଥିଲେ ପ୍ରେମୀ ଯୁଗଳ ।

ବାଟରେ ଘଟିଗଲା ଭୟଙ୍କର ସଡ଼କ ଦୁର୍ଘଟଣା। ରାସ୍ତା କଡ଼ରେ ଥିବା ଇଲେକ୍ଟ୍ରିକ୍ ପୋଲକୁ ପିଟି ହୋଇଗଲା ବାଇକ୍। ବାଇକ୍ ରେ ବସିଥିଲେ ଯୁବକ ଯୁବତୀ। ଗାଡି ଚାଲିଥିଲା ୭୦ /୮୦ ଗତିରେ। ହିଞ୍ଜିଳିରୁ ଆର୍ ୱାନ୍ ଫାଇବ୍ ଯୋଗେ ଫେରାର ହେଉଥିଲେ।କୋଦଳା ପେଟ୍ରୋଲ ପମ୍ପ ପରେ ପରେ ଏକ ଲଟାବୁଦା ମୂଳରେ ଥିବା ଇଲେକ୍ଟ୍ରିକ୍ ଖୁଣ୍ଟ କୁ ଧକ୍କା ଦେଇଛି ଏହି ବାଇକ୍।

ଆଜି ବଡି ଭୋରରୁ ଘଟିଥିବା ଦୁର୍ଘଟଣାରେ ବାଇକ୍ ଚାଳକ ୨୬ ବର୍ଷୀୟ ଶଙ୍କର ସେଠୀ ଗୁରୁତର ଆହତ ହୋଇଛନ୍ତି। ସେପଟେ ୧୮ ବର୍ଷୀୟ ପ୍ରେମିକା ଦୀପ୍ତିରାଣି ନାୟକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି।ଉଭୟଙ୍କୁ ସ୍ଥାନୀୟ ଲୋକେ ଉଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।ପରବର୍ତ୍ତୀ ସମୟରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯୁବକଙ୍କ ଅବସ୍ଥା ଗୁରୁତର ରହିଛି। ଯୁବତୀଙ୍କ ମୋବାଇଲ୍ ରୁ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ହସ୍ପିଟାଲରେ ପରିବାର ଲୋକେ ପହଞ୍ଚି ଚିକିତ୍ସିତ କରାଉଛନ୍ତି।

# ଆପତ୍ତିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଓ ମନୋସାମାଜିକ ଯତ୍ନ ବୃଦ୍ଧି ପାଇଁ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ



ମାଲକାନଗିରି, ୯।୯ (ଆନିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଉପସ୍ଥିତିରେ ଆପତ୍ତିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ ଏବଂ ମନୋସାମାଜିକ ଯତ୍ନ ବୃଦ୍ଧି ପାଇଁ ଏକ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ବାଙ୍ଗାଲୋରର ଜାତୀୟ ମାନସିକ ସ୍ୱାସ୍ଥ୍ୟ ଏବଂ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମାଲକାନଗିରିର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ୯ ରୁ ୧୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ପ୍ରଭାବିତ ଲୋକଙ୍କୁ ମାନସିକ ସହାୟତା ଯୋଗାଇଦେବା ଏବଂ ପ୍ରଶାସନିକ ସ୍ତରରେ ସଚେତନତା ସୃଷ୍ଟି କରିବା ଏହି ତିନିଦିନିଆ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ।

ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜେଶିର୍କେ କହିଛନ୍ତି ଯେ, ଯେକୌଣସି ପ୍ରାକୃତିକ କିମ୍ବା ଜରୁରୀକାଳୀନ ବିପର୍ଯ୍ୟୟ ସମୟରେ କେବଳ ଭୌତିକ ଧନଜୀବନର କ୍ଷତି ହୋଇନଥାଏ, ବରଂ ପ୍ରଭାବିତ ଲୋକମାନେ ତୀବ୍ର ମାନସିକ ଚାପ ଦେଇ ଗତି କରିଥାନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ତୁରନ୍ତ ମାନସିକ ସହାୟତା ଓ ପରାମର୍ଶ ଯୋଗାଇଦେବା ପ୍ରଶାସନର ଏକ ପ୍ରମୁଖ ଦାୟିତ୍ୱ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଏହି ମିଳିତ ପ୍ରୟାସ ଜିଲ୍ଲାର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍? ସହାୟକ ହେବ।

ଏହି ଉଦ୍?ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଉପ-ମହାପ୍ରବନ୍ଧକ ଦେବଦ୍ୟୁତି ନାୟକ ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ରାଜ୍ୟ ପ୍ରକଳ୍ପ ସମନ୍ୱୟକ ସୁବୋଧ ନାୟକ ପ୍ରମୁଖ ଉପସ୍ଥିତ ରହି ତାଲିମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଛନ୍ତି।

# ରମ୍ଭାରେ ବିଶ୍ୱକର୍ମା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଗଞ୍ଜାମ,୯।୯ (ଆନିସ): ରମ୍ଭା ଶାସ୍ତ୍ରୀ ମାର୍ଗରେ ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ (ବଢ଼େଇ କୂଳ) ସହବନ୍ଧିତ ବିରୁଳି ତାଲୁକା ପକ୍ଷରୁ ସଭାପତି ଯୋଗୀନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ ଓ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିରୁଳି



ତାଲୁକା ବଢ଼େଇ କୂଳର ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାରଣା, ଯୁଗ୍ମ ସମ୍ପାଦକ କିଶ୍ୱର ଚନ୍ଦ୍ର ମହାରଣାଙ୍କ ଉପସ୍ଥିତିରେ ସମସ୍ତ ସଦସ୍ୟମାନେ ଆସନ୍ତା ବିଶ୍ୱକର୍ମା ପୂଜା ନିମନ୍ତେ ଶୁଭଖୁଣ୍ଟି ଧରି ନଗର କୀର୍ତ୍ତନ କରିବା ସହ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନୀରେ ଶୁଭଖୁଣ୍ଟି ସ୍ଥାପନ କରିଥିଲେ । ମହିଳାମାନେ ହୁଳହୁଳି ସହ ପୂଜାର୍ଚ୍ଚନା କରାଯାଇଥିଲା। ବୈଠକରେ ବିଶ୍ୱକର୍ମା ପୂଜା କିପରି ମହାଆଡମ୍ବର ପୂର୍ଣ୍ଣ ହେବ ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା ।ଏହି ଅବସରରେ ବିଶ୍ୱକର୍ମା ମନ୍ଦିର ନିର୍ମାଣ ପାଇଁ ସ୍ଥାନ ନିର୍ଣ୍ଣୟ ଏବଂ ଆର୍ଥିକ ସହାୟତା ବୈଠକରେ ପ୍ରସ୍ତାବିତ ହୋଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଧର ମହାରଣା ଓ ବାବୁଲା ମହାରଣା ସଂଯୋଜନା କରିଥିବା ବେଳେ ନିରଞ୍ଜନ ମହାରଣା, ଦିବାକର ମହାରଣା, କେଦାର ମହାରଣା, ଗୁଟୁ ମହାରଣା ଓ ପିଣ୍ଟୁ ମହାରଣା ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।

# ବୁଲା ଗାଈଗୋରୁ ପାଇଁ ହନ୍ତସନ୍ତ ମାଥିଲିବାସୀ

## ବଜାର ଓ ମୁଖ୍ୟ ରାସ୍ତାରେ ଗାଈପଲ, ବଢୁଛି ଦୁର୍ଘଟଣା ଆଶଙ୍କା



ମାଥିଲି,୯।୯ (ଆନିସ): ମାଲକାନଗିରି ଜିଲ୍ଲାର ମାଥିଲି ପଞ୍ଚାୟତ ତଥା ବ୍ଲକ ସଦର ମହକୁମାରେ ବୁଲା ଗାଈଗୋରୁଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ବିଶେଷକରି ସନ୍ଧ୍ୟା ସମୟରେ ଗାନ୍ଧୀଛକ, ମେଡିକାଲ ଛକ ଠାରୁ ହାଟପଦା ଅଞ୍ଚଳ ପର୍ଯ୍ୟନ୍ତ ରାସ୍ତା ଓ ବଜାରରେ ଗାଈପଲ ଘୁରୁଥିବା ଦେଖିବାକୁ ମିଳୁଛି। ଫଳରେ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ସମେତ ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, କେତେକ ଗାଈ ମାଲିକ ଦିନବେଳେ ବାଛୁରୀକୁ ଘରେ ବାନ୍ଧି ଗାଈକୁ ଖୋଲା ଛାଡ଼ି ଦେଉଛନ୍ତି। ଏହାର ସୁଯୋଗ ନେଇ ଗାଈଗୁଡ଼ିକ ଚାଷଜମିରେ ପଶି ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ପୁଣି ସନ୍ଧ୍ୟା ସମୟରେ ଗାଈଗୁଡ଼ିକ ମାଲିକଙ୍କ ଘରକୁ ଫେରି ଆସୁଥିବା ବେଳେ ରାସ୍ତାରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଛି।

ଅଭିଯୋଗ ଅନୁସାରେ, ଗାଈର କ୍ଷୀର ଦୋହନ କରିସାରିବା ପରେ କେତେକ ମାଲିକ ଗାଈକୁ ପୁଣି ଜାତୀୟ ରାଜପଥ-୩୨୬ ଉପରେ ଖୋଲା ଛାଡ଼ି ଦେଉଛନ୍ତି। ରାସ୍ତା ଉପରେ ଗାଈ ଶୋଇବା କିମ୍ବା ହଠାତ୍ ରାସ୍ତା ପାର ହେବା ଯୋଗୁଁ ଯାନବାହନ ଚାଳକଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ୁଛି।

ବ୍ଲକ ସଦର ମହକୁମାର ମୁଖ୍ୟ ରାସ୍ତା ଓ ବଜାର ଅଞ୍ଚଳରେ ଏଭଳି ଅବ୍ୟବସ୍ଥା ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ଗାଈ ମାଲିକମାନଙ୍କୁ ସଚେତନ କରିବା ସହ ବୁଲା ଗାଈଗୋରୁଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଞ୍ଚାୟତ ପ୍ରଶାସନ ଓ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଜନସାଧାରଣଙ୍କ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପ୍ରଶାସନ କେବେ ଏହି ସମସ୍ୟା ଉପରେ ଉଚିତ ପଦକ୍ଷେପ ନେଉଛି, ତାହା ଏବେ ଦେଖିବାକୁ ବାକି ରହିଲା।

# ପଞ୍ଚମା ସିଦ୍ଧି ବିନାୟକ ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ

- ଭକ୍ତମାନେ ନିଃଶୁଳ୍କ ଦର୍ଶନ ସହିତ ମାଗଣାରେ ପାଇବେ ଲଡ୍ଡୁ ଖେଚୁଡ଼ି ଭୋଗ
- ଦିବ୍ୟାଙ୍ଗ, ବୟୋଜ୍ୟେଷ୍ଠଙ୍କ ପାଇଁ ରଣ୍ଡା ଛକରୁ ମନ୍ଦିର ଅଟୋର ବ୍ୟବସ୍ଥା





ରଙ୍ଗେଇଲୁଣ୍ଡା, ୯।୯ (ଆନିସ): ଆସନ୍ତା ଭାଦ୍ରବ ଶୁକ୍ଳ ଚତୁର୍ଥୀ ୧୪ ସେପ୍ଟେମ୍ବର (ସୋମବାର) ଦିନ ପଞ୍ଚମା ସ୍ଥିତ ସିଦ୍ଧ ବିନାୟକଙ୍କ ପୀଠରେ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଶ୍ରୀ ବିନାୟକ ପର୍ବ ପୂଜା ଉତ୍ସବ ଯଥାବିଧି ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସିଦ୍ଧ ବିନାୟକ ପୀଠ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବାରୁ ଶ୍ରୀ ଗଣେଶ ପୂଜା ଦିନ ଏଠାରେ ରାଜ୍ୟ ଓ ରାଜ୍ୟ ବାହାରୁ ତିନି ଲକ୍ଷରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇଥାଏ । ଶ୍ରୀ ଗଣେଶ ପୂଜା ପୂର୍ବ ଦିନ ୧୩ ତାରିଖରେ ଅଷ୍ଟଶମ୍ଭୁ ମହାଦେବଙ୍କ ଦିବ୍ୟ ମିଳନ ଅପରାହ୍ନ ଘ.୨ : ୩୫ ମିନିଟ ସମୟରେ ସିଦ୍ଧି ବିନାୟକ ପୀଠକୁ ଶୁଭାଗମନ କରିବେ । ୧୪ ତାରିଖ ସୋମବାର ପ୍ରାତଃ ୩ : ୪୫ ସମୟରେ ଶ୍ରୀ ବିନାୟକଙ୍କ ସ୍ନାନ, ପୂଜାବିଧି ଅନୁଷ୍ଠିତ ହେବାସହ ଆଳତୀ ସମ୍ପର୍ଣ୍ଣ ହେବା ପରେ ପ୍ରାତଃ ଘ.୫ : ୦୦ ସମୟରେ ସାଧାରଣ ଭକ୍ତଙ୍କ ନିମନ୍ତେ ଦର୍ଶନ ପାଇଁ ସମୟ ନିର୍ଘଣ୍ଟ କରାଯାଇଛି । ଏହାସହ ସିଦ୍ଧ ବିନାୟକ ପୀଠରେ ପୂର୍ବାହ୍ନ ୯ : ୦୦ ସମୟରୁ ଘୃତଯଜ୍ଞ ଅନୁଷ୍ଠିତ ହେବା ସହ ଅପରାହ୍ନରେ ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି । ରାତ୍ର ୧୦ ଘଣ୍ଟା ସମୟରେ ଶ୍ରୀ ବିନାୟକଙ୍କ ପହଡ଼ ନୀତି ସମ୍ପନ୍ନ କରାଯାଇ ମନ୍ଦିର ବନ୍ଦ ପାଇଁ ସମୟ ନିର୍ଦ୍ଧାରିତ କରାଯାଇଛି । ଏହାସହ ଭକ୍ତଙ୍କ ସୁବିଧା ପାଇଁ ରଣ୍ଡା ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ପ୍ରତ୍ୟକ ଛକରେ ଆଶ୍ରୟସ୍ଥଳୀ ସହ ପାଣିର ବ୍ୟବସ୍ଥା ଏବଂ ଭକ୍ତଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ଛକରେ ଏଲଇଡ଼ି ସ୍କ୍ରିନ୍ ର ବ୍ୟବସ୍ଥା କରାଯାଇଛି । ବୟୋଜ୍ୟେଷ୍ଠ ଏବଂ ଦିବ୍ୟାଙ୍ଗ ଭକ୍ତ ମାନଙ୍କ ପାଇଁ ରଣ୍ଡା ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ମାଗଣା ଗାଡ଼ି ବ୍ୟବସ୍ଥା କରାଯାଇଛି । ଏହାସହ ଭକ୍ତଙ୍କ ମାନଙ୍କ ନିମନ୍ତେ ମାଗଣା (ଫ୍ରି) ଦର୍ଶନ ଏବଂ ଲଡ୍ଡୁ ପ୍ରସାଦ ବ୍ୟବସ୍ଥା କରାଯାଇଛି । ଏଥିସହ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସୁବିଧା ଏବଂ ଶୃଂଖଳିତ ଯାତ୍ରା ନିମନ୍ତେ ମନ୍ଦିର ସମ୍ମୁଖରେ ସୂଚନା କେନ୍ଦ୍ର ସହ ପୋଲିସ, ସ୍ୱାସ୍ଥ୍ୟ, ଅଗ୍ନିଶମ, ବିଦ୍ୟୁତ ବିଭାଗ ତରଫରୁ ବ୍ୟବସ୍ଥା କରାଯାଇଛି । ଶ୍ରୀ ଗଣେଶ ପୂଜା ଦିନ ଚାରି ଚକିଆ ଗାଡ଼ି ସୁନାଦେଇ ଗ୍ରାମ ଦେଇ ମନ୍ଦିର ପର୍ଯ୍ୟନ୍ତ ଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହାସହ ପୂଜା ଦିନ ଓଡ଼ିଶା ସରକାରଙ୍କ ବହୁ ମନ୍ତ୍ରୀଙ୍କ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ସାଂସଦ ଏବଂ ବିଧାୟକ ମାନେ ପଞ୍ଚମା ସ୍ଥିତ ଏହି ସିଦ୍ଧ ପୀଠରେ ଶ୍ରୀ ବିନାୟକଙ୍କୁ ଦର୍ଶନ କରି ଆଶିର୍ବାଦ ନେବାର କାର୍ଯ୍ୟକ୍ରମ ରହିଛି । ପଞ୍ଚମା ଠାରେ ଅନୁଷ୍ଠିତ ଆଜିର ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ଗଣେଶ ମନ୍ଦିର ଅନ୍ତରୀଣ ନ୍ୟାସ ପରିଚାଳନା କମିଟିର ଉପଦେଷ୍ଟା ଗୌରୀ ଶଙ୍କର ସାମନ୍ତରା,ସୁବାସ ମଣ୍ଡଳ,ସଭାପତି ସୀମାଞ୍ଚଳ ପାତ୍ର,ଉପସଭାପତି ଟୁନା ଜେନା,ସମ୍ପାଦକ ଭକ୍ତ ବତ୍ସଳ ନାୟକ,ସହ-ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି,କୋଷାଧ୍ୟକ୍ଷ ବାପି ସାମନ୍ତରାୟ, ସଂଯୋଜକ ସୁଧିର କାନ୍ତ ମଣ୍ଡଳ,ସହ- ସଂଯୋଜକ ଶରତ ଚନ୍ଦ୍ର କର,କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ସାହୁ,ଦିବାକର ନାୟକ,ହରିବନ୍ଧୁ ମଣ୍ଡଳ,ଉଦୟନାଥ ନାହାକ,ଲକ୍ଷ୍ମୀ ଚୌଧୁରୀ,ରାଜେନ୍ଦ୍ର ପାତ୍ର,ସନ୍ତୋଷ ସାହୁ,କେ ପ୍ରମେଶ୍ୱର ରାଓ, ଜଗମୋହନ ପାତ୍ର, ଉମାକାନ୍ତ ସାସମଲ, ରଜତ ପଣ୍ଡିତ, କୃଷ୍ଣ ଚନ୍ଦ୍ର ଚୌଧୁରୀ,ସନ୍ତୋଷ ବେହେରା, ସଞ୍ଜୟ ସାହୁ,ଗୋକୁଳ କର,ସୁନିଲ କୁମାର ସାହୁ,ପ୍ରଭାତ କିରଣ ଷଡ଼ଙ୍ଗୀ,କମଲ୍ ପାତ୍ର ପ୍ରମୁଖଙ୍କ ସହ ସିଦ୍ଧ ବିନାୟକ ପୀଠର ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସହ ଆଖପାଖ ଅଞ୍ଚଳର ବହୁ ବରିଷ୍ଠ ନେତୃବୃନ୍ଦ ଏବଂ ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ମାନବ ସାମାଜ ଓ ପରିବେଶ ପ୍ରଦୂଷଣ

ପରିବେଶ ହିଁ ଜୀବନ, ଏହି ଚିରନ୍ତନ ସତ୍ୟକୁ ଆଧାର କରି ପୃଥିବୀ ପୃଷ୍ଠରେ ସମସ୍ତ ସୃଷ୍ଟିର ବିକାଶ ହୋଇଛି । ପରିବେଶ ହେଉଛି ପ୍ରକୃତିର ଏକ ଅମୂଲ୍ୟ ଉପହାର, ଯାହା ମଧ୍ୟରେ ବାୟୁ, ଜଳ, ମୃତ୍ତିକା, ଉଦ୍ଭିଦ ଓ ପ୍ରାଣୀଜଗତ ଅନ୍ତର୍ଭୁକ୍ତ । ଆମର ଚତୁଃପାର୍ଶ୍ୱରେ ଥିବା ଏହି ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସମାହାରକୁ ଆମେ ପରିବେଶ ବୋଲି କହିଥାଉ । ମାନବ ସଭ୍ୟତାର ଆରମ୍ଭରୁ ପ୍ରକୃତି ଓ ମଣିଷ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଆସିଛି । ମାତ୍ର ବର୍ତ୍ତମାନର ଆଧୁନିକ ଓ ସ୍ୱାର୍ଥପର ମଣିଷ ନିଜର ସୁଖ–ସୁବିଧା ପାଇଁ ଏହି ସୁନ୍ଦର ପରିବେଶକୁ ଧ୍ୱଂସ କରିବାରେ ଲାଗିଛି । ଫଳରେ ସମଗ୍ର ବିଶ୍ୱ ଆଜି ଗୁରୁତର ପରିବେଶ ସଙ୍କଟର ସମ୍ମୁଖୀନ । ଏଭଳି ପରିସ୍ଥିତିରେ ପରିବେଶର ସୁରକ୍ଷା କରିବା କେବଳ ସରକାରଙ୍କର ନୁହେଁ, ବରଂ ଆମ ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଅଟେ । ପରିବେଶର ଗୁରୁତ୍ୱ ଓ ପ୍ରକୃତି ସହ ମାନବର ସମ୍ପର୍କ

ପରିବେଶ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ, ପିଇବା ପାଇଁ ଜଳ ଏବଂ କ୍ଷୁଧା ନିବାରଣ ପାଇଁ ଅନ୍ନ ଯୋଗାଇଥାଏ । ଆମର ପ୍ରତ୍ୟେକ ମୌଳିକ ଆବଶ୍ୟକତା ପ୍ରକୃତି ଉପରେ ନିର୍ଭର କରେ । ପ୍ରାଚୀନ ଭାରତୀୟ ସଂସ୍କୃତିରେ ପ୍ରକୃତିକୁ ଦେବତା ଭାବେ ପୂଜା କରାଯାଉଥିଲା । ଗଛଲତାକୁ ମା ଏବଂ ନଦୀକୁ ପବିତ୍ର ଗଙ୍ଗା ମାତା ଭାବେ ସମ୍ମାନ ଦିଆଯାଉଥିଲା । ଋଷିମୁନିମାନେ ଅରଣ୍ୟ ମଧ୍ୟରେ ରହି ପରିବେଶ ସହିତ ସନ୍ତୁଳନ ରକ୍ଷା କରୁଥିଲେ । କିନ୍ତୁ କାଳକ୍ରମେ ମଣିଷ ପ୍ରକୃତିକୁ ଉପଭୋଗର ସାମଗ୍ରୀ ମନେକଲା, ଯାହା ଆଜିର ବିପର୍ଯ୍ୟୟର ମୁଖ୍ୟ କାରଣ ସାଜିଛି ।

ବର୍ତ୍ତମାନ ସମୟରେ ପରିବେଶ ମୁଖ୍ୟତଃ ଚାରୋଟି ଉପାୟରେ ପ୍ରଦୂଷିତ ହେଉଛି। ପ୍ରଥମ, ବାୟୁ ପ୍ରଦୂଷଣ। କଳକାରଖାନା ଏବଂ ଗାଡ଼ି ମୋଟରରୁ ନିର୍ଗତ କଳାଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ଯାହାଫଳରେ ଶ୍ୱାସକ୍ରିୟା ଜନିତ ରୋଗ ବଢ଼ିବାରେ ଲାଗିଛି ।ଦ୍ୱିତୀୟ ହେଉଛି ଜଳ ପ୍ରଦୂଷଣ ।ସହରର ବର୍ଜ୍ୟବସ୍ତୁ ଏବଂ କାରଖାନାର ଦୂଷିତ ରାସାୟନିକ ଜଳ ନଦୀ, ପୋଖରୀ ଓଁ ସମୁଦ୍ରରେ ମିଶି ଜଳକୁ ବ୍ୟବହାର ଅନୁପଯୋଗୀ କରୁଛି । ତୃତୀୟରେ ହେଉଛି ମୃତ୍ତିକା ପ୍ରଦୂଷଣ । କୃଷି କ୍ଷେତ୍ରରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ପ୍ରୟୋଗ ଯୋଗୁଁ ମାଟିର ଉର୍ବରତା ନଷ୍ଟ ହେଉଛି । ଚତୁର୍ଥରେ ହେଉଛି ଶବ୍ଦ ପ୍ରଦୂଷଣ ।ଯାନବାହନର ହର୍ଣ୍ଣ ଏବଂ ଉଚ୍ଚ ସ୍ୱରରେ ବାଜୁଥିବା ଲାଉଡ଼ସ୍ପିକର ମାନସିକ ଚାପ ଓ ବଧିରତା ସୃଷ୍ଟି କରୁଛି । ଯଦି ଆମେ ଏବେଠାରୁ ସଚେତନ ନ ହେବା, ତେବେ ପ୍ରକୃତିର କୋପରୁ କେହି ବଞ୍ଚିପାରିବେ ନାହିଁ । ଏହାର କେତେକ ଭୟାବହ ପରିଣାମ ନିମ୍ନଭାବେ ଦେଖାଦେଇଛି । ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହାଦ୍ୱାରା ମେରୁ ଅଞ୍ଚଳର ବରଫ ତରଳି ସମୁଦ୍ର ପତନ ବଢ଼ୁଛି । ସମୟରେ ବର୍ଷା ନହେବା, ଅତ୍ୟଧିକ ଗରମ ଏବଂ ବାରମ୍ବାର ବାତ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଏହାର ଜ୍ୱଳନ୍ତ ଉଦାହରଣ।

ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆମକୁ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମର ପ୍ରମୁଖ ଦାୟିତ୍ୱଗୁଡ଼ିକ ହେଲା – ପ୍ରଥମ ଦାୟିତ୍ୱ ହେଉଛି ପୃଥିବୀର ସବୁଜ ବନାନୀ କୁ ସୁରକ୍ଷିତ ରଖିବା ଯାହା ହେଉଛି ପରିବେଶର ଫୁସଫୁସ । ଗୋଟିଏ ଗଛ କାଟିଲେ ତା ବଦଳରେ ପାଞ୍ଚଟି ନୂଆ ଗଛ ଲଗାଇବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ନିଜ ଜନ୍ମଦିନ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟିଏ ଗଛ ଲଗାଇବାକୁ ସଂକଳ୍ପ ନେବା ଆବଶ୍ୟକ । ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ସହଜରେ ମିଶେ ନାହିଁ ଏବଂ ଏହା ଶହ ଶହ ବର୍ଷ ପର୍ଯ୍ୟନ୍ତ ପରିବେଶକୁ ଦୂଷିତ କରି ରଖେ । ବଜାରକୁ ଗଲାବେଳେ ସଦାସର୍ବଦା କପଡ଼ା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବା ଉଚିତ। ଜଳର ଅପଚୟ ରୋକିବା ଆମର ପରମ କର୍ତ୍ତବ୍ୟ । ବର୍ଷା ଜଳ ଅମଳ ପଦ୍ଧତି ଆପଣାଇ ଭୂତଳ ଜଳ ସ୍ତରକୁ ବୃଦ୍ଧି କରାଯାଇପାରିବ । ନଦୀ ଓ ପୋଖରୀକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ଆମ ଜୀବନଶୈଳୀରେ (କମ ବ୍ୟବହାର), (ପୁନଃ ବ୍ୟବହାର) ଏବଂ (ପୁନଃ ଚକ୍ରଣ) ନୀତି ଅବଲମ୍ବନ କରିବା ଉଚିତ । ଏହାଦ୍ୱାରା ଆବର୍ଜନା କମ ସୃଷ୍ଟି ହେବ । ପରିବେଶ ସୁରକ୍ଷା କେବଳ ଏକ ସ୍ଲୋଗାନ ବା ସଭାସମିତି ମଧ୍ୟରେ ସୀମିତ ନରହି ଏହାକୁ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଛି । ଆମର ଆଜିର ଛୋଟ ପଦକ୍ଷେପ ଆସନ୍ତାକାଲିର ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଓ ସୁସ୍ଥ ପୃଥିବୀ ଉପହାର ଦେଇପାରିବ । ଆସନ୍ତୁ ସମସ୍ତେ ମିଶି ଏ ପଦକ୍ଷେପ ଗୁଡ଼ିକୁ ନେଲେ ପରିବେଶ ସୁରକ୍ଷିତ ହୋଇପାରିବ। ଏହା ତ୍ୱରାନ୍ୱିତ ଭାବେ କରିବା ଉଚିତ୍, କାରଣ ପ୍ରକୃତିର ସୁରକ୍ଷା ହିଁ ପ୍ରକୃତରେ ମାନବ ଜାତିର ସୁରକ୍ଷା ଅଟେ ।

**ଡଃ ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ ବରୀ ଯାଜପୁର**

# ପିତା ପରମ ତପ

ପିତା ଜୀବନ ସମ୍ବଳ ଓ ଶକ୍ତିର ଉତ୍ସ। ସେହିଁ ସୃଷ୍ଟି ନିର୍ମାଣର ସ୍ୱଷ୍ଟ ଅଭିବ୍ୟକ୍ତି। ବାଳୁତ ବେଳେ ଅଙ୍ଗୁଳି ଧରି ଚାଲିବା ଶିଖାଉଥିବା ମଣିଷଟି କେବେ କଷା, ପିତା ଓ କଟୁ ଲାଗିଥାନ୍ତି। ସେ ପାଳନ କର୍ତ୍ତା, ପୋଷଣ ଦାତା ସେ ପରିବାରର ଅନୁଶାସନ। ସ୍ନେହ ଶକ୍ତି କଠୋରତା ମଧ୍ୟରେ ସେ ହେଉଛନ୍ତି ପ୍ରେମର ପ୍ରଶାସନ।

ପିତା ଘର , ଖାଦ୍ୟ ଓ ବସ୍ତ୍ରର ଭଣ୍ଡାର। ଛୋଟ ଚଢ଼େଇଟିର ସେ ଅଟନ୍ତି ଖୋଲା ଗଗନ। ସେ ନିଜର ସ୍ନେହ ଆଦର ଅପ୍ରଦର୍ଶିତ ଭାବରେ ଜଣେ ନିର୍ବିକାର ଋଷି ,ଅନନ୍ତ ପ୍ରେମର ସାଗର। ତାଙ୍କ ପାଇଁ ଅପେକ୍ଷାର ସମସ୍ତ ସମୟ ଅମୂଲ୍ୟ। ପିତାଙ୍କ ଛାୟାରେ ସନ୍ତାନ ସନ୍ତତି ମାନଙ୍କର ସ୍ୱପ୍ନର ରତ୍ନାକର ଅଜାଡି ହୋଇ ପଡ଼େ। ପିତାଙ୍କ ଅଦୃଶ୍ୟ ଆଶିଷ ବଳରେ ବଜାରର ସବୁ ଖେଳନା,କପଡା,ମିଠାଇ ନିଜର ଭଳି ପ୍ରତୀୟମାନ ହୁଅନ୍ତି। ପିତାଙ୍କ ପାଇଁ ପରିବାର ନାମକ ରଥରେ ସଶକ୍ତ ଘୋଡା ସହିସ ସର୍ବଦା ତୟାର। ପିତାଙ୍କ ପାଇଁ ମାଆ ମଥାରେ ସିନ୍ଦୁର ଦାଉ ଦାଉ ହୁଏ,ସାହସ ଦିଏ। ମାତାଙ୍କୁ ମହିମାନ୍ୱିତ କରିବା ସ୍ୱାଗତ ଯୋଗ୍ୟ ହେଲେ ପିତା ମଧ୍ୟ କୌଣସି ଗୁଣରେ ଊଣା ନୁହଁନ୍ତି। ପିତା ପରମାତ୍ମାଙ୍କ ସ୍ଥାନରେ ଜଗତର ଆଶକ୍ତି ଓ ଗୃହସ୍ଥ ଆଶ୍ରମ ଜୀବନରେ ଉଚ୍ଚାସନର ଅଭିବ୍ୟକ୍ତି। ସେ ଭୀଷ୍ମଙ୍କର ପ୍ରତିଜ୍ଞା ଭଳି ଅଟଳ ଅଚିନ୍ତ୍ୟ ଓ ପ୍ରେରଣାଦାୟୀ।

ତେଣୁ ଶାସ୍ତ୍ରରେ କୁହା ଯାଇଛି–
ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପ
ପିତରୀ ପ୍ରୀତିମାପନ୍ନେ ପ୍ରିୟନ୍ତି ସର୍ବ ଦେବତା।

**ବିନୟ କିଶୋର ଦାଶ, ଶିକ୍ଷକ, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ, ଭୀମକେଲା, କଳାହାଣ୍ଡି**

# ଓଡ଼ିଶାର ବନ୍ୟା ସମସ୍ୟା ରିଲିଫ୍‌ରୁ ଦୀର୍ଘସ୍ଥାୟୀ ପ୍ରସ୍ତୁତି ଆଡ଼କୁ ଯିବାର ସମୟ

ବନ୍ୟା ଓଡ଼ିଶା ପାଇଁ ନୂଆ ଘଟଣା ନୁହେଁ। ଦୀର୍ଘ ସମୁଦ୍ରତଟ ଅନେକ ନଦୀ ଏବଂ ପ୍ରବଳ ବର୍ଷା ଓ ବାତ୍ୟାପ୍ରବଣ ବିସ୍ତୃତ ଅଞ୍ଚଳ ଯୋଗୁଁ ରାଜ୍ୟ ଦୀର୍ଘଦିନ ଧରି ବନ୍ୟା ବିପଦର ସମ୍ମୁଖୀନ ହୋଇଆସିଛି। ବର୍ଷ ବର୍ଷ ଧରି ଓଡ଼ିଶା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଢ଼ି ତୋଳିଛି। ଆଗୁଆ ସତର୍କ ସୂଚନା, ଲୋକଙ୍କୁ ସ୍ଥାନାନ୍ତରଣ, ବାତ୍ୟା ଆଶ୍ରୟସ୍ଥଳୀ, ଉଦ୍ଧାରକାରୀ ଦଳ ଏବଂ ରିଲିଫ୍ କାର୍ଯ୍ୟ ଅନେକ ଜୀବନ ରକ୍ଷା କରିଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ଓଡ଼ିଶାର ପଦକ୍ଷେପକୁ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଆଦର୍ଶ ଭାବେ ମଧ୍ୟ ଦେଖାଯାଏ। କିନ୍ତୁ ସମସ୍ୟାର ପ୍ରକୃତି ଏବେ ବଦଳୁଛି।

ଚଳିତ ବର୍ଷ ବାରମ୍ବାର ଘଟିଥିବା ବନ୍ୟା ଦେଖାଇ ଦେଇଛି ଯେ ବିପର୍ଯ୍ୟୟ ପରିଚାଳନା କେବଳ ସ୍ଥାନାନ୍ତରଣ ଓ ରିଲିଫ୍‌ରେ ସୀମିତ ରହିପାରିବ ନାହିଁ। ଅତ୍ୟଧିକ ଜଳ ସହ କିପରି ନିରାପଦ ଭାବେ ବଞ୍ଚିହେବ, ଓଡ଼ିଶାକୁ ଏବେ ସେଥିପାଇଁ ଅଧିକ ଗମ୍ଭୀରତାର ସହ ଚିନ୍ତା କରିବାକୁ ହେବ ।

ସମ୍ପ୍ରତିର ବନ୍ୟାରେ ଅନେକ ନଦୀ ପ୍ରଣାଳୀ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ହଜାର ହଜାର ଲୋକଙ୍କୁ ପ୍ରଭାବିତ ଗାଁଗୁଡ଼ିକରୁ ସ୍ଥାନାନ୍ତର କରାଯାଇଛି। ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବାରୁ ଯାଜପୁର ଓ ମୟୂରଭଞ୍ଜର କେତେକ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା, ବୈତରଣୀ, ସାଳନ୍ଦୀ ଓ ବୁଢ଼ାବଳଙ୍ଗ ନଦୀ ସମ୍ପ୍ରତିର ପରିସ୍ଥିତିକୁ ପ୍ରଭାବିତ କରିଛି।

ବନ୍ୟାପ୍ରବଣ ଗାଁରେ ବସବାସ କରୁଥିବା ଲୋକଙ୍କ ପାଇଁ ବାରମ୍ବାର ବନ୍ୟାର ଅର୍ଥ ହେଉଛି ବାରମ୍ବାର କ୍ଷତି। ଘରଦ୍ୱାର କ୍ଷତିଗ୍ରସ୍ତ ହୁଏ, ରାସ୍ତା ଅଚଳ ହୋଇଯାଏ ଏବଂ ଚାଷଜମି ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ରହେ। ଗୃହପାଳିତ ପଶୁ ହାନି ହୋଇପାରେ ଏବଂ ସ୍କୁଲ୍ ବନ୍ଦ ରଖିବାକୁ ପଡ଼ିପାରେ। ପାଣି ହ୍ରାସ ପାଇବା ପରେ ମଧ୍ୟ ଲୋକମାନଙ୍କୁ କ୍ଷତିଗ୍ରସ୍ତ ରାସ୍ତା, ଦୂଷିତ ପାଣି ଓ ରୋଗବ୍ୟାଧିର ଆଶଙ୍କା ସହ ମୁକାବିଲା କରିବାକୁ ପଡ଼େ ।

ସମସ୍ୟା କେବଳ ଗ୍ରାମୀଣ ଓଡ଼ିଶାରେ ସୀମିତ ନୁହେଁ।

ସହରୀ ବନ୍ୟା ମଧ୍ୟ ଏକ ସମାନ ଗମ୍ଭୀର ଚିନ୍ତାର ବିଷୟ ହୋଇଉଠୁଛି। ନିକଟରେ ପ୍ରବଳ ବର୍ଷା ପରେ ରାଉରକେଲାରେ ଡ୍ରେନେଜ୍ ବ୍ୟବସ୍ଥା ଅତ୍ୟଧିକ ଜଳର ଚାପ ସମ୍ଭାଳି ନ ପାରିବାରୁ ଗୁରୁତର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସହରର ଭୂତଳ ଓ୍ୱେରେଜ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିଲା ଏବଂ ବର୍ଷାଜଳ ଭକ୍ତା ଦିଗକୁ ଫେରିଆସିଥିଲା। ବିଭିନ୍ନ ଡ୍ରେନେଜ୍ ବ୍ୟବସ୍ଥା ହଠାତ୍ ବଢ଼ିଯାଇଥିବା ବର୍ଷାଜଳର ପରିମାଣକୁ ସମ୍ଭାଳି ନ ପାରିବାରୁ ଅନେକ ସ୍ଥାନରେ ପାଣି ଜମି ରହିଥିଲା।

ଭୁବନେଶ୍ୱର ମଧ୍ୟ ପ୍ରବଳ ବର୍ଷା ପରେ ଗୁରୁତର ଜଳବନ୍ଦୀର ସମ୍ମୁଖୀନ ହୋଇଛି। ଦ୍ରୁତ ଗତିରେ ବଢ଼ୁଥିବା ରାଜଧାନୀ ସହର ପାଇଁ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ରାସ୍ତା, ଘର, କାର୍ଯ୍ୟାଳୟ ଓ ବଜାରରେ ଘଣ୍ଟା ଘଣ୍ଟା ଧରି ବର୍ଷାଜଳ ଜମି ରହିଲେ ସହରର ସାଧାରଣ ଜୀବନ ଓ କାର୍ଯ୍ୟକଳାପ ସ୍ୱାଭାବିକ ରହିପାରେ ନାହିଁ।

ସହରୀକରଣ ମଧ୍ୟ ଏହି ସମସ୍ୟାର ଏକ କାରଣ। ସହର ବିସ୍ତାରିତ ହେବା ସହ ପ୍ରାକୃତିକ ଜଳନିଷ୍କାସନ ପଥ ଓ ଜଳାଭୂମିଗୁଡ଼ିକ ଚାପରେ ପଡୁଛି! ଖୋଲା ଜମିର ସ୍ଥାନ ନେଉଛି ଘର, ରାସ୍ତା ଓ କଂକ୍ରିଟ୍‌ର ଆବରଣ। ପୂର୍ବରୁ ଯେଉଁ ବର୍ଷାଜଳ ମାଟିରେ ଶୋଷିତ ହେଉଥିଲା, ଏବେ ତାହା ଦ୍ରୁତ ଗତିରେ ଡ୍ରେନ୍‌କୁ ପ୍ରବାହିତ ହେଉଛି। ଡ୍ରେନ୍‌ଗୁଡ଼ିକ ଛୋଟ ହେଲେ, ଅବରୋଧିତ ହେଲେ କିମ୍ବା ପରସ୍ପର ସହ ଠିକ୍ ଭାବେ ସଂଯୁକ୍ତ ନ ଥିଲେ ରାସ୍ତା ଓ ନିମ୍ନାଞ୍ଚଳରେ ପାଣି ଜମିଯାଏ।

ଏହାର ଅର୍ଥ ବିକାଶକୁ ବନ୍ଦ କରିଦେବା ନୁହେଁ। ଓଡ଼ିଶାକୁ ଉନ୍ନତ ରାସ୍ତା, ଆବାସ, ଶିଳ୍ପ ଏବଂ ସହରୀ ଭିତ୍ତିଭୂମି ଆବଶ୍ୟକ। କିନ୍ତୁ ବିକାଶର ଯୋଜନା ଓ କାର୍ଯ୍ୟାନ୍ୱୟନ ସମୟରେ ପ୍ରାକୃତିକ ଜଳପ୍ରବାହକୁ ସମ୍ମାନ କରିବାକୁ ହେବ!

ଜଳାଭୂମି, ପୋଖରୀ ଓ ପ୍ରାକୃତିକ ଜଳନିଷ୍କାସନ ପଥର ସୁରକ୍ଷା ଏଥିପାଇଁ ଏକ ମୁଖ୍ୟ ପଦକ୍ଷେପ। ଏଗୁଡ଼ିକ ନିର୍ମାଣ ପାଇଁ ଅପେକ୍ଷା କରିଥିବା ଖାଲି ଜମି ନୁହେଁ । ପ୍ରବଳ ବର୍ଷା ସମୟରେ ଏଗୁଡ଼ିକ ପ୍ରାକୃତିକ ଜଳଧାରଣ କ୍ଷେତ୍ର ଭାବେ କାମ କରେ । ସ୍ୱଳ୍ପକାଳରେ ସେଗୁଡ଼ିକୁ ନଷ୍ଟ କରି ସହରକୁ ଅଧିକ ବିକଶିତ ଦେଖାଇହେବ, କିନ୍ତୁ ଦୀର୍ଘକାଳରେ ଏହା ବନ୍ୟା ସମସ୍ୟାକୁ ଆହୁରି ଗମ୍ଭୀର କରିପାରେ ।

ଡ୍ରେନେଜ୍ ଯୋଜନାକୁ ମଧ୍ୟ ଏକ ନୂଆ ଦୃଷ୍ଟିକୋଣ ଆବଶ୍ୟକ। ଡ୍ରେନ୍‌ଗୁଡ଼ିକୁ ପୃଥକ ପୃଥକ ପ୍ରକଳ୍ପ ଭାବେ ଦେଖିବା ପରିବର୍ତ୍ତେ ସହରଗୁଡ଼ିକୁ ସମନ୍ୱିତ ଡ୍ରେନେଜ୍ ନେଟଓ୍ୱର୍କ ବିକଶିତ କରିବାକୁ ହେବ। ରାସ୍ତା, ବର୍ଷାଜଳ ନିଷ୍କାସନ ଡ୍ରେନ୍, ସ୍ୱେରେଜ୍ ବ୍ୟବସ୍ଥା, କେନାଲ୍ ଏବଂ ପ୍ରାକୃତିକ ଜଳାଶୟ ପରସ୍ପର ସହ ସମନ୍ୱିତ ଭାବେ କାମ କରିବା ଦରକାର।

ସ୍ଥାନୀୟ ସ୍ତରରେ ବନ୍ୟା ପୂର୍ବାନୁମାନ ବ୍ୟବସ୍ଥାକୁ ମଧ୍ୟ ଆହୁରି ସୁଦୃଢ଼ କରିବା ଆବଶ୍ୟକ। କେବଳ ପ୍ରବଳ ବର୍ଷା ହେବ ବୋଲି ସାଧାରଣ ସତର୍କ ସୂଚନା ଦେବା ଯଥେଷ୍ଟ ନୁହେଁ। କେଉଁ ଗାଁ କିମ୍ବା କେଉଁ ରାସ୍ତାରେ ବନ୍ୟା ହେବାର ସମ୍ଭାବନା ରହିଛି, କେବେ ପାଣି ପହଞ୍ଚିପାରେ ଏବଂ ଲୋକମାନେ କେଉଁଠାକୁ ଯିବେ –ସେ ସୂଚନା ସେମାନଙ୍କ ପାଖରେ ସମୟରେ ପହଞ୍ଚିବା ଦରକାର।

ପ୍ରଯୁକ୍ତି ଏଥିରେ ସହାୟକ ହୋଇପାରେ। ଉପଗ୍ରହ ଚିତ୍ର, ପାଣିପାଗ ପୂର୍ବାନୁମାନ, ନଦୀଜଳସ୍ତର ମାପିବା ସେନ୍ସର ଏବଂ ମୋବାଇଲ୍ ସତର୍କ ସୂଚନା ମୂଲ୍ୟବାନ ତଥ୍ୟ ଯୋଗାଇପାରେ। କିନ୍ତୁ ଏହି ପ୍ରଯୁକ୍ତି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ମଧ୍ୟ ସେତିକି ଜରୁରୀ। ଯେଉଁ ସତର୍କ ସୂଚନା ସମୟରେ ଜଣେ ଚାଷୀ, ମତ୍ସ୍ୟଜୀବୀ କିମ୍ବା ବସ୍ତିବାସୀଙ୍କ ପାଖରେ ପହଞ୍ଚିପାରେ ନାହିଁ, ତାହାର ମୂଲ୍ୟ ବହୁତ କମ୍

ବନ୍ୟା ପରିଚାଳନାର ଦାୟିତ୍ୱ କେବଳ ସରକାରଙ୍କର ହୋଇପାରେ ନାହିଁ। ନାଗରିକଙ୍କର ମଧ୍ୟ ଏଥରେ ଭୂମିକା ରହିଛି। ଡ୍ରେନ୍‌ରେ ପ୍ଲାଷ୍ଟିକ୍ ଓ ଆବର୍ଜନା ପକାଇବା, ପ୍ରାକୃତିକ ଜଳପଥ ଉପରେ ବେଆଇନ ନିର୍ମାଣ କରିବା ଏବଂ ସତର୍କ ସୂଚନାକୁ ଅଣଦେଖା କରିବା ଏକ କଠିନ ପରିସ୍ଥିତିକୁ ଆହୁରି ଖରାପ କରିପାରେ।

ଏପଟେ ସରକାରଙ୍କୁ ଜରୁରୀକାଳୀନ ରିଲିଫ୍‌ର ସୀମା ଛାଡ଼ି ଆଗକୁ ଦେଖିବାକୁ ହେବ। ରିଲିଫ୍ ଆବଶ୍ୟକ, କିନ୍ତୁ ଏହା କେବଳ ପ୍ରଥମ ପଦକ୍ଷେପ। ଓଡ଼ିଶାକୁ ଦୀର୍ଘମିଆଦୀ ଭାବେ ବନ୍ୟା–ସହନଶୀଳ ଗାଁ ଓ ସହର ଗଢ଼ିବା ପାଇଁ ଏକ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ।

ବନ୍ୟାପ୍ରବଣ ଅଞ୍ଚଳରେ ଘରଗୁଡ଼ିକୁ ବନ୍ୟାର ଚାପ ସହିପାରିବା ଭଳି ଡିଜାଇନ୍ କରାଯାଇପାରେ। ସ୍ଥାନୀୟ ବନ୍ୟାର ଧାରା ଓ ଇତିହାସକୁ ବିଚାରରେ ରଖି ରାସ୍ତା ଓ ସେତୁ ନିର୍ମାଣ କରାଯାଇପାରେ। ସ୍କୁଲ୍ ସରକାରୀ କୋଠାଗୁଡ଼ିକୁ ଆବଶ୍ୟକ ସମୟରେ ନିରାପଦ ଆଶ୍ରୟସ୍ଥଳୀ ଭାବେ ମଧ୍ୟ ବ୍ୟବହାର କରାଯାଇପାରେ। ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଓ ଯୋଗାଯୋଗ ଭିତ୍ତିଭୂମିକୁ ବନ୍ୟାଜଳରୁ ସୁରକ୍ଷିତ ରଖାଯାଇପାରେ।

କୃଷି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ବନ୍ୟାପ୍ରବଣ ଅଞ୍ଚଳର ଚାଷୀମାନଙ୍କୁ ଫସଲ ଚୟନ, ଫସଲ ବୀମା ଏବଂ ବିକଳ୍ପ ଆୟର ଉତ୍ସ ସମ୍ପର୍କରେ ଅଧିକ ଓ ଭଲ ସୂଚନା ଦରକାର। ଯେଉଁଠାରେ ବନ୍ୟାକୁ ଏଡ଼ାଇବା ସମ୍ଭବ ନୁହେଁ, ସେଠାରେ ଯୋଜନାବଦ୍ଧ ପଦକ୍ଷେପ ମାଧ୍ୟମରେ ସମୁଦାୟର ଆର୍ଥିକ କ୍ଷତି କମାଇବାକୁ ହେବ

ବିପର୍ଯ୍ୟୟ ଘଟିଲେ ଓଡ଼ିଶା ପ୍ରଭାବଶାଳୀ ଭାବେ ମୁକାବିଲା କରିପାରେ ବୋଲି ପ୍ରମାଣ କରିଛି। ପରବର୍ତ୍ତୀ ଚ୍ୟାଲେଞ୍ଜ ହେଉଛି ବିପର୍ଯ୍ୟୟ ଘଟିବା ପରେ କ୍ଷତି କମାଇବା ନୁହେଁ ବରଂ ପ୍ରଥମ ସ୍ଥାନରେ ହିଁ କ୍ଷତିକୁ ଯଥାସମ୍ଭବ କମାଇବା। ତେଣୁ ୨୦୨୬ର ବାରମ୍ବାର ବନ୍ୟାକୁ କେବଳ ଆଉ ଏକ ମୌସୁମୀ ଘଟଣା ଭାବେ ଦେଖିଲେ ଚଳିବ ନାହିଁ। ଏହାକୁ ଏକ ସତର୍କ ସଙ୍କେତ ଏବଂ ଏକ ସୁଯୋଗ ଭାବେ ଦେଖିବା ଦରକାର

ପ୍ରଶ୍ନ ଏବେ ଏହା ନୁହେଁ ଯେ ବନ୍ୟା ପରେ ଓଡ଼ିଶା ଲୋକଙ୍କୁ ଉଦ୍ଧାର କରିପାରିବ କି ନାହିଁ। ଓଡ଼ିଶା ତାହା କରିପାରେ । ବଡ଼ ପ୍ରଶ୍ନ ହେଉଛି – ଓଡ଼ିଶା ଏପରି ଗାଁ ଓ ସହର ଗଢ଼ିପାରିବ କି, ଯେଉଁଠାରେ ପ୍ରଥମେ ହିଁ କମ୍ ଲୋକଙ୍କୁ ଉଦ୍ଧାର କରିବାର ଆବଶ୍ୟକତା ପଡ଼ିବ

ଏଥିପାଇଁ ଉନ୍ନତ ଯୋଜନା, ଅଧିକ ସୁଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ଜଳାଶୟର ସୁରକ୍ଷା ଏବଂ ଅଧିକ ଜନସଚେତନତା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିନ୍ତାଧାରାରେ ପରିବର୍ତ୍ତନପ୍ରତ୍ୟେକ ବନ୍ୟା ସହ ଲଢ଼ିବା ପରିବର୍ତ୍ତେ ଜଳ ସହ ସୁରକ୍ଷିତ ଭାବେ ବଞ୍ଚିପାରୁଥିବା ଏକ ପ୍ରସ୍ତୁତ ରାଜ୍ୟ ଗଢ଼ିବା । ବିପର୍ଯ୍ୟୟ ସମୟରେ ଜୀବନ ବଞ୍ଚାଇବାରେ ଓଡ଼ିଶା ନିଜକୁ ଆହୁରି ସକ୍ଷମ କରିଛି। ଏବେ ତାହାର ପରବର୍ତ୍ତୀ ସଫଳତା ହେଉ–ପରବର୍ତ୍ତୀ ବନ୍ୟା ଆସିବା ପୂର୍ବରୁ ଲୋକଙ୍କ ଜୀବିକା, ଘରବାଡ଼ି ଓ ସହରଗୁଡ଼ିକୁ ସୁରକ୍ଷିତ କରିବା।

**ଦୁର୍ଗା ଚରଣ ସ୍ୱାଇଁ**

# ଛୁଇଁବାକୁ ଚାହିଁ ନପାରିଲେ କଣ ହୁଏ

ଅନେକ ଇଚ୍ଛା ଭିତରୁ ଏ ଛୁଇଁବାର ଇଚ୍ଛା ଭାରି ନିଆରା ଓ ସମ୍ବେଦନଶୀଳ ଅଟେ । ଛୁଇଁବାକୁ ଇଚ୍ଛା ହୁଏ ପ୍ରକୃତିର ଅନେକ ସଜୀ ଓ ନିର୍ଜୀଙ୍କୁ ସ୍ନେହ ର ପରଶ ରେ, ଭଉଣୀ ଟିଏ ଭଳି, ମମତ୍ୱବୋଧ ରେ ମାଆ ଟିଏ ପରି ।ଆଉ ଚୁମାଟିଏ ଦେଇ ଟିକି ଝିଅ ଟିଏ ସରି ପୁଣି କେବେ ଟିକେ ଗଛଟିକୁ ଆଲିଙ୍ଗନ କରି ଠିକ ଜାୟା ସରି । ଲୁହ କିନ୍ତୁ ଆସିଯାଏ ଛୁଇଁବାର ନିଶା ଓ ଆକର୍ଷଣରେ ଅର୍ପିତାଙ୍କର । ସେଦିନ ଯେମିତି ଆମ୍ବଗଛଟିକୁ ଛୁଇଁବାର ନିଶାରେ କୁଣ୍ଢେଇ ଧରି ଭୋ ଭୋ କାନ୍ଦୁଥିଲେ ଅର୍ପିତା । ଗଛଟିକୁ ତାଙ୍କ ବାପା ଲଗେଇ ଥିଲେ । ପୁରୀରୁ ଅଭଡ଼ା ଧରି ଛୁଟିଆସନ୍ତି କେବେ କେବେ ଝିଅ ଅର୍ପିତା ଘରକୁ ତଥା ନିଶ୍ଚିନ୍ତ ସାବିତ୍ରୀ ଅମାବାସ୍ୟା କୁ । ନାତୁଣୀକୁ ପଢ଼ାଇ ବସନ୍ତି ।ଅକ୍ଷର ଶିଖିବାର ସରଳ ଉପାୟ ଠାରୁ ସଂଖ୍ୟା ଗଣନ ର ସରଳ ପଦ୍ଧତି ଯାଏଁ ଶିଖାଉଥାଆନ୍ତି ।ଅର୍ପିତାଙ୍କ ଝିଅ ରିଟୁ ଆଳ ଖୋଜୁଥାଏ ଖସିଯିବାକୁ ତ କହେ ଚକ ଖଡ଼ି ନାହିଁ । ଅର୍ପିତାଙ୍କ ବାପା ପୂର୍ଣ୍ଣବାବୁ ଚିଡି ଉଠନ୍ତି ନିଜ ଝିଅ ଅର୍ପିତାଙ୍କ ଉପରେ । ଟିଚର ହୋଇଛୁ ଘରେ ଚକ ଖଡ଼ି ଡବାଟିଏ ରଖିନୁ!ପୁଣି ନାତୁଣୀ ମାନେ ଅର୍ପିତାଙ୍କ ଝିଅ ରିଟୁ କୁ ଗାଳି ଦେଇ କୁହନ୍ତି ବାପାକୁ ଆମ୍ବ ଆଣିବାକୁ କହିପାରୁଛୁ, ଚକଖଡି କି ଦୁଦୁଖଡ଼ି ଆଣିବାକୁ କହିପାରୁନୁ!ଶୁଣିପାରନ୍ତି ଜୋଇଁ ତ ନେଇ ଆସନ୍ତି ପାଚିଲା ଆଖୁରସ ଆମ୍ବ ସହିତ ଦୁଦୁଖଡ଼ି ଓ ଚକଖଡ଼ି ଡବା । ଅର୍ପିତାଙ୍କ ବାପା ପୂର୍ଣ୍ଣବାବୁ ନାତୁଣୀ ରିଟୁ କୁ ପାଠ ପଢେଇବା ସହ ବାଡ଼ିରେ ଲଗାଉଥାଆନ୍ତି ଆଖୁରସ ଓ ବାଇଗଣପଲେଇ ଆମ୍ବ ଟାକୁଆ ସବୁକୁ । ପୁଣି ଆରଥର ସାବିତ୍ରୀକୁ ଅଭଡ଼ା ଇତ୍ୟାଦି ଧରି ଆସିଲା ବେଳକୁ ଉଠିଥିବା ଆମ୍ବଗଛ ମୂଳରୁ ସଫା କରୁଥାନ୍ତି ଘାସ ଓ ଚାରିପଟେ ମଳା କରି ଡାଳ ଧରି ବାଲ୍ଟିରୁ ଢ଼ାଳୁଥାଆନ୍ତି ଜଳ ।ସେ ମଧ୍ୟରୁ ସବୁ ମରି ମରି ଗୋଟାଏ ବଢୁଥାଏ ଆକାଶ ଛୁଇଁ ଯେମିତି । ଗଛଟା ଶାଖା ପ୍ରଶାଖା ମେଲାଇ ବଢୁଥିବା ଦେଖି ଅଜା ଯେତିକି ଖୁସି ନାତୁଣୀ ରିଟୁ ବି ସେତିକି ଖୁସି । ଯୋଉବର୍ଷ ଫଗୁଣ ରେ ବଉଳ ଆସିଲା ଓ ଗଛରେ କୋଇଲି କୁହୁ କୁହୁ ଡାକିଲା ପତ୍ର ଗହଳ ରେ ଠିକ ସେହି ବର୍ଷ ବାପା ଯେମିତି ଅବିଗୁଣ ହୋଇ ଛାଡ଼ି ଚାଲିଗଲେ ସେପୁରକୁ, ଯୋଉଠିକି ଗଲେ ଆଉ ସେ ଚେହେରା ଦେଖିବା ସାତସ୍ୱପ୍ନ ହୋଇଯାଏ । ଅର୍ପିତା କିନ୍ତୁ ଜଣାତ କି ଅଜଣାତ ଭିତରେ ଆମ୍ବ ଗଛଟାକୁ ଛୁଇଁବା ସହ କୁଣ୍ଢେଇ ଧରନ୍ତି, ଦୂରରୁ ଦେଖୁଥାନ୍ତି ଗଛଟାକୁ । ଆମ୍ବ ଗଛ ଡ଼ାଳରେ, ପତ୍ର ଗହଳ ଭିତରେ ବସା କରିଥିବା ଭଦଭଦଳିଆ ପକ୍ଷୀର ଦୁଇ ଶାବକଙ୍କୁ ହାତ ରେ ଛୁଇଁ ନପାରିଲେ ମଧ୍ୟ ହୃଦୟରୁ ଛୁଅନ୍ତି । ବାପା କହନ୍ତି ଅର୍ପିତାଙ୍କ ବାପଘର ଗୋତ୍ର କାଳେ ଭାରଦ୍ୱାଜ ତେଣୁ ଭଦଭଦଳିଆ ପକ୍ଷୀ ଦେଖିଲେ ଅର୍ପିତାଙ୍କ ବାପା ଓଠରେ ଦୁଇଆଙ୍ଗୁଠି ରଖି ଶୁଭ ସୂଚକ ଚୁ ଚୁ ଚୁ ବୋଲି ତିନି ଥର କହିବା ସହ ମୁଣ୍ଡିଆ ମାରୁଥାନ୍ତି ତ ସେଇ ପିଲାଦିନୁ ଅର୍ପିତାଙ୍କର ଏପରି ଭଦଭଦଳିଆ ପକ୍ଷୀ ଦେଖିବାରେ ଭାରି ସନ୍ତୁଷ୍ଟି । ଏବେ ବାପା ଯିବା ପରେ ପରେ ବୋଉ ମଧ୍ୟ ଗଲାଣି । ଝିଅ ବାହାହୋଇ ତାର ଝିଅଟିଏ ହେଲାଣି ।ତ ଆମ୍ବ ଗଛକୁ ଦେଖିଦେଇ ଛୁଇଁ ହୋଇଯାଏ ବାପାଙ୍କୁ ଓ ବୋଉକୁ । ଛୁଇଁ ହୋଇଯାଏ ଦୂରରେ ଶାଶୁଘରେ ଥିବା ଝିଅ ରିଟୁ ସହ କଲିକତାରେ ରହୁଥିବା ପୁଅ ଜିଟୁ କୁ । ଅଜା କହିଯାଇଥିବା ଆମ୍ବ ଗଛର ଯତ୍ନ ନେଉ ନେଉ ଭାଇ ଅର୍ଥାତ ଅର୍ପିତାଙ୍କ ଜ୍ୟେଷ୍ଠ ସନ୍ତାନ ପୁଅ ଜିଟୁ କଣ କମ ହଇରାଣ କରେ ରିଟୁ କୁ!ଝିଅ ଭାଇ ଜିଟୁ ର କାମ ଓ କଥା ନମାନିଲେ ଧମକ ଦିଏ ଭାଇ ଯେ ଆମ୍ବ ଗଛ ତୋର ଓପାଡି ଦେବି ଯେ ଅଜା ଆସି ତତେ ଗାଳିଦେବେ କିନ୍ତୁ ସାନ ଭଉଣୀ ରିଟୁ ମାନିଯାଏ ଭାଇ କଥା କରିଦିଏ ଭାଇ ଆଦେଶ ର କାମ । ଏମିତି ଅନେକ ସ୍ମୃତିର ଗନ୍ତାଘର ଏ ଆମ୍ବଗଛ କୁ ଛୁଇଁ ହୋଇଯାଏ ମନରେ, ହୃଦୟରେ ତଥା ପଲକ ଓ ପୁଲକରେ ଅର୍ପିତାଙ୍କର । ଥରକୁ ଥର ଅନେକ ଥର ଅର୍ପିତାଙ୍କର । ପୁଣି ଭଦଭଦଳିଆ ପକ୍ଷୀଶାବକ ଦୁହିଁଙ୍କୁ ଦେଖି ବାପା ଓ ବୋଉଙ୍କୁ ଦେଖିଲା ପରି ଛୁଇଁଯାଏ ମନ ଓ ହୃଦୟ ତାଙ୍କର ମାନେ ଅର୍ପିତାଙ୍କର ।

ସେଇ ଆମ୍ବଗଛ ଏବେ ହଣା ହେବ ।ସ୍ୱାମୀଙ୍କ ପାଇଁ ଗଛଟି ହଣା ହେବାର କାରଣ ଅନେକ । ଆମ୍ବଗଛର ଚେର ମାଡି ଭିତରେ ଭିତରେ ତଳ ଘର, ଶିଡ଼ି ଓ ଟାଙ୍କି ଫଟେଇବାର ଆଶଙ୍କା ସାଙ୍ଗକୁ ଦ୍ୱିତୀୟତଃ ଜାଗା ବାହାରିଲେ ଆଉ ଦୁଇ ବଖରା ବାହାରି ପଡିଲେ କେହି ଜଣେ ଭଡାଟିଆ ରହି ଯାଇପାରିବ ତ!ତୃତୀୟରେ ଡ଼ାଳ ଚେର ମୂଳ ବଢ଼ୁଥିବାରୁ ପଡୋଶୀ ଘର ଛାତରେ ପତ୍ର ପଡେ ଓ ବଉଳ ଫୁଲ ଝଡ଼େ ତ ସେମାନଙ୍କୁ ପରିଷ୍କାର କରିବାକୁ ପଡେ ତ ମନ ବିଷାକ୍ତ ହୋଇ ଗଛ ଉପରେ ଚିଡ଼ା ସମ୍ଭାଷଣ ପଡେ ସ୍ୱାମୀଙ୍କର । ପୁଣି ଆମ୍ବ କଷି ରୁ କଣ ବଉଳ ହେବା ଠାରୁ ମାଙ୍କଡ଼ ପଲ ଦୋଳି ଖେଳୁ ଖେଳୁ ବଉଳ ଫୁଲ ଝାଡନ୍ତି, କଷିରୁ ଚିଡେଇ ତଳକୁ ଫିଙ୍ଗନ୍ତି, ମାଙ୍କଡ଼ ବାଡ଼େଇବାକୁ କହିଲେ କହନ୍ତି ସେମାନେ ବଞ୍ଚିବେ କେମିତି! ବାପା ମାନେ ଅର୍ପିତାଙ୍କ ସ୍ୱାମୀ ଓ ପୁଅ ଜିଟୁ ଦୁହେଁ ସମାନ କଥା କହିଥାଆନ୍ତି ତ ଗୋଟେ ବି କଞ୍ଚା କି ପାଚିଲା ଆମ୍ବ ମିଳେନି ଗଛରୁ । ଏମିତିକି ବିଷୁବ ସଂକ୍ରାନ୍ତିରେ ଛାତ ଉପରକୁ ହାତ ପାଉଥିବା ଡ଼ାଳ ଧରି କଞ୍ଚା ଆମ୍ବ ଫଳ ଟେ ମଧ୍ୟ ମିଳେନା ପଣାରେ ପକେଇବାକୁ ତ ସ୍ୱାମୀଙ୍କର ଏକା ଜିଦ ଗଛ ହଣା ହେବ । ଏଥର ଝିଅ ନାତୁଣୀ ସହ ଆସି ଦେଖେଇ ଦେଇଥିଲା ଅର୍ପିତାଙ୍କୁ ଦେଖ ମାଆ ନୀଳକଣ୍ଠି ଚଢ଼େଇ ବସା । ନୀଳକଣ୍ଠି ପୁଣି କୋଉ ଚଢ଼େଇ ଝିଅ!ସେଇ ଅଜା ଆଈଙ୍କ ଗୋତ୍ର ଚଢ଼େଇ ଭଦଭଦଳିଆ ମ!ନଈ କେ ବାଙ୍କ ଦେଶକେ ଫାଙ୍କ ପରି ଅଞ୍ଚଳ ରୁ ଅଞ୍ଚଳ ଭାଷାରେ ସମ୍ୟକ ପାର୍ଥକ୍ୟ ଭିତରେ ଆମେ ଓଡ଼ିଆ । । ଆମ ଭାଷା ବଢିଆ । ହସନ୍ତି ଅର୍ପିତା । ଏଣିକି ପୁଅକୁ ଫୁସୁଲାନ୍ତି । ତୋ ପୁଅ ତଥା ମୋ ନାତି ବାବା ବଡ଼ ହେଲେ ଆଉ ଭଦଭଦଳିଆ ବା ନୀଳକଣ୍ଠି ଚଢ଼େଇ ଏତେ ପାଖରୁ ଦେଖିପାରିବନି ।ତ ଛୁଟିରେ ଅଳ୍ପ ଦିନ ପାଇଁ ପରିବାର ଧରି ଆସିଥିବା ପୁଅର କଥା ଗଛ ହଣା ହେଲେ ମୋ ପୁଅ ଝିଅ ପକ୍ଷୀଟିଏ ଦେଖିବେ କେମିତି ବୋଲି କଥାଟିକୁ ସେ ତା ଚାକିରୀ ଜାଗାକୁ ଯିବା ପରେ କାହିଁ ମନେରଖନ୍ତେ ସ୍ୱାମୀ!ସେଇ ନିଶା । ଗଛ ହଣା ହେବ ।ମନସ୍ତାପ ଭିତରେ ଅର୍ପିତା ପଡିଯାଇ ବାମ ହାତ ଭାଙ୍ଗି ବସିଲେ ତ ଶନିମହାଦଶା ଘାଣ୍ଟୁଛି ର ଲୋକମତ କୁ ଗୁରୁତ୍ୱ ଦେଲାବେଳକୁ ଝିଅର ଦ୍ୱିତୀୟ ସନ୍ତାନ ଆସୁଥିବାର ଖୁସି ଖବର ରେ ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣା ଭୁଲି ଅର୍ପିତା ଡାକୁଥିଲେ ପ୍ରଭୁ ହେ ଜୟ ବଜରଙ୍ଗବାଲୀ, ତୁମେ ହିଁ ସାହା । ତୁମେ ଆସ ପ୍ରଭୁ ମୋ ଝିଅ କୋଳକୁ ପୁଅଟିଏ ହୋଇ । ଥରେ ଛୁଇଁ ଦେବି ତୁମକୁ ମୋ ବାପା ବୋଲି କହି । ସ୍ୱାମୀଙ୍କ ଦବି ଯାଇଥିବା ନିଶା ସକ୍ରିୟ ହୋଇଛି । ଗଛ ହଣା ହେଲେ ଜାଗା ସଫା ହୋଇ ଝିଅ ରିଟୁ ର ଦ୍ୱିତୀୟ ସନ୍ତାନ ପ୍ରଭୁଙ୍କ ଦୟାରୁ ପୁଅଟିଏ ହେଲେ ରୋଷେଇ ହେବ । ଜାଗା ଦରକାର । ବହିନା ଦିଆ ସରିଛି । ଗଛକଟାଳି ଆଉ କେହି ପେଶା ରୂପେ ଗଛ ହାଣୁନଥିବାରୁ ବଡ଼ କଷ୍ଟରେ ଯୋଗାଡିଛନ୍ତି ସ୍ୱାମୀ । ସେମାନେ ଆସି ପହଞ୍ଚିଗଲେଣି । ଉପମା ଡ଼ାଲମା କରିବାକୁ ଅର୍ପିତା ସଫା ସଫା ମନା କରିଦେଲେ ହାତ ଭଲନାହିଁ କହି ତ ରୋଷେୟା ଆସି ଛାତ ଉପରେ ଡାଲମା ବସେଇଲାଣି । ଯେମିତି କରୁରୀ ଚୋଟ ବସିଛି ଏତେବଡ ଡ଼ାଳ ତଳେ ଲୋଟୁଛି । ଡ଼ାଳ ଦେହରେ କିନ୍ତୁ ବସା କରିଥିବା ନୀଳକଣ୍ଠି ଚଢ଼େଇ ମାଆ ସିନା ଉଡ଼ିଗଲା ହେଲେ ଶାବକ ଦୁଇଟି ଚେଁ ଚେଁ କରୁଛନ୍ତି ତଳେ ପଡି । ପିମ୍ପୁଡି ଜନ୍ଦା ସବୁ ଆସୁଛନ୍ତି ମାଡି । ସ୍ୱାମୀ ଚାହିଁଲେ ଘଡିଏ । ଦ୍ୱିତୀୟ ଚୋଟ ପକାଇବା ପୂର୍ବରୁ କହିଲେ ରୁହ । ଓଲେ୍ହଇ ଆସ ସବୁ । ଏ ପକ୍ଷୀବସାକୁ ଯତ୍ନରେ ରଖିନିଅ ଅନ୍ୟ ଏକ ଭରସା ଯୋଗ୍ୟ ଡ଼ାଳରେ । ଉପମା ଡ଼ାଲମା ଖାଇ ଓ ପଇସା ଗଣି ନେଇ ଫେରିଯାଅ ଏବେ ।ମୁଁ ପରେ ଡକେଇବି । ଦଉଡିଗଲେ ଲୁହ ପୋଛି ଅର୍ପିତା । ଡାକପକେଇଲେ ସ୍ୱାମୀଙ୍କୁ । ଶୁଣୁଛ ପୁଅ ହୋଇଛି ଝିଅର । ମାଆ ଓ ଶିଶୁ ଭଲ ଅଛନ୍ତି । ଆମକୁ ଯିବାକୁ ହେବ ।ଝିଅ ପାଖକୁ ଯିବା ପୂର୍ବରୁ ଗଛଟିକୁ ଛୁଇଁ ଏମିତି କାନ୍ଦୁଥିଲେ ଅର୍ପିତା ଯେମିତି ଶାଶୁଘରକୁ ଗଲାବେଳେ ଝିଅ କାନ୍ଦେ । ବିରକ୍ତ ହେଉଥିବା ସ୍ୱାମୀଙ୍କୁ ଅର୍ପିତା କହୁଥିଲେ ନାତି ଦେଇଛି ଏଇ ଗଛ । ବାବା ସାଙ୍ଗକୁ ନାତୁଣୀ ଡୁଗୁ ର ଭାଇ ଗୁଡ଼ୁ ରୂପେ ମୋ ବାପା ଆସିଯାଇଛନ୍ତି ପ୍ରଭୁ ହନୁମାନ ଙ୍କ ଦୟାରୁ ।ସେଇ ଖୁସିରେ ଲୁହ ବୋଲ ମାନୁନି ଛୁଇଁବାର ନିଶାରେ ମୋର ।ତ ସ୍ୱାମୀ କହୁଥିଲେ ହଉ ହଉ ଆସ ।

ସକାଳୁ ଖୁବ ଥଣ୍ଡା ଲାଗୁଥିଲା । ଚଢ଼େଇ ଦେଖିବା ନିଶାରେ ଛାତ ଉପରକୁ ଗଲେ ଅର୍ପିତା । କିଛି ଚଢେଇଙ୍କ ସଙ୍ଗେ ଦେଖାତ ହେଲା କିନ୍ତୁ ପଲେ ମାଙ୍କଡ଼ଙ୍କ ଡିଆଁ ଡେଇଁ, ଦୋଳିମାଙ୍କୁଡ଼ି ଖେଳ , ବାଡ଼ିଆପିଟା, ଖିଙ୍କାରି ତଥା ଉକୁଣୀ ବଛାବଛି ଭିତରେ ଗୋଟିଏ ମାଙ୍କଡ଼ ଛାତ ଉପର ପାଣି ଟାଙ୍କି ଉପରେ ମୁଁହ ତଳକୁ ପୋତି ବସିରହିଥିବାର ଦୃଶ୍ୟ କାହିଁକି ଭାରି ଅସହଜ ଲାଗିଲା ଅର୍ପିତାଙ୍କୁ । ତାର କାରଣ ମାଙ୍କଡ଼ ପରି ଜନ୍ତୁ ଏତେ ନିଶ୍ଚଳ ହୋଇ ବସିରହିବା କେବେ ସେ ଦେଖିନଥିଲେ । ଲୁହ ଛଳ ଛଳ ହୋଇଗଲା ଅର୍ପିତାଙ୍କ ଆଖି । ନିଶ୍ଚୟ ଅସୁସ୍ଥ ଅଛି ମାଙ୍କଡ଼ଟି । ବୋଧହୁଏ ଖାଇନି ସେ ବା ଦେହ ଖରାପ ଅଛି ତାର । ସେତିକି ବେଳକୁ ନାତି ବାବା ଆସି ଡାକୁଥିଲା ଜେଜେମାଆ ତଳକୁ ଆସ ଚା ପିଇବ । ଜମା ଚା ପିଇବାର ମନ ନଥିଲା ଆଜି ଅର୍ପିତାଙ୍କର ତ ସେ ନାତିକୁ ପାଖକୁ ଡାକି ନିଶ୍ଚଳ, ପ୍ରତିକ୍ରିୟାବିହୀନ ମାଙ୍କଡ଼ଟିକୁ ଦେଖେଇ କହିଲେ ଦେଖ ବାବା ସେଇ ମାଙ୍କଡ଼ଟିକୁ । ଦିନେ ପଚାରୁଥିଲୁ ଭୋକ କହିଲେ କାହାକୁ ବୁଝାଏ ତ ଦେଖେ ଏ ମାଙ୍କଡ଼କୁ ଭୋକ ହେଉଥିବାରୁ ଓ ଖାଦ୍ୟ ମିଳୁନଥିବାରୁ ସେ କେମିତି ନିସ୍ତେଜ, ରୁଗ୍ଣ ଓ ଚଳତଶକ୍ତିହୀନ ହୋଇପଡିଛି । ବାବା କହିଲା ତେବେ ସେ ଖାଇବାରେ ଅସୁବିଧା କୋଉଠି ଯେ!ସେଇଥିପାଇଁ ତ ଜେଜେ ଆମ୍ବଗଛ କାଟିଲେନି । ଖୁବ ବଉଳ ଖାଇ ଖାଇ ଯେତିକି ଆମ୍ବ ହୋଇଛି ସେସବୁ ଖାଇବାରେ ଅସୁବିଧା କଣ!ଅସୁବିଧା ଅଛି ଧନ । ଭୋକ ହୋଇ ହୋଇ ରୋଗଗ୍ରସ୍ତ ହୋଇଗଲା ପରେ ଦେହ ହାତ ଅବଶ ଲାଗେ ତ ଖାଦ୍ୟ ପାଖକୁ ପହଞ୍ଚିବା ପାଇଁ ଶକ୍ତି ସାମର୍ଥ୍ୟ ନଥାଏ । ହଁ ଜେଜେମାଆ ଏମିତି ଏକ ଉଦାହରଣ ଦେଇ ଆମ ସାର ମଧ୍ୟ ଭୋକର ବିକଳ ଚିତ୍ର ଦେଖ କହି ବୁଝାଇଦେଇଥିଲେ । ଏବେ ମୁଁ ଭୋକ ଓ ଭୋକଠାରୁ ବଡ଼ ଶତ୍ରୁ ରୋଗକୁ ଚିହ୍ନି ସାରିଛି ଜେଜେମାଆ । ତେବେ ତୁମେ ଚା ପିଇବ ଆସ ଓ ମାଙ୍କଡକୁ ବିସ୍କୁଟ ଆଣି ଦିଅ । ସବୁ ସମାଧାନ ସୂତ୍ର କହି ବାବା ତ ଡିଆଁ ମାରି ଚାଲିଗଲା । ଜେଜେମାଆ କିନ୍ତୁ ଆଜି ରବିବାରରେ ନିଜକୁ ନିୟୋଜିତ କରି ରଖିଲେ ଘରର ଭଙ୍ଗାଭଙ୍ଗି ଜିନିଷକୁ ଏକାଠି କରି ଅଳିଆ ସଫା କରିବାକୁ । ପଲିଥିନ ପୂର୍ଣ୍ଣ । ସିମେଣ୍ଟ ଜରି ଅଖାରେ ଭଙ୍ଗା କଣ୍ଢେଇ ବସ୍ତା ଦୁଇଟିକୁ ପୂର୍ଣ୍ଣ କରି ରଖୁ ରଖୁ ଅନେକ ବାହାଘର, ବ୍ରତଘର, କାନଫୋଡା, ରିଙ୍ଗ ସେରିମନୀ ନିମନ୍ତ୍ରଣ ପତ୍ର ମଧ୍ୟ ଗଦାଏ ବାହାରିଲା । କିଏ କେତେ ବାଛି ବୁଛି ନିଜ ପୁଅ କିମ୍ବା ଝିଅ ବାହାଘର କି ନାତି ବ୍ରତଘର ଅବା ନାତୁଣୀ କାନଫୋଡା ପାଇଁ କରିଥିବା ନିମନ୍ତ୍ରଣ ପତ୍ର ଗୁଡିକ ମଧ୍ୟ ଗୋଟେ କି ଦିଟା ଜରି ଅଖା ପୂର୍ଣ୍ଣ ହେଲାପରେ ହାଲିଆ ହୋଇ ବସିପଡ଼ିଥିବା ଶାଶୁ ମାଆ ଅର୍ପିତା । ତାଙ୍କୁ ସିଆସିଡ ପକା ଥଣ୍ଡା ପାଣି ମୁନ୍ଦେ ଦେଇ ବୋହୁ କହୁଥିଲା ଆଜି ସେତିକି ଥାଉ ମାଆ ।ଏବେ ମାଆ ନାତି ଉଭୟ ଡୁଗୁ କୁ ଧରି ଖାଇବେ ଆସନ୍ତୁ । ତୁ ବାପାଙ୍କୁ ଓ ମୋ ପୁଅକୁ ଖାଇବାକୁ ଦେ ଆମେ ଜେଜେମାଆ ଓ ନାତି ତଥା ନାତୁଣୀ ଗାଧେଇ ପାଧେଇ ଯାଉଛୁ କହି ବାବାକୁ ଖୋଜିଲା ବେଳକୁ ସେ ନଥିଲା ।

ଥରକୁ ଥର ଫାଷ୍ଟ । ଏଡ଼ । ବକ୍ସ ଖୋଲି କେବେ ଡେଟଲ, କେବେ ତୁଳା ପୁଣି କେବେ ବେଟାଡାଇନ ଅଏଣ୍ଟମେଣ୍ଟ ଧରି ତଳେ ଥିବା ବଡ଼ ବରଗଛ ପାଖକୁ ଯାଉଥିଲା ବାବା ଓ ତାକୁ ସାହାଯ୍ୟ କରୁଥିଲା ଡୁଗୁ ଅପା । ଶେଷକୁ ଫାଷ୍ଟ –ଏଡ଼ –ବକ୍ସ ଉଠେଇ ନେଇ ବରଗଛ ମୂଳେ ନଇଁ ପଡ଼ିଥିବା ନାତି ନାତୁଣୀଙ୍କୁ ଅନୁସରଣ କଲେ ଜେଜେମାଆ । ଆଶ୍ଚର୍ଯ୍ୟ ହେଲେ । ବରଗଛ ମୂଳେ ପଡ଼ିଥିବା ଭଙ୍ଗା କଣ୍ଢେଇ ସବୁରୁ ଗୋଟିକ ଭିତରେ ଅଣ୍ଟ ପୁରେଇ ଆହତ ନୀଳକଣ୍ଠି ପକ୍ଷୀଟିର ଉପଚାର କରି ଚାଲିଛନ୍ତି ନାତି ବାବା ଓ ନାତୁଣୀ ଡୁଗୁ । ଭଙ୍ଗା କଣ୍ଢେଇ ଭିତରେ ଖାଦ୍ୟ ରୂପେ ଖୁଦ ଭାବି ପୋକ ଜୋକ ଅନୁସନ୍ଧାନ କରୁ କରୁ ଫସି ରହିଥିବା ଅଣ୍ଟକୁ ଭାଇ ଭଉଣୀ ଦୁହେଁ କାଢି ସାରିଥିଲେ ବି କ୍ଷତାକ୍ତ ଅଣ୍ଟ ନେଇ ଉଡ଼ିପାରୁନଥିବା ନୀଳକଣ୍ଠି ଚଢେଇର ଉପଚାର କରୁ କରୁ ବାବା କହୁଥିଲା ଜେଜେମାଆ ଙ୍କୁ ଯେ ବୁଝିଲ ମାମା ଜେଜେ ତୁମେ ସକାଳୁ ଦେଖିଥିବା ସେଇ ମାଙ୍କଡ଼ ର ଅସୁସ୍ଥତା ମଧ୍ୟ ଏଇ ପକ୍ଷୀ ପରି ଭୋକ ରେ ନୁହଁ ବରଂ କୋଉ କାଚ ଟୁକୁରା ବା ଭଙ୍ଗା ପ୍ଲାଷ୍ଟିକ ଖେଳନା ବାଜି କ୍ଷତ ଯୋଗୁହୋଇଥାଇପାରେ । ଜେଜେମାଆ ଙ୍କୁ ତାଙ୍କ ପୁଅ ଜିଟୁର ପୁଅ ନାତି ବାବା ମାମା ଜେଜେ ଡାକେ ଓ ମନ ତଥା ହୃଦୟରେ ଉଠୁଥିବା ପ୍ରଶ୍ନ ପଚାରିବା ସହ କଥା ସବୁ କୁହେ । ଝିଅର ଝିଅ ନାତୁଣୀ ଡୁଗୁ ମଧ୍ୟ ଆଈଙ୍କୁ ସବୁ କହେ । ତାର ଛୋଟ ଭାଇଟିଏ, ଯାହାର ନାମ ଗୁଡ଼ୁ ଜନ୍ମ ହୋଇଥିବାରୁ ସେ ଅଜା, ଆଈ, ମାମୁଁ ମାଇଁ ତଥା ମାମୁଙ୍କ ପୁଅ ବାବା ପାଖେ ରହିଥାଏ ।ସେ ମଧ୍ୟ କହୁଥିଲା ବୁଝିଲ ନା ଆଈ ଆମେ ମଣିଷମାନେ ସିନା କଥା କହିପାରୁ ବୋଲି ସବୁ ପ୍ରକାଶ କରିପାରୁ କିନ୍ତୁ ଏ ନିରୀହ ପଶୁ ପକ୍ଷୀ ମାନେ କଥା କହି ପାରୁନଥିବାରୁ ମଣିଷର ଅସାବଧାନତା ଯୋଗୁଁ ଖୁବ କ୍ଷତାକ୍ତ ହୋଇ କଷ୍ଟ ପାଆନ୍ତି । ସେତେବେଳକୁ ବାବା ନିଶୁଣି ପକେଇ ସକାଳ ପହରୁ ସେଇଠି ସେମିତି ପାଣି ଟାଙ୍କି ଉପରେ ବସିରହି ଘୁମେଇ ପଡ଼ିଥିବା ମାଙ୍କଡ଼ର କ୍ଷତ ଠା କରି ଉପଚାର ଆରମ୍ଭ କରୁ କରୁ ଡୁଗୁ ଅପା ପହଁଞ୍ଚି ଯାଇ ତାକୁ ସାହାଯ୍ୟ କରୁଥିଲା । ଜେଜେମାଆ ମାଙ୍କଡ଼ ହାତକୁ କଦଳୀ ଦୁଇଟି ବଢ଼େଇ ଦେଇ ତଳେ ରଖିଥିବା ଭଙ୍ଗା କଣ୍ଢେଇ ବସ୍ତା ଦୁଇଟିକୁ ଆଉ ବାହାରେ ନଫୋପାଡି କବାଡି ବାଲାକୁ ଦେଇଦେବାକୁ ରଖିନେବେ ବୋଲି ତଳକୁ ଯାଇ ଦେଖନ୍ତି ତାହା ଉଭାନ । ହେଲେ କୁଆଡେ ଗଲା ସେ ପ୍ଲାଷ୍ଟିକ ଭଙ୍ଗା କଣ୍ଢେଇ ଖେଳନା ବସ୍ତା ଦୁଇଟି!ସ୍ୱାମୀ କହୁଥିଲେ ଯୋଉ ପଶୁ ପକ୍ଷୀ ରହିବେ ବୋଲି ବାରିପଟ ଆମ୍ବ ଗଛ ହାଣିବାକୁ ହାତ ଗଲାନି ସେଇ ପଶୁ ଓ ପକ୍ଷୀଙ୍କୁ ସୁରକ୍ଷା ଦେବାକୁ ଯାଇ ଗାତ ଖୋଳି ପୋତି ଦେଇଛି ମୁଁ ନିଜେ ସେସବୁ ଭଙ୍ଗା କଣ୍ଢେଇ ସବୁକୁ । ବାବା ଓ ଡୁଗୁ ସାକ୍ଷୀ ଅଛନ୍ତି । ଅର୍ପିତାଙ୍କ ଆଖିରୁ ଦୁଇ ଟୋପା ଲୁହ ଗଡି ଆସୁଥିବା ବେଳେ ଝିଅ ରିଟୁ ଫୋନ କରି କହୁଥିଲା ମାଆ ମୋ ଟିକି ପୁଅ ଗୁଡ଼ୁ ଗଲେ ଖେଳିବ ଭଙ୍ଗା କଣ୍ଢେଇ ଫିଙ୍ଗିବୁନି ଜମା ।ତ ସ୍ୱାମୀ କହୁଥିଲେ ସେସବୁ ଗଚ୍ଛିତ ସମ୍ପତ୍ତି ଅଛି ଠିକଣା ସ୍ଥାନରେ ସାନ ନାତି ଗୁଡ଼ୁ ପାଇଁ । କିଛି ଦୁଃଖ ଭିତରେ ମଧ୍ୟ ହସ ମାଡୁଥିଲା ଅର୍ପିତାଙ୍କ ସହିତ ସମସ୍ତଙ୍କୁ ।ଛୋଟ ଭାଇ ଗୁଡ଼ୁର ଜନ୍ମ ବେଳେ ଅଜା ଓ ଆଈ ଝିଅ ରିଟୁ ଘରକୁ ଯାଇ ଫେରିଲା ବେଳେ ନାତୁଣୀ ଡୁଗୁକୁ ଏବେ ଝିଅ ଜୋଇଁ ନେଇଯିବେ ଭାବି ସମସ୍ତେ ଦୁଃଖ କରୁଥିଲା ବେଳେ ଆଈ ଅର୍ପିତା ହାତ ଭାଙ୍ଗିବା ପରଠୁ ଡୁଗୁ କି ବାବା କିମ୍ବା ଏବେ ନୂଆ ଛୋଟ ନାତି ଗୁଡ଼ୁକୁ ଧରି ନପାରି ବା ମନବୋଧ କରି ଛୁଇଁ ନପାରି ଭଙ୍ଗା କଣ୍ଢେଇ ସାଜିଥିଲେ ।

**ସୁନନ୍ଦା ମହାନ୍ତି**
**ସକ୍ଷୀଗୋପାଳ, ପୁରୀ**

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମାସିକ ରାଜସ୍ୱ ଓ ପି.ଏମ୍.ଜି. ପ୍ରଗତି ବୈଠକ

# ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ କଡ଼ା ନିର୍ଦ୍ଦେଶ

ମାଲକାନଗିରି,୯।୯ (ଆନିସ): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଙ୍କ ପୌରୋହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ ରାଜସ୍ୱ ଏବଂ ପି.ଏମ୍.ଜି. ପ୍ରଗତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ଚାଲୁ ରହିଥିବା ବିଭିନ୍ନ ଭିତ୍ତିଭୂମି



ଉନ୍ନୟନ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମୀଣ ବିକାଶ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିସହ ଜିଲ୍ଲାର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଜମି ରାଜସ୍ୱ, ଖଣିଜ ରାଜସ୍ୱ ଏବଂ ଅନ୍ୟାନ୍ୟ ସରକାରୀ ଟିକସ ଆଦାୟର ଲକ୍ଷ୍ୟଧାର୍ଯ୍ୟ ଉପରେ ସମୀକ୍ଷା କରାଯିବା ସହ ବାକି ରହିଥିବା ରାଜସ୍ୱକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଶେଷ କରି ଜଙ୍ଗଲ ଜମି କ୍ଲିୟରାନ୍ସ ଏବଂ ପରିବେଶ ସମ୍ବନ୍ଧୀୟ ଆପତ୍ତି ଯୋଗୁଁ ଅଟକି ରହିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବୃହତ୍ ପ୍ରକଳ୍ପଗୁଡ଼ିକର ସମାଧାନ ପାଇଁ ବନଖଣ୍ଡ ଅଧିକାରୀଙ୍କ ସହ ମିଳିତ ସମୀକ୍ଷା ହୋଇଥିଲା। ସମସ୍ତ ବିକାଶମୂଳକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଏହାର ଗୁଣବତ୍ତା ବଜାୟ ରଖିବାକୁ ଜିଲ୍ଲାପାଳ ଇଞ୍ଜିନିୟର ଓ ବିଭାଗୀୟ ମୁଖ୍ୟମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।

ଏହି ଅବସରରେ ଜିଲ୍ଲାପାଳ ନିଜ କହିଛନ୍ତି ଯେ, ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତ୍ୟେକ ପ୍ରକଳ୍ପ ଏବଂ ରାଜସ୍ୱ ଆଦାୟର ସଫଳ ରୂପାୟନ ଅତ୍ୟନ୍ତ ଜରୁରୀ। ସରକାରୀ ଯୋଜନାଗୁଡ଼ିକର ସୁଫଳ ଯେପରି ସାଧାରଣ ଲୋକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚିପାରିବ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ। ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ନକଲେ ସମ୍ପୃକ୍ତ ବିଭାଗ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକ ଶେଷରେ ସମସ୍ତ ବିଭାଗୀୟ ମୁଖ୍ୟମାନେ ନିଜ ନିଜ ବିଭାଗର ପ୍ରଗତି ରିପୋର୍ଟ ଉପସ୍ଥାପନ କରିବା ସହ ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସଙ୍କଳ୍ପ ନେଇଥିଲେ।

## ସରକାରୀ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

# ଥାନାରେ ଅଭିଯୋଗ କଲେ ପଞ୍ଚାୟତ ସମିତି କର୍ମଚାରୀ

ବୈପାରିଗୁଡା,୯।୯ (ଆନିସ): ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଜଣେ ସରକାରୀ କର୍ମଚାରୀଙ୍କୁ ଶାରୀରିକ ଆକ୍ରମଣ ଓ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୈପାରିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀମାନେ ଥାନାରେ ଅଭିଯୋଗ କରିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ କର୍ମଚାରୀଙ୍କ ସୁରକ୍ଷା ଦାବି କରିଛନ୍ତି। ବୈପାରିଗୁଡା ପଞ୍ଚାୟତ ସମିତି ପକ୍ଷରୁ ଆଜି ଏନେଇ ବୈପାରିଗୁଡା ଥାନା ଆଇଆଇସିଙ୍କୁ ଏକ ଲିଖିତ ଅଭିଯୋଗପତ୍ର ଦିଆଯାଇଛି। ପତ୍ରରେ ଦର୍ଶାଯାଇଥିବା ଅନୁଯାୟୀ, ୭ ସେପ୍ଟେମ୍ବର ୨୦୨୬ ଦିନ ପ୍ରାୟ ମଧ୍ୟାହ୍ନ ୧୨ଟା ସମୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏହି ଘଟଣା ଘଟିଥିଲା। ସହକାରୀ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଏଡିଇଓ ଶ୍ରୀମନ୍ତ ସାମଲ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ବୋଦାପୁଟ ପଞ୍ଚାୟତର କୁରକୁଟି ଗ୍ରାମର ସୁଧୀର ବିଶୋୟୀ ତାଙ୍କୁ ଶାରୀରିକ ଭାବେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। କେବଳ ଶାରୀରିକ ଆକ୍ରମଣ ନୁହେଁ, ସମ୍ପୃକ୍ତ ବ୍ୟକ୍ତି



ଅସଭ୍ୟ ଓ ଧମକପୂର୍ଣ୍ଣ ଭାଷା ବ୍ୟବହାର କରିଥିବା ମଧ୍ୟ ପଞ୍ଚାୟତ ସମିତି କର୍ମଚାରୀମାନେ ଅଭିଯୋଗ କରିଛନ୍ତି।ଆକ୍ରମଣରେ ଏଡିଇଓ ଶ୍ରୀମନ୍ତ ସାମଲଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଏବଂ ତାଙ୍କୁ ଚିକିତ୍ସା ନେବାକୁ ପଡ଼ିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହି ଘଟଣା ତାଙ୍କ ସରକାରୀ କାର୍ଯ୍ୟ ସମ୍ପାଦନରେ ମଧ୍ୟ ବାଧା ସୃଷ୍ଟି କରିଥିବା କୁହାଯାଇଛି। ଘଟଣାକୁ ନେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ବାତାବରଣ ସୃଷ୍ଟି ହୋଇଥିବା ପତ୍ରରେ ଉଲ୍ଲେଖ ରହିଛି।ସରକାରୀ କର୍ମଚାରୀମାନେ ନିର୍ଭୟରେ ନିଜର ସରକାରୀ ଦାୟିତ୍ୱ ତୁଲାଇବା ପାଇଁ ନିରାପଦ କାର୍ଯ୍ୟ ପରିବେଶ ଆବଶ୍ୟକ ବୋଲି କର୍ମଚାରୀମାନେ ଦାବି ଜଣାଇଛନ୍ତି। ଏହାସହ ଅଭିଯୋଗପତ୍ରରେ ପୁଲିସ ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କିମ୍ବା ଏଫଆଇଆର୍ ରୁଜୁ କରିବା, ଘଟଣାର ନିରପେକ୍ଷ ଓ ତ୍ୱରିତ ତଦନ୍ତ କରିବା, ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବା ଏବଂ ସରକାରୀ କର୍ମଚାରୀଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଦାବି କରାଯାଇଛି। ଘଟଣା ସମ୍ପର୍କିତ ଉପଲବ୍ଧ ଭିଡିଓ ଫୁଟେଜ୍? କିମ୍ବା ଅନ୍ୟ ପ୍ରମାଣକୁ ସୁରକ୍ଷିତ ରଖି ତଦନ୍ତ ପରିସରଭୁକ୍ତ କରିବାକୁ ମଧ୍ୟ ପୁଲିସକୁ ଅନୁରୋଧ କରାଯାଇଛି। ସରକାରୀ କର୍ମଚାରୀ ନିଜ କାର୍ଯ୍ୟ ସମ୍ପାଦନ ସମୟରେ ଆକ୍ରମଣର ଶିକାର ହେବା ଘଟଣାକୁ ନେଇ ବୈପାରିଗୁଡା ପଞ୍ଚାୟତ ସମିତି କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ କରି ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ କର୍ମଚାରୀମାନେ ଦାବି କରିଛନ୍ତି।

# ଭିଡିଓ ଦେଖାଇ ବ୍ଲାକମେଲିଂ, ବିବାହିତାଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ

ବୈପାରିଗୁଡା,୯।୯ (ଆନିସ): ବିବାହର ମାତ୍ର ଦୁଇ ମାସ ପରେ ଜଣେ ଯୁବତୀଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ହୋଇଛି। ମୃତ ଯୁବତୀଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ବୈପାରିଗୁଡା ଥାନା ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଯୁବତୀ ହେଲେ ସଙ୍ଗୀତା ଓରଫ କିଶୋରୀ ପୂଜାରୀ। ପୁଲିସରେ ଦିଆଯାଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, କାମତା ଗ୍ରାମର କୃଷ୍ଣଚନ୍ଦ୍ର ପୂଜାରୀଙ୍କ ସାନ ଭଉଣୀ କିଶୋରୀ ପୂଜାରୀଙ୍କ ବିବାହ ଗତ ଜୁନ୍ ୨୬ ତାରିଖରେ ବୈପାରିଗୁଡା ବ୍ଲକର ଭାଲୁଗୁଡା ଗ୍ରାମର ବଳରାମ ଗୋଲାରୀଙ୍କ ପୁଅ ମୁରଲୀ ମୋହନ ଗୋଲାରୀଙ୍କ ସହ ଜାତି ଓ ପରମ୍ପରା ଅନୁସାରେ ହୋଇଥିଲା। ବିବାହ ପରେ ଯୁବତୀ ଜଣକ ଶ୍ୱଶୁର ଘରେ ରହୁଥିଲେ। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଯୁବତୀଙ୍କ ଦିଅର ତାରାପ୍ରସାଦ ଗୋଲାରୀ ଏକ ଚାଇଲ୍ଡ ଟ୍ରାକର ଆପ୍ ମାଧ୍ୟମରେ ତାଙ୍କ ଲାଇଭ୍ ଭିଡିଓ ଓ କଲ୍ ରେକର୍ଡିଂ ହାସଲ କରୁଥିଲେ। ଏପରିକି ଯୁବତୀଙ୍କ ବ୍ୟକ୍ତିଗତ ଭିଡିଓକୁ ନେଇ ତାଙ୍କୁ ବ୍ଲାକମେଲିଂ କରାଯାଉଥିବା ଭାଇ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଯୁବତୀ ନିଜ ସ୍ୱାମୀଙ୍କୁ ଜଣାଇଥିଲେ ମଧ୍ୟ ସ୍ୱାମୀ ନିରବ ରହିଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

ରକ୍ଷାବନ୍ଧନ ଅବସରରେ କିଶୋରୀ ନିଜ ବାପଘରକୁ ଆସିଥିଲେ। ସେଠାରେ ବ୍ଲାକମେଲିଂ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିବା କୁହାଯାଇଛି। ପରେ ଗତ ୪ ତାରିଖରେ ପରିବାର ଲୋକେ ତାଙ୍କୁ ଭାଲୁଗୁଡା ସ୍ଥିତ ଶ୍ୱଶୁର ଘରକୁ ଛାଡି ଆସିଥିଲେ। ତେବେ ଆଜି ସକାଳ ପ୍ରାୟ ୭ଟା ୩୦ରେ ଭାଇ କୃଷ୍ଣଚନ୍ଦ୍ର ତାଙ୍କ ଭଉଣୀଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରି ଝୁଲାଇ ଦେଇଥିବା ଖବର ପାଇଥିବା ଅଭିଯୋଗ କରିଛନ୍ତି।

ଯୁବତୀଙ୍କ ଭାଇଙ୍କ ଅଭିଯୋଗ ଅନୁସାରେ, ତାରାପ୍ରସାଦ ଗୋଲାରୀ ଓ ତାଙ୍କ ମାଆ ଯୁବତୀଙ୍କୁ ପୂର୍ବରୁ ନିର୍ଯାତନା ଦେଉଥିଲେ। ଭିଡିଓ ଓ ବ୍ଲାକମେଲିଂ ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବା ପରେ ଯୁବତୀଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟା ଭଳି ଦେଖାଇବାକୁ ମୃତଦେହକୁ ଝୁଲାଇ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ମୃତଦେହର ସାମ୍ନାପଟେ ଓଢଣୀର ଗଣ୍ଠି ଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି।

ଏହି ଅଭିଯୋଗକୁ ଆଧାର କରି ବୈପାରିଗୁଡା ଥାନା ପୁଲିସ କେସ୍ ନଂ-୨୬୭, ତାରିଖ ୮/୯/୨୦୨୬ ରୁଜୁ କରିଛି। ଘଟଣାର ସମସ୍ତ ଦିଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ହିଁ ପ୍ରକୃତରେ ଏହା ଆତ୍ମହତ୍ୟା ନା ହତ୍ୟା, ତାହା ସ୍ପଷ୍ଟ ହେବ ବୋଲି ଆଇଆଇସି ଲକ୍ଷ୍ମୀ ନାରାୟଣ ମୁଦୁଲି ପ୍ରକାଶ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ନେଇ ପୁଲିସ ତଦନ୍ତ ଜାରି ରଖିଛି।

# ଏମଭି -୭୯ ରେ ସଡ଼କ ସୁରକ୍ଷା ସଚେତନତା ରାଲି

କାଲିମେଳା, ୯।୯ (ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି -୭୯ ଠାରେ ବୁଧବାର ପୋଲିସ ଓ ସାବରୀ ସରକାରୀ ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା ରାଲି ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି



। ଏହି ରାଲିରେ ସ୍କୁଲର ଶତାଧିକ ଛାତ୍ରଛାତ୍ରୀଙ୍କ ସହ ପୋଲିସ କର୍ମଚାରୀମାନେ ସାମିଲ ହୋଇ ବିଭିନ୍ନ ସଚେତନତାମୂଳକ ବ୍ୟାନର ଓ ପ୍ଲାକାର୍ଡ ଧରି ଏମଭି -୭୯ ବଜାର ପରିକ୍ରମା କରିଥିଲେ । ଏହି ଅବସରରେ ଲୋକଙ୍କୁ ଟ୍ରାଫିକ ନିୟମ ପାଳନ ପାଇଁ ସଚେତନ କରାଯାଇଥିଲା । ବିଶେଷ କରି ଦୁଇ ଚକିଆ ଯାନ ଚାଳକ ହେଲମେଟ ପିନ୍ଧିବା, ଚାରି ଚକିଆ ଯାନରେ ସିଟ୍? ବେଲ୍ଟ ବ୍ୟବହାର, ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ମଦ୍ୟପାନ କରି ଗାଡି ନ ଚଳାଇବା ଏବଂ ଧାର୍ଯ୍ୟ ଗତିରେ ଯାତାୟାତ କରିବା ନେଇ ବାର୍ତ୍ତା ଦିଆଯାଇଥିଲା । ରାଲି ସମୟରେ ପୋଲିସ କର୍ମଚାରୀମାନେ ରାସ୍ତାରେ ଯାତାୟାତ କରୁଥିବା ଚାଳକମାନଙ୍କୁ ଟ୍ରାଫିକ ନିୟମ ମାନି ଚଳାଚଳ କରିବାକୁ ପରାମର୍ଶ ଦେଇଥିଲେ । ସୁରକ୍ଷିତ ଭାବେ ଗାଡ଼ି ଚଳାନ୍ତୁ, ନିଜ ଜୀବନ ସହ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ସୁରକ୍ଷିତ ରଖନ୍ତୁ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା । ପୋଲିସ ଓ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ ଏଭଳି ପଦକ୍ଷେପ ସଡ଼କ ଦୁର୍ଘଟଣା ରୋକିବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଛନ୍ତି ।

# ଛୁରୀ ଦେଖାଇ ଭୟଭୀତ କରି ଛେଳି ଚୋରି

# ତିନି ଅଭିଯୁକ୍ତ ଗିରଫ, ଛୁରୀ ସହ ବାଇକ୍ ଜବତ

ବୈପାରିଗୁଡା,୯।୯ (ଆନିସ): ମଧ୍ୟରାତ୍ରରେ ବାଇକ୍ ଯୋଗେ ଗାଁକୁ ଗାଁ ବୁଲି ଛେଳି ଚୋରି କରୁଥିବା ଅଭିଯୋଗରେ ରାମଗିରି ପୁଲିସ ତିନିଜଣଙ୍କୁ ଗିରଫ କରିଛି। ଚୋରି ସମୟରେ ଘର ମାଲିକଙ୍କୁ ଛୁରୀ ଦେଖାଇ ଭୟଭୀତ କରିବା ସହ ଛେଳି ନେଇ ଚମ୍ପଟ ମାରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ପୁଲିସ ଅଭିଯୁକ୍ତଙ୍କ ଠାରୁ ଏକ ଛୁରୀ ଓ ଚୋରିରେ ବ୍ୟବହୃତ ବାଇକ୍ ଜବତ କରିଛି। ଗିରଫ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ହେଲେ ଶଙ୍କର ଖରା(୨୦) ଓ ଧନେଶ୍ୱର ଖରା(୧୯), ଅନ୍ୟଜଣେ ନାବାଳକ ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ୬ ତାରିଖ ରାତିରେ ମୂଷାପଦର ଗ୍ରାମର ଜଣେ ନାବାଳକ ସହ ଶଙ୍କର ଖରା ଓ ଧନେଶ୍ୱର ଖରା ଏକ କେଟିଏମ୍ ଆର୍ ଡ୍ୟୁକ୍? ୫ ବାଇକ୍ ଯୋଗେ କଦଳୀଯୋବା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଜଣେ ବ୍ୟକ୍ତିଙ୍କ ଘର ପରିସରରେ ଥିବା ଗୁହାଳରୁ ଗୋଟିଏ ଛେଳି ଚୋରି କରି ଏକ ନିଛାଟିଆ ସ୍ଥାନରେ ରଖିଥିଲେ। ନାବାଳକକୁ ସେହି ଛେଳି ଜଗିବା ପାଇଁ ରଖି ଦୁଇ ଯୁବକ ପରବର୍ତ୍ତୀ ଚୋରି ପାଇଁ କଳଥଯୋଡି ଗ୍ରାମ ଅଭିମୁଖେ ଯାଇଥିଲେ। କଳଥଯୋଡି ଗ୍ରାମରେ ପହଞ୍ଚି ଦୁଇଜଣ ଡାମନା ଖରାଙ୍କ ଘର ନିକଟରେ ପହଞ୍ଚିଥିଲେ। ଗୁହାଳରୁ ଛେଳି ଚୋରି କରିବା ସମୟରେ ଡାମନା ସେମାନଙ୍କୁ ଦେଖିବାରୁ ଅଭିଯୁକ୍ତମାନେ ତାଙ୍କୁ ଛୁରୀ ଦେଖାଇ ଭୟଭୀତ କରିଥିଲେ। ଏହାପରେ ଗୁହାଳରୁ ଆଉ ଏକ ଛେଳି ନେଇ ବାଇକ୍‌ରେ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ଡାମନା ଚିତ୍କାର କରିବାରୁ ଗାଁ ଲୋକେ ଘଟଣାସ୍ଥଳକୁ ଆସି ଚୋରଙ୍କ ପିଛା କରିଥିଲେ। ଗ୍ରାମବାସୀଙ୍କ ପିଛା କରିବାରୁ ଅଭିଯୁକ୍ତମାନେ ଦ୍ରୁତ ଗତିରେ ବାଇକ୍ ନେଇ ପଳାଉଥିବା ବେଳେ ଅଧାବାଟରେ ବାଇକ୍‌ଟି ଖରାପ ହୋଇଯାଇଥିଲା। ଫଳରେ ଅଭିଯୁକ୍ତମାନେ ବାଇକ୍‌କୁ ରାସ୍ତାରେ ଛାଡ଼ି ନିକଟସ୍ଥ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଘଟଣା ସମ୍ପର୍କରେ ରାମଗିରି ଫାଣ୍ଡିରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ରାମଗିରି ଫାଣ୍ଡି ଏଏସ୍‌ଆଇ ବିଷ୍ଣୁ ମାଡକାମି ଏବଂ ରମେଶ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାର ତଦନ୍ତ କରି ତିନି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି।ସେମାନଙ୍କ ଠାରୁ ଚୋରିରେ ବ୍ୟବହୃତ ବାଇକ୍ ଓ ଛୁରୀ ଜବତ କରାଯାଇଛି। ଏଥିସହ ଚୋରି ହୋଇଥିବା ଦୁଇଟି ଛେଳିକୁ ପୁଲିସ ଉଦ୍ଧାର କରି ସେମାନଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

# ଦାମନଯୋଡ଼ିରେ ପରିବେଶ ସଚେତନତା କାର୍ଯ୍ୟକ୍ରମ



ଜୟପୁର,୯।୯ (ଆନିସ): ପରିବେଶ ସଚେତନତା ଅଭିଯାନ-୨୦୨୬ର ଅଂଶ ଭାବେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି), କୋରାପୁଟ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏମ୍/ଏସ୍ ନାଲ୍‌କୋ, ଦମନଯୋଡ଼ିର ସହଯୋଗରେ ଦମନଯୋଡ଼ି ସ୍ଥିତ ନାଲ୍‌କୋ ସମ୍ମିଳନୀ କକ୍ଷଠାରେ ''ପରିବେଶ ଅନୁକୂଳ ବ୍ୟାଗ ବଣ୍ଟନ ଓ ଚାରା ବଣ୍ଟନ'' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ନାଲ୍‌କୋର ଅଧିକାରୀ, ସ୍ଥାନୀୟ ବ୍ୟବସାୟୀ, ବଣିକ, କୃଷକ, ଅଞ୍ଚଳବାସୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ପ୍ରାୟ ୨୦୦ ଜଣ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ଦୀପେଶ ବିଶ୍ୱାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ନାଲ୍‌କୋର ଇଡି (ଏମ୍ ଆଣ୍ଡ ଆର)ଙ୍କ ଅମରେନ୍ଦ୍ର ମିଶ୍ର, ସିଜିଏମ୍ (ଏଆର) ଦିଲୀପ ବାଗ୍ ଏବଂ ସିଜିଏମ୍ (ଏନ୍‌ଭି) ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ (ଏସ୍‌ୟୁପି)ର ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା। ଏଥିସହ ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ପରିବେଶ ଅନୁକୂଳ ଓ ସ୍ଥାୟୀ ସାମଗ୍ରୀ ବ୍ୟବହାର ପାଇଁ ଆହ୍ୱାନ କରାଯାଇଥିଲା।

ଏହି ଅବସରରେ ପ୍ଲାଷ୍ଟିକ୍ ବ୍ୟବହାରରୁ ସୃଷ୍ଟି ହେଉଥିବା ସମସ୍ୟା, ସ୍ଥାୟୀ ବିକଳ୍ପର ଆବଶ୍ୟକତା ଏବଂ ବ୍ୟବସାୟୀ, ଉପଭୋକ୍ତା ଓ ବିଭିନ୍ନ ଅନୁଷ୍ଠାନର ମିଳିତ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ପରିବେଶ ଅନୁକୂଳ କପଡ଼ା ବ୍ୟାଗ୍, ବିଭିନ୍ନ ଚାରା, ଶାଳପତ୍ର/ଖୋଇ ଓ କାଠ ଆଧାରିତ କଟଲେରୀ ବଣ୍ଟନ କରାଯାଇଥିଲା।ଶେଷରେ ସମସ୍ତ ଅଂଶଗ୍ରହଣକାରୀ ମିଶନ୍ ଲାଇଫ୍ ପ୍ରତିଜ୍ଞା ଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଏବଂ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବା ଦିଗରେ ଏହି କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା।

# ବସ୍ତି ଉଚ୍ଛେଦକୁ ବିରୋଧ, ଉପର କୋଲାବ କାର୍ଯ୍ୟାଳୟ ଘେରାଉ



ଜୟପୁର,୭।୯ (ଆନିସ): ବସ୍ତି ଉଚ୍ଛେଦକୁ ବିରୋଧ କରି ଜୟପୁର ନିକଟ ବାରିଣୀପୁଟ ଅଞ୍ଚଳରେ ଥିବା ଉପର କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖ ରେ ବସ୍ତିବାସୀ ଘେରାଉ କରିଛନ୍ତି। ବସ୍ତି ଉଚ୍ଛେଦ ପୂର୍ବରୁ ଥଇଥାନ ଓ ବିକଳ୍ପ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।ବସ୍ତିବାସୀଙ୍କ କହିବା ଅନୁଯାୟୀ, ସେମାନେ ୧୯୭୦ ମସିହାରୁ ଏହି ଅଞ୍ଚଳରେ ବସବାସ କରିଆସୁଛନ୍ତି। ଦୀର୍ଘ ବର୍ଷ ଧରି ସେଠାରେ ରହିବା ସହ ସରକାରୀ ଆବାସ ଯୋଜନାରେ ମଧ୍ୟ କିଛି ପରିବାର ଘର ନିର୍ମାଣ କରିଥିବା ସେମାନେ କହିଛନ୍ତି। ତେବେ ଉପର କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ ପକ୍ଷରୁ ୧୫ ଦିନ ମଧ୍ୟରେ ବସ୍ତି ଖାଲି କରିବା ପାଇଁ ନୋଟିସ ଦିଆଯାଇଥିବା ବସ୍ତିବାସୀ ଅଭିଯୋଗ କରିଛନ୍ତି। ବର୍ଷା ଋତୁରେ ହଠାତ ବସ୍ତି ଉଚ୍ଛେଦ କରାଗଲେ ପରିବାର ସହ କେଉଁଠାକୁ ଯିବେ ବୋଲି ପ୍ରଶ୍ନ ଉଠାଇଛନ୍ତି ସେମାନେ। ଥଇଥାନ ନ କରି ବସ୍ତି ଉଚ୍ଛେଦ କରାଯିବାକୁ ବସ୍ତିବାସୀ ତୀବ୍ର ବିରୋଧ କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନ ଜାରି ରଖିବାକୁ ମଧ୍ୟ ସେମାନେ କହିଛନ୍ତି। ଏହି ଆନ୍ଦୋଳନକୁ ସ୍ଥାନୀୟ ସରପଞ୍ଚ ମଧ୍ୟ ସମର୍ଥନ ଜଣାଇଥିବା ଜଣାପଡ଼ିଛି।ବସ୍ତିବାସୀଙ୍କ ଦାବି ଓ ଅଭିଯୋଗ ଉପରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ।

# ୩୭୫ କିଲୋଗ୍ରାମ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୯।୯(ଆନିସ)ଗଜପତି ଜିଲ୍ଲା ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ପାଇଁ ବେଆଇନ ମଦ ଓ ଗଞ୍ଜେଇ କାରବାରକୁ ଜିଲ୍ଲାରୁ ହଟାଇବା ପାଇଁ ସାରା ଜିଲ୍ଲାରେ ପୋଲିସ ପକ୍ଷରୁ ପୋଲିସ ପେଟ୍ରୋଲି ବ୍ୟବସ୍ଥାକୁ କଡାକଡି କରାଯାଇଛି. ଏହି ପରିପ୍ରେକ୍ଷୀରେ ଅଡବା ପୋଲିସ ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ବେଳେ ଗଜପତି ଜିଲ୍ଲା ଅଡବା ଥାନା ଅନ୍ତର୍ଗତ ଶିଆଳିଲଟି ଗ୍ରାମ ନିକଟ ଜଙ୍ଗଲ ଅଞ୍ଚଳରେ ଏକ ସନ୍ଧାନ ପୂର୍ବକ ଚଢ଼ାଉ କରିଥିଲେ । ଏହି ଚଢାଉ ଅଭିଯାନ ସମୟରେ, ପୋଲିସ ୧୫ ଗୋଟି ପ୍ଲାଷ୍ଟିକ କରି ବ୍ୟାଗ ପରିତ୍ୟକ୍ତ ସ୍ଥାନରେ ଲୁଚାଇ ରଖା ଯାଇଥିଲା । ପୋଲିସ ପକ୍ଷରୁ ସେହି ଜରିବ୍ୟାଗ



ଗୁଡ଼ିକ ଚିହ୍ନଟ କରି ସେସବୁକୁ ସନ୍ଦେହରେ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ଜଣା ପଡିଥିଲା ଯେ, ସେଥିରେ ଚୋରା ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ କରାଯିବା ପାଇଁ ଜଙ୍ଗଲ ମଧ୍ୟରେ ଲୁଚାଇ ରଖା ଯାଇଥିଲା. ଓଜନ କରିବା ପରେ ଜଣାଗଲା ଏଥିରେ ୩୭୫ କିଲୋ ଗ୍ରାମ ଓଜନର ଗଞ୍ଜେଇ ରହିଛି. ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ହେବ. ଏହି ଘଟଣାରେ ଅଡବା ଥାନା କେସ ନଂ ୧୯୦ ରେ ମକଦ୍ଦମା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି.

# ୧୧ ଦଫା ଦାବିରେ କଂଗ୍ରେସର ବ୍ଲକ ଘେରାଓ

## ବିଶାଳ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ, ଦାବିପତ୍ର ପ୍ରଦାନ

ମୁନିଗୁଡ଼ା,୯।୯(ଆନିସ) : ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାରେ ୧୧ ଦଫା ଦାବି ନେଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୁଧବାର ବିଶାଳ ଶୋଭାଯାତ୍ରା ସହ ବ୍ଲକ ଘେରାଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ରେ ଏହି ଅବସରରେ ଦଳ ପକ୍ଷରୁ ଶକ୍ତି ପ୍ରଦର୍ଶନ କରାଯିବା ସହ ସ୍ଥାନୀୟ ସମସ୍ୟା ଓ ବିଭିନ୍ନ ଦାବିକୁ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

ମୁନିଖୋଲସ୍ଥିତ କନକ ପରମେଶ୍ୱରୀ ମନ୍ଦିର ନିକଟରୁ କଂଗ୍ରେସର ଏକ ବିରାଟ ଶୋଭାଯାତ୍ରା ବାହାରି ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲା। ଦଳୀୟ ପତାକା ଓ ନାରାବାଜିରେ ଶୋଭାଯାତ୍ରାରେ ସାମିଲ କର୍ମୀମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ।ସେଠାରେ ଆୟୋଜିତ ସଭାରେ କଂଗ୍ରେସ ନେତୃବୃନ୍ଦ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ୧୧ ଦଫା ଦାବି ପୂରଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା।ଦାବିଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କଂଗ୍ରେସ ନେତୃବୃନ୍ଦ ଚେତାବନୀ ଦେଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୁନିଗୁଡ଼ା



ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମରେ ବିଷମକଟକ କଂଗ୍ରେସ ବିଧାୟକ ନୀଳମାଧବ ହିକକା, ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାର, ମୁନିଗୁଡା ଯୁବ ନେତା ବାଦଲ ବେହେରା,ବିଧାୟକ ପ୍ରତିନିଧି ମାନସ ବେହେରା,ବରିଷ୍ଠ କଂଗ୍ରେସ ନେତା ରାମ ପ୍ରକାଶ କରକରିଆ,ଦଇଖ କରକରିଆ ଙ୍କ ସମେତ ବ୍ଲକ କଂଗ୍ରେସର ଅନ୍ୟାନ୍ୟ ବରିଷ୍ଠ ନେତା, ମହିଳା କର୍ମୀ ଓ ଶତାଧିକ ଦଳୀୟ ସମର୍ଥକ ଯୋଗଦେଇଥିଲେ।

# ବଦଳି ପରେ ବି ସରକାରୀ ଘର ଛାଡୁ ନାହାନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ

## ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ

ବୈପାରିଗୁଡା,୯।୯ (ଆନିସ): ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବଦଳି ପରେ ମଧ୍ୟ ଛାଡୁ ନଥିଲେ ସରକାରୀ କ୍ୱାର୍ଟର। କ୍ୱାର୍ଟର ପରିସରରେ ବେଆଇନ ଭାବେ ଘର ତଥା ପାଚେରୀ ନିର୍ମାଣ କରିବା ମହଙ୍ଗା ପଡ଼ିଲା। ସରକାରୀ ଜମି ଜବରଦଖଲ କରି ନିର୍ମାଣ କରାଯାଇଥିବା ଘର ତଥା ପାଚେରୀକୁ ପ୍ରଶାସନ ପକ୍ଷରୁ ଆଜି ଉଚ୍ଛେଦ କରାଯାଇଛି। ଏଭଳି ଘଟଣା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ସଦର ମହକୁମା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି। ବେଆଇନ ଘର ହଟେଇବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏହା ପରେ



ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟ କର୍ମୀ ତଥା ଏଏନଏମ ନିବେଦିତା ସୁନନ୍ୟା ମାଝୀଙ୍କୁ ତହସିଲ ତରଫରୁ ନୋଟିସ ମଧ୍ୟ ଦିଆଯାଇଥିଲା କିନ୍ତୁ ମହିଳା ସ୍ୱାସ୍ଥ୍ୟ କର୍ମୀ ତହସିଲଦାର ସୂଚନାକୁ ବେଖାତିର କରିଥିଲେ। ଯାହା ଫଳରେ ଆଜି ବାଧ ହୋଇ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ସିଂଗ୍ଧା ଚୌଧୁରୀ, ବ୍ଲକ ପ୍ରଶାସନିକ ଅଧିକାରୀ ତଥା ମେଡିକାଲ ଅଧିକାରୀ ବସୁବଦତ୍ତ ନାୟକ , ବିପିଏମ ହେମରାଜ ପାଣିଗ୍ରାହୀ ଏବଂ ତାଙ୍କ ମେଡିକାଲ ଷ୍ଟାଫ, ଏବିଡ଼ିଓ ନିବେଦିତା ଦଣ୍ଡସେନା, ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ, ଯୋଗାଣ ନିରୀକ୍ଷକ, ସରପଞ୍ଚ ମନମତି ନାୟକ,ସମିତି. ଶଶୀ ପୂଜାରୀ , ପିଇଓ ଦୃତିକୃଷ୍ଣ ପାର୍ଗି, ଜିଆରଏଏସ ଜଗନ୍ନାଥ ନାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରେଡ଼ କର୍ମକର୍ତ୍ତା ନବୀନ ବିଶୋଇ, ପୋଲିସ ଏଏସଆଇ ସାଧୁ ନାୟକ, ଅନ୍ୟନ୍ୟ କର୍ମଚାରୀମାନେ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଜବରଦଖଲ ହଟାଇଥିଲେ। ଜବରଦଖଲ ସମୟରେ ଜବତ ହୋଇଥିବା ସାମଗ୍ରୀ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓଙ୍କ ହିପାଜତରେ ରଖାଯାଇଛି । ମେଡିକାଲ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀ ନିବେଦିତା ସୁନନ୍ୟା ମାଝୀଙ୍କୁ ଦଶମନ୍ତପୁର ବ୍ଲକର ଗିରିଲିଗୁମ୍ମାକୁ ବଦଳି ହୋଇଯାଇଛି, ଗତ ଡ଼ିସେମ୍ବର ୪ ତାରିଖ ଦିନରୁ ତାଙ୍କୁ ରିଲିଫ୍? କରାଯାଇଛି କିନ୍ତୁ ସେ ନଅ ମାସ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେଘର ମାଡି ବସିଛନ୍ତି, କ୍ୱାଟର ମଧ୍ୟ ଛାଡୁ ନାହାନ୍ତି। ଏଣୁ ବାଧ ହୋଇ ଆଜି ବେଆଇନ ନିର୍ମାଣ ଘର ଭଙ୍ଗା ଗଲା ସେ ସ୍ୱାସ୍ଥ୍ୟ କର୍ମୀଙ୍କ ମାନସିକ ସମସ୍ୟା ଲକ୍ଷଣ ଦେଖାଯାଇଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛ ଥିବା ସନ୍ଦେହ କରାଯାଉଛି । ଏଣୁ ତାଙ୍କ ଚିକିତ୍ସା ସହ ନିଜ କାର୍ଯ୍ୟରେ କିପରି ଯୋଗ ଦେବେ ସେ ନେଇ ବୁଝାସୁଝା ପାଇଁ ଚେଷ୍ଟା ଚାଲିଛି ବୋଲି ମତ ରଖିଛନ୍ତି ।

## ତହସିଲସ୍ତରରେ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା,୯।୯(ଆନିସ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ତହସିଲସ୍ତରରେ ବିଚାରାଧୀନ ରାଜସ୍ୱ ସମ୍ପର୍କିତ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଏବଂ ଜନସାଧାରଣଙ୍କୁ ନିଜ ଅଭିଯୋଗ ଉପସ୍ଥାପନ ପାଇଁ ସୁଯୋଗ ପ୍ରଦାନ ନିମନ୍ତେ ପ୍ରତି ମାସରେ ତହସିଲସ୍ତରରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କରାଯାଉଛି। ଏହି ପରିପ୍ରେକ୍ଷୀରେ ଚଳିତ ମାସ ପାଇଁ ଅଭିଯୋଗ ଶୁଣାଣିର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ଜିଲ୍ଲାପାଳ ରଘୁରାମ ଆର ଆୟର୍ ୧୦ ସେପ୍ଟେମ୍ବରରେ କେନ୍ଦ୍ରାପଡ଼ାଠାରେ ଅଭିଯୋଗ ଶୁଣାଣି କରିବେ। ସେହିପରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ୧୯ରେ ପଟ୍ଟାମୁଣ୍ଡାଇଠାରେ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ରାଜକନିକା ଓ ୨୩ ତାରିଖରେ ରାଜନଗରଠାରେ ଅଭିଯୋଗ ଶୁଣାଣି କରିବେ। ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା ଅରୁଣ କୁମାର ନାୟକ ମାର୍ଶାଘାଇଠାରେ ଅଭିଯୋଗ ଶୁଣାଣି କରିଛନ୍ତି। ଏହି ଅଭିଯୋଗ ଶୁଣାଣିରେ ରାଜସ୍ୱ ସମ୍ପର୍କିତ ଅଭିଯୋଗ ଥିବା ଜନସାଧାରଣ ନିର୍ଦ୍ଧାରିତ ତାରିଖ ଓ ସ୍ଥାନରେ ଉପସ୍ଥିତ ରହି ନିଜ ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଭଗ୍ନସ୍ଥିତିରେ ବ୍ଲକ ମୁଖ୍ୟ ଫାଟକ

 କ.ନୂଆଗାଁ,୯।୯(ଆନିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ୧୪ ପଞ୍ଚାୟତକୁ ନେଇ ଗଠନ ହେଇଛି । ବ୍ଲକ ହେଡ଼କ୍ୱାର୍ଟରର ମୁଖ୍ୟ ଫାଟକକୁ ଦେଖିଲେ ଜଣାପଡୁଛି ଯେ ପ୍ରଶାସନ କେତେ କାମିକା ଓ ସଚେତନ ।



ଦିର୍ଘ ଦିନ ଧରି ଅଭିଯୋଗ ହେଉଥିଲେ ମଧ୍ୟ ଅନ୍ୟାନ୍ୟ କାମକୁ ବାରମ୍ବାର କରାଯାଉଛି ଯେଉଁଗୁଡିକ ଭଲ ଅଛି ସେହି କାମକୁ ପୁଣି ଥରେ କରାଯାଉଛି । ଜଣାପଡୁନି ଏହି କାମକୁ ବାରମ୍ବାର କରିବାରେ ସ୍ୱାର୍ଥ କାହାର। କିନ୍ତୁ ଭଗ୍ନ ଅବସ୍ଥାରେ ପଡିଥିବା ମୁଖ୍ୟ ଫାଟକ ପ୍ରତି ବ୍ଲକମୁଖ୍ୟ କିମ୍ବା କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନି। କେବଳ ଅଫିସ ପରିସରକୁ ଛାଡ଼ିଦେଲେ ଅନ୍ୟ ସୁବୁଆଡେ ଅପରିଷ୍କାର। ଆଖପାଖ ଅଞ୍ଚଳରୁ ଅଳିଆ ଆବର୍ଜନା ସଫାହେଉ ନାହିଁ । ତୁରନ୍ତ ଏସମ୍ପର୍କରେ କର୍ତ୍ତପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## କୁଇ କ୍ଲାମୁ ଫୁଟବଲ୍ ପ୍ରତିଯୋଗିତା



କ.ନୂଆଗାଁ,୯।୯ (ଆନିସ): କନ୍ଧମାଳ ଜିଲ୍ଲା ଗୁଞ୍ଜିଗାରେ ଆଜି କୁଇ କ୍ଲାମୁ ଫୁଟବଲ୍ ପ୍ରତିଯୋଗିତା ଗୁଞ୍ଜିକା ଓ କଞ୍ଚାକ ସହିତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଞ୍ଜୀଗା ଉନ୍ନିତ ହୋଇ ଫାଇନାଲ ରେ ପ୍ରବେଶ କରିଥିଲା। ବୁରୁମଝୀ ପଦ୍ରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ଚକ୍ରମଣି କହଁର, ଅଧକ୍ଷା ସୁଲୋଚନା ଦଳବେହେରା, ଗୁଞ୍ଜିଗା ସରପଞ୍ଚ ଭଗ୍ୟଲତା ମଲିକ୍ ,ଧବଳେଶ୍ୱର ପାତ୍ର, ମଦନ ମୋହନ ପ୍ରଧାନ, ଭଗବାନ୍ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁନ ଆଗକୁ ନେଇଥିଲେ। ରନ୍ତା ପ୍ରଧାନ,ତୁରଙ୍ଗ ଧର ମଲ୍ଲିକ, ପ୍ରାଣେ ମଲ୍ଲିକ,ରଜତ ପ୍ରଧାନ, ହରେକୃଷ୍ଣ ମଲ୍ଲିକ ଓ ଅମିତ ପ୍ରଧାନ ସହଯୋଗ କରିଥିଲେ।

## ଚେସ କର୍ମକର୍ତ୍ତା ତାରୁନ ଖାଁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ନୟାଗଡ଼,୯।୯(ଆନିସ): ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନର ସକ୍ରିୟ ସଦସ୍ୟ ତଥା କାର୍ଯ୍ୟକାରୀ କମିଟିର କୋଷାଧକ୍ଷ ତାରୁନ ଖାଁଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ କେ.ସି. କ୍ଲବ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଚେସ ଆସୋସିଏସନର ସଭାପତି ଭାଗିରଥି ଦାସଙ୍କ ପୌରୋହିତ୍ୟ ଏବଂ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଉପସଭାପତି ବାଲାରସେନ ପାତ୍ର, ସମ୍ପାଦକ ଲକ୍ଷ୍ମୀଧର ସାହୁ, ସହସମ୍ପାଦକ ଉମାକାନ୍ତ ମିଶ୍ରଙ୍କ ସମେତ ସଦସ୍ୟ , ଧିରେନ ପ୍ରଧାନ, ସଞ୍ଜୟ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ମହାପାତ୍ର, ଭିକାରି ଚରଣ ଦାସ, ଜଗବନ୍ଧୁ ଷଡ଼ଙ୍ଗୀ, ପ୍ରଭାତ ଡାକୁଆ, ବିଶ୍ୱରଞ୍ଜନ ଦାଶ, କାଳିଆ ଗୁମାନସିଂ ଏବଂ ରାଜ୍ୟ ଚେସ ସଂଘର ସଦସ୍ୟ ରିତେଶ ରଥ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟମାନେ ସ୍ୱର୍ଗତ ଖାଁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବକ୍ତାମାନେ ସ୍ୱର୍ଗତ ଖାଁଙ୍କ ଅମାୟିକ ବ୍ୟବହାର, ମୃଦୁଭାଷୀ ସ୍ୱଭାବ, ସମାଜସେବା ଏବଂ ଜିଲ୍ଲାରେ ଚେସର ପ୍ରସାର ପାଇଁ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ତାଙ୍କର ଏଭଳି ଅକାଳ ବିୟୋଗ ଜିଲ୍ଲା ଚେସ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା। ଶେଷରେ ଏକ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

# ଦଳୀୟ ମତଭେଦକୁ ଭୁଲି ଗାଁର ବିକଶ ଉପରେ ଧ୍ୟାନ ଦିଅ: ବାଚସ୍ପତି

### ଓଡ଼ଗାଁ ବ୍ଲକ ତ୍ରୟୋଦଶ ସାଧାରଣ ଅଧିବେଶନ

ଓଡ଼ଗାଁ,୯।୯(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ତ୍ରୟୋଦଶ ସାଧାରଣ ଅଧିବେଶନ ଜିଲ୍ଲାର ଅନ୍ୟତମ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ବୁଢ଼ାବୁଢ଼ିଆଣୀ ଡାକ ବଙ୍ଗଳା ଠାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ରଣପୁର ବିଧାୟିକା ତଥା ରାଜ୍ୟ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଦଳୀୟ ମତଭେଦ ଠାରୁ ଊର୍ଦ୍ଧ୍ୱରେ ରହି ଗାଁର ବିକାଶ ଉପରେ ଧ୍ୟାନ ଦିଅ। ଯଦ୍ୱାରା ବିକଶିତ ଗାଁ,ବିକଶିତ ଓଡ଼ିଶା ସଙ୍କଳ୍ପ ସଫଳ ହୋଇପାରିବ ବୋଲି କହିଥିଲେ। ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଯୋଗଦେଇ ଆଦୌ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ଏବଂ ନିର୍ମାଣାଧୀନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବ୍ଲକ୍ ପ୍ରଶାସନିକୁ ପରାମର୍ଶ ଦେଇଥିଲେ।ନୟାଗଡ଼ ଜିଲ୍ଲା ପରିଷଦ ସଭ୍ୟ ବିରଜା ଲକ୍ଷ୍ମୀ ସାହୁ,ଝିଲି ପ୍ରଧାନଙ୍କ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟମାନେ ଯୋଗ ଦେଇଥିଲେ। ଭିବିଜି ରାମଜୀ ଯୋଜନାରେ ରାସ୍ତାଘାଟ ଏବଂ ଖେଳପଡିଆ ନିର୍ମାଣକୁ ଗୁରୁତ୍ୱ। ମନରେଗା ଯୋଜନାରେ ୪୪୬୪ ପ୍ରକଳ୍ପ ମଧ୍ୟରୁ ମାତ୍ର ୩୭୨ ପ୍ରକଳ୍ପ କାର୍ଯ୍ୟ ସରିଥିବା ବେଳେ ଅନ୍ୟ ସମସ୍ତ ନିର୍ମାଣ କାର୍ଯ୍ୟ ଯଥା ସମୟରେ ସାରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତି ପଞ୍ଚାୟତରେ ୭ଶହ ଚାରା ରୋପଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୧୧ ପଞ୍ଚାୟତ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଛନ୍ତି। ଅନ୍ତୋଦୟ ଗୃହ ଯୋଜନାରେ ଜବ କାର୍ଡ ବ୍ୟବହାର କରି ହିତାଧିକାରୀଙ୍କୁ ଶ୍ରମଦାନ ନିମନ୍ତେ ଅର୍ଥ ପ୍ରଦାନ ପାଇଁ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରସ୍ତାବ ରଖିଥିଲେ।ଏ ସଙ୍କ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି ବାଚସ୍ପତି କହିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନାରେ ୨୩୦ ଅଙ୍ଗନବାଡ଼ି କେନ୍ଦ୍ରରୁ ୧୪୨କେନ୍ଦ୍ର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ




୩୦ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲିଛି।ଏବଂ ୫୮ କେନ୍ଦ୍ରରେ ଆଦୌ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହା ସହିତ ମେଗା ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଏବଂ ସ୍ମାର୍ଟ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ଓଡ଼ଗାଁ ବ୍ଲକ ବିଡିଓ ପ୍ରିତିବାଳା ରଣାଙ୍କ ସହିତ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ସାଧାରଣ ଅଧିବେଶନରେ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ସରିବା ପୂର୍ବରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭାଲିଆଡିହି ଏବଂ ଗୋଲଗାଁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୁନେଶ ପ୍ରଧାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

# ଏନ୍‌ଏଲ୍‌ସି ପ୍ରକଳ୍ପ ପ୍ରଭାବିତଙ୍କ ପୁନର୍ବାସ ଏବଂ ପରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ସମିତି ବୈଠକ

ସମ୍ବଲପୁର,୯।୯(ଆନିସ): ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଏନ୍‌ଏଲ୍‌ସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା କୋଇଲା ଖଣି ଏବଂ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଗଠିତ ପୁନର୍ବାସ ତଥା ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ଏହି ବୈଠକରେ ଜମି ଅଧିଗ୍ରହଣ ସମେତ ଉଚିତ୍ କ୍ଷତିପୂରଣ ପ୍ରଦାନ, ଥଇଥାନ ବ୍ୟବସ୍ଥା, ସ୍ଥାନୀୟ ଲୋକଙ୍କ ନିଯୁକ୍ତି, ଆତ୍ମନିଯୁକ୍ତି, ଦକ୍ଷତା ବିକାଶ ତାଲିମ, ପାରିପାର୍ଶ୍ୱିକ ଉନ୍ନୟନ ତଥା ପରିବେଶ ସୁରକ୍ଷା ଭଳି ପ୍ରମୁଖ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

ବିଶେଷ କରି ଉଚିତ୍ ତଥା ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଲୋକଙ୍କ ଘର କିମ୍ବା ସଂରଚନାର ମୂଲ୍ୟାୟନରେ ଥିବା ତାରତମ୍ୟ , ମୂଲ୍ୟ ନିର୍ଦ୍ଧାରଣରେ ଥିବା ତ୍ରୁଟିବିଚ୍ୟୁତି , ପ୍ରାପ୍ୟ ପ୍ରଦାନରେ ସମସ୍ୟା ଏବଂ ସୁଧ ହାର ନେଇ ସବିଶେଷ ସମୀକ୍ଷା କରାଯାଇଛି। ଏହା ବ୍ୟତୀତ ଥଇଥାନ ଓ ପୁନର୍ବାସ ନୀତି, କେତେକ ସ୍ୱତନ୍ତ୍ର




ମାମଲା ଏବଂ ପଞ୍ଚମ ପର୍ଯ୍ୟାୟ ଥଇଥାନ ତଥା ପାରିପାର୍ଶ୍ୱିକ ଉନ୍ନୟନ ଉପରେ ପୁଙ୍ଖାନୁପୁଙ୍ଖ ବିଚାରବିମର୍ଶ କରାଯାଇଛି।

ପ୍ରକଳ୍ପ ଅଞ୍ଚଳରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଅଭିଯୋଗର ତ୍ୱରିତ ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଉପ-କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଲୋକମାନେ ନିଜର ସମସ୍ୟାଗୁଡ଼ିକୁ ଏହି ଉପ-କମିଟି ଆଗରେ ରଖିପାରିବେ ଏବଂ ସେଠାରେ ଆଲୋଚନା ହେବା ପରେ ତାହାକୁ ପରବର୍ତ୍ତୀ ଆର୍ପିଡିଏସି ବୈଠକରେ ଉପସ୍ଥାପନ କରାଯିବ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଏନ୍‌ଏଲ୍‌ସି ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପ୍ରଭାବିତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ହ୍ରାସ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହାଛଡ଼ା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଆତ୍ମନିଯୁକ୍ତି ଏବଂ ଦକ୍ଷତା ବିକାଶ ତାଲିମ ଯୋଗାଇଦେବା ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଛି।

ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଏହି ଅଞ୍ଚଳର ବହୁ ଲୋକ ପୂର୍ବରୁ ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିଲେ ଏବଂ ଏବେ ସେମାନେ ପୁନର୍ବାର ପ୍ରକଳ୍ପ ପାଇଁ ପ୍ରଭାବିତ ହେଉଛନ୍ତି। ଏହି ଅଞ୍ଚଳରେ ମୁଖ୍ୟତଃ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଏବଂ ସମାଜର ଆର୍ଥିକ ଅନଗ୍ରସର ଲୋକମାନେ ବସବାସ କରୁଥିବାରୁ ସେମାନଙ୍କ ସ୍ୱାର୍ଥର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି କହିଥିଲେ।

ଆରଡିସିଙ୍କ ନେତୃତ୍ୱରେ ଆର୍ପିଡିଏସି କମିଟି ପକ୍ଷରୁ କମ୍ପାନୀ (ଏନ୍‌ଏଲ୍‌ସି)କୁ ଯେଉଁସବୁ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି, ତାହାକୁ କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ତଥା ସଠିକ୍ ଭାବରେ କାର୍ଯ୍ୟକାରୀ କରିବେ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟାର ସମାଧାନ ସହ ସେମାନଙ୍କ ନ୍ୟାଯ୍ୟ ଅଧିକାର ସୁନିଶ୍ଚିତ କରିବା ରାଜ୍ୟ ପ୍ରଶାସନ ତଥା କମିଟିର ମୁଖ୍ୟ ଆଭିମୁଖ୍ୟ ବୋଲି ସେ କହିଛନ୍ତି।

# ରଣପୁରରେ ବିଜେଡିର ସାଂଗଠନିକ ବୈଠକ

ରଣପୁର,୯।୯(ଆନିସ): ପଞ୍ଚାୟତ ନିର୍ବାଚନ ପୂର୍ବରୁ ରଣପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ସାଂଗଠନିକ କାର୍ଯ୍ୟକଳାପକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ରଣପୁର ଗଡ଼ ମା' ଶିମିଳି ଠାକୁରାଣୀଙ୍କ ପୀଠରେ ବିଜେଡିର ନୂତନ ବ୍ଲକ ସଭାପତି ଡ଼.ସନ୍ତୋଷ ଲେଙ୍କା ଙ୍କ ଡାକରାରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଯୁବ ସାଂଗଠନିକ ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳର ବରିଷ୍ଠ ନେତା, ପଦାଧିକାରୀ ଓ ଛାମୁଆ




କର୍ମୀମାନେ ଯୋଗଦେଇଥିଲେ।

ବୈଠକରେ ରଣପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ନଗର ସଭାପତି ଲିଙ୍ଗରାଜ ନାୟକ, ବରିଷ୍ଠ ନେତା କିଶୋର ପଟ୍ଟନାୟକ, ବିଜେଡିର ପୂର୍ବତନ ସଭାପତି ପାଣ୍ଡବ ସେଠୀ, ବୃନ୍ଦାବନ ମହାନ୍ତିଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ଦଳର ସଂଗଠନକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବା, କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଓ ଲୋକଙ୍କ ନିକଟରେ ଦଳର ସଂଗଠନକୁ ଅଧିକ ସକ୍ରିୟ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଅଞ୍ଚଳର ବିଭିନ୍ନ ଜନସମସ୍ୟା ଓ ଲୋକଙ୍କ ଦାବିକୁ ନେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଜନସାଧାରଣଙ୍କ ସମସ୍ୟାର ସମାଧାନ, ଅଞ୍ଚଳର ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବା ନେଇ ନେତା ଓ କର୍ମୀମାନେ ମତ ରଖିଥିଲେ। ବୈଠକ ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ସାଂଗଠନିକ କାର୍ଯ୍ୟକୁ ନେଇ ଉତ୍ସାହ ପ୍ରକାଶ ପାଇଥିଲା।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ

ନବରଙ୍ଗପୁର, ୯।୯(ଆନିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ସମାଜସେବୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡ. ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମ ପୂର୍ବରୁ ସଦାଶିବ ପାର୍କସ୍ଥିତ ସ୍ୱର୍ଗତ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ଉପସ୍ଥିତ ବ୍ୟକ୍ତିବିଶେଷ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ତାଙ୍କ ଅମର ସ୍ମୃତିଚାରଣ କରାଯିବା ସହ ଦେଶପ୍ରେମ, ତ୍ୟାଗ, ନିଷ୍ଠା ଓ ଜନସେବା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଗୌରୀଶଙ୍କର



ମାଝୀ, ଶିକ୍ଷାବିତ୍ ଶ୍ରୀ ନାରାୟଣ ପଣ୍ଡା, ବିଜୟ ଚୌଧୁରୀ, ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଭାସିନୀ ମହାନ୍ତି, ସ୍ୱର୍ଣ୍ଣଲତା ପଟ୍ଟନାୟକ, ପ୍ରକାଶ ମିଶ୍ର, ସ୍ୱର୍ଗତ ତ୍ରିପାଠୀଙ୍କ ଦାୟାଦ କେଦାର ତ୍ରିପାଠୀ, ନବରଙ୍ଗପୁର ପୌରପାଳିକା ଅଧକ୍ଷ କୁନୁ ନାୟକ, ପୌରପାଳିକା ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

ଏହି ଅବସରରେ ବକ୍ତାମାନେ ସ୍ୱର୍ଗତ ତ୍ରିପାଠୀଙ୍କ ଦେଶପ୍ରେମ, ସାଧାରଣ ଲୋକଙ୍କ ପ୍ରତି ତାଙ୍କର ନିଷ୍ଠା ଏବଂ ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ତାଙ୍କର ସରଳ ଜୀବନଯାପନ, ନିଷ୍ପାପର ରାଜନୈତିକ ଜୀବନ ଓ ଜନସେବାର ଆଦର୍ଶ ଆଜିର ପିଢ଼ି ପାଇଁ ମଧ୍ୟ ଅନୁକରଣୀୟ ଓ ପ୍ରେରଣାଦାୟକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

ଡଃ ସଦାଶିବ ତ୍ରିପାଠୀ ୨୧ ଏପ୍ରିଲ ୧୯୧୦ରେ ନବରଙ୍ଗପୁରରେ ଜନ୍ମଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ସେ ଭାରତୀୟ ଜାତୀୟ କଂଗ୍ରେସ ସହ ଯୋଡ଼ି ହୋଇ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମ ଓ ପରବର୍ତ୍ତୀ ସମୟରେ ସାଧାରଣ ଲୋକଙ୍କ ସେବା ତଥା ଓଡ଼ିଶାର ବିକାଶ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ।ତାଙ୍କର ଆଦର୍ଶ, ମୂଲ୍ୟବୋଧ, ସାଧାରଣ ଜୀବନ ଶୈଳୀ ଓ ଜନସେବା ପ୍ରତି ଅତୁଟ ପ୍ରତିବଦ୍ଧତା ସମସ୍ତଙ୍କ ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତପ୍ରକାଶ କରିଥିଲେ।

## ଅମ୍ବାଦଳାରେ ଦଶହରା ପ୍ରସ୍ତୁତି ବୈଠକ, ପୂର୍ବ କମିଟିକୁ ଦାୟିତ୍ୱ



ମୁନିଗୁଡା, ୯।୯(ଆନିସ) : ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳାରେ ଆଗାମୀ ଦଶହରା ପର୍ବ ପାଳନ ନେଇ ପ୍ରସ୍ତୁତି ବୈଠକ ସ୍ଥାନୀୟ ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଦଶହରା ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ଭକ୍ତିମୟ ପରିବେଶରେ ପାଳନ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।ବୈଠକ ଆରମ୍ଭରେ ଗତବର୍ଷର ଦଶହରା ଉତ୍ସବର ଆୟବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ପରେ ଚଳିତବର୍ଷର ଦୁର୍ଗାପୂଜା ଓ ଦଶହରା ପର୍ବର ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂଜା ମଣ୍ଡପ ସାଜସଜ୍ଜା, ଆଲୋକସଜ୍ଜା, ପରିମଳ ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ଓ ଉତ୍ସବ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଚଳିତବର୍ଷ ଦଶହରା ପରିଚାଳନା ପାଇଁ ନୂତନ କମିଟି ଗଠନ ନେଇ ଆଲୋଚନା ହୋଇଥିଲେ ମଧ୍ୟ ଉପସ୍ଥିତ ସଦସ୍ୟମାନଙ୍କ ସର୍ବସମ୍ମତିକ୍ରମେ ଗତବର୍ଷ ଦାୟିତ୍ୱରେ ଥିବା କମିଟିକୁ ଚଳିତବର୍ଷ ମଧ୍ୟ ଦୁର୍ଗାପୂଜା ପରିଚାଳନାର ଦାୟିତ୍ୱ ଦିଆଯାଇଛି। ପୂର୍ବ କମିଟି ହିଁ ଚଳିତବର୍ଷର ଦଶହରା ଉତ୍ସବ ପରିଚାଳନା କରିବ। ଏଥିପାଇଁ କମିଟି ପକ୍ଷରୁ ଖୁବ୍‌ଶୀଘ୍ର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ସ୍ଥାନୀୟ ଯୁବଗୋଷ୍ଠୀ, ପୁରୋହିତ, ବରିଷ୍ଠ ବ୍ୟକ୍ତି, ବ୍ୟବସାୟୀ, ବୁଦ୍ଧିଜୀବୀ ସମେତ ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ କେନ୍ଦ୍ରାପଡ଼ାରେ ପର୍ଯ୍ୟବେକ୍ଷକ

କେନ୍ଦ୍ରାପଡ଼ା,୯।୯(ଆନିସ): ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନର ସମୀକ୍ଷା ପାଇଁ ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ଏବଂ ର ରୋଲ ପର୍ଯ୍ୟବେକ୍ଷକ ରାଜେଶ ପ୍ରଭାକର ପାଟିଲ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରିଥିଲେ। ଗସ୍ତ ସମୟରେ ଶ୍ରୀ ପାଟିଲ ୯୭-କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡମୂଳବସନ୍ତ ପ୍ରାଥମିକ ବିଦ୍ୟାଳୟର ବୁଥ୍ ନମ୍ବର ୪୯ ଓ ୫୦, ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଡ଼ାଖଣ୍ଡ ମଠସାହିର ବୁଥ୍ ନମ୍ବର ୧୩୩ ଏବଂ ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ, ଅଠରବାଟିଆର ବୁଥ୍ ନମ୍ବର ୧୩୪ ଓ ୧୩୫ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜର, ବୁଥ୍‌ସ୍ତରୀୟ ଏଜେଣ୍ଟ ଏବଂ ପିଆରଆଇ ସଦସ୍ୟମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

# ଚିତ୍ରକୋଣ୍ଡାରେ ଜଣ୍ଡିସ ଆତଙ୍କ : ଆକ୍ରାନ୍ତଙ୍କ ସଂଖ୍ୟା ୧୦କୁ ବୃଦ୍ଧି

ଚିତ୍ରକୋଣ୍ଡା,୯।୯(ଆନିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାରେ ୬ ଶିଶୁ ସମେତ ୧୦ଜଣ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ନେଇ ଲୋକଙ୍କ ମଧ୍ୟରେ ଭୟର ଆତଙ୍କ ଖେଳି ଯାଇଛି ।

ଗତ କିଛି ଦିନ ହେବ ଚିତ୍ରକୋଣ୍ଡା ସଦର ମହକୁମା ସମେତ ସ୍ୱାଭିମାନ ଅଞ୍ଚଳରୁ ଜ୍ୱରରେ ଆକ୍ରାନ୍ତ ହୋଇ ଚିତ୍ରକୋଣ୍ଡା ଚିକିତ୍ସାଳୟ କୁ ଆସୁଥିବା ବେଳେ ବହୁ ଲୋକଙ୍କ ଆଖି ଓ ମୁହଁ ହଳଦିଆ ପଡ଼ିଥିବାରୁ ଜଣ୍ଡିସ ହୋଇଥିବା ନେଇ ଆଶଙ୍କା କରି ଦେଶୀ ଔଷଧ ଖାଉଥିବା ଦେଖିବାକୁ ମିଳୁଛି ।

ଗତ ମଙ୍ଗଳବାର ଚିତ୍ରକୋଣ୍ଡା ସଦର ମହକୁମାର ତ୍ରିନାଥ ମନ୍ଦିର ଲାଇନ୍ ଓ ଚର୍ଚ୍ଚ ଲାଇନ୍‌ର କିଛି ଶିଶୁଙ୍କୁ ଜଣ୍ଡିସ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ ଉକ୍ତ ଶିଶୁମାନଙ୍କୁ ୮ରୁ ୧୦ ଦିନ ଧରି ଜ୍ୱର ଲାଗି ରହିଥିଲା। ମେଡିକାଲରେ ପରୀକ୍ଷା କରିବା ପରେ ମଧ୍ୟ କିଛି ଜଣା ପଡୁ ନ ଥିଲା। ପୁନର୍ବାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେମାନଙ୍କୁ ଜଣ୍ଡିସ ହୋଇଥିବା ଜଣାପଡ଼ିଥିଲା।

ପରେ ଜଣ୍ଡିସ ଆକ୍ରାନ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଚିତ୍ରକୋଣ୍ଡା ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କ କହିବା ଅନୁଯାୟୀ, ସୋମବାର ଠାରୁ ଆଶାକର୍ମୀ ଘର ଘର ବୁଲି କେତେ ଜଣ ଜ୍ୱରରେ ପୀଡ଼ିତ ଅଛନ୍ତି ସେନେଇ ସର୍ଭେ କରୁଛନ୍ତି ଓ ଏ ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି । ଗତ ମଙ୍ଗଳବାର କୋରୁକୋଣ୍ଡା ସ୍ୱାସ୍ଥ୍ୟ ବିଭାଗର କିଛି ଡାକ୍ତର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଜଣ୍ଡିସ ବ୍ୟାପିଥିବା ଅଞ୍ଚଳରେ ଲୋକେ ପିଇବା ପାଇଁ ପାଣି ବ୍ୟବହାର କରୁଥିବା କୂଅରେ ଔଷଧ ଓ ବ୍ଲିଚିଂ ପକା ଯାଇଛି । ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହାମାରୀ ବିଶେଷଜ୍ଞ ଡାକ୍ତର ଦୁର୍ଗା ପ୍ରସାଦ ରାଜ ନେତୃତ୍ୱରେ ଚିତ୍ରକୋଣ୍ଡା ମେଡିକାଲ ସୁପରିଟେଣ୍ଡେଣ୍ଟ କ୍ଷୀରୋଦ ମହନ୍ତ, ଏଏନଏମ ଗୀତାଞ୍ଜଳି ଚର୍ଚ୍ଚି, ଆଶା କର୍ମୀ କେ କଳାବତୀ, ଷ୍ଟାଫ ନର୍ସ ଅନନ୍ତ ଗାୟନ ସମେତ ଏକ ଟିମ ଘର ଘର ପହଞ୍ଚି ସ୍ଥିତି ନିରୀକ୍ଷଣ କରିବା ସହ ପାଣିର ନମୁନା ଯାଞ୍ଚ କରିଛନ୍ତି ।

ଚିତ୍ରକୋଣ୍ଡା ଠାରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅଚଳ ହୋଇପଡିଥିବା ବେଳେ ଡ୍ରେନ ଗୁଡିକ ପରିଷ୍କାର ହୋଇ ନଥିବା ଏବଂ କୁଢ଼ କୁଢ଼ ଆବର୍ଜନା ଏଣେତେଣେ ଗଦା ହୋଇଥିବା ଯୋଗୁଁ ଜଣ୍ଡିସ ବ୍ୟାପିବାରେ ସହାୟକ ହେଉଥିବା ନେଇ ସନ୍ଦେହ ସୃଷ୍ଟି କରୁଛି ।

ସମସ୍ତ ଆକ୍ରାନ୍ତ ପରିବାର ସହିତ ଭେଟି ପାଣି କୁ ଫୁଟାଇ ପିଇବା ଓ ହାଲୋଜେନ ବଟିକା ଗୋଳାଇ ପିଇବା ପାଇଁ ପରାମର୍ଶ ଦେଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ଖୁସି ପାଙ୍ଗି(୧୪), ଦାମିନି ପାଙ୍ଗି(୧୪), ଶଶାଙ୍କ ଶେଖର ଗୌଡ଼(୯), ଲିଖିଲ କୁମାର ଗୌଡ଼, ହିମାଂଶୁ ଶେଖର ଖରା(୭), ଯୋଗେନ୍ଦ୍ର ଖରା(୧୩) ସମେତ ଏ ପର୍ଯ୍ୟନ୍ତ ମୋଟ ୧୦ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୨ ଜଣଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ମଧ୍ୟ ଅଭିଯୋଗ ହେଉଛି। ଏହାର ମୂଳ କାରଣ ଖୋଜି ସମାଧାନ କରିବାକୁ ଦାବି ହେଉଛି।

# ଇପିଏଫ୍ ପେନସନ୍ ଦାବିରେ ଓଏଫ୍‌ଡିସି କାର୍ଯ୍ୟାଳୟ ଆଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା

ମୁନିଗୁଡ଼ା,୯।୯(ଆନିସ): ଇପିଏଫ୍ ପେନସନ୍ ପ୍ରଦାନ ଦାବିରେ ଅବସରପ୍ରାପ୍ତ କର୍ମଚାରୀମାନେ ହାତରେ ପ୍ଲା-କାର୍ଡ ଧରି ନାରାବାଜି ସହ ସହର ପରିକ୍ରମା କରିବା ପରେ ମୁନିଗୁଡ଼ାସ୍ଥିତ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)ର ଖଣ୍ଡୀୟ ପରିଚାଳକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍, ରାୟଗଡ଼ା ଶାଖାର ଅଭିଯୋଗ ଅନୁଯାୟୀ, ଓଏଫ୍‌ଡିସି ଅଧୀନରେ କାର୍ଯ୍ୟ କରିଥିବା ପ୍ରାୟ ୪୫ ଜଣ କର୍ମଚାରୀଙ୍କ ଇପିଏଫ୍ ସମ୍ପର୍କିତ ଦସ୍ତାବିଜ ଦୀର୍ଘବର୍ଷ ଧରି ସଠିକ୍ ଭାବେ ଇପିଏଫ୍ କମିଶନରଙ୍କ ନିକଟକୁ ପଠାଯାଇ ନାହିଁ। ଫଳରେ ସେମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପେନସନ୍ ସୁବିଧାରୁ ବଞ୍ଚିତ ହୋଇ ନାହିଁ ନଥିବା ହଇରାଣ ହେଉଛନ୍ତି। ଏଥିସହ ଡିଏମ୍‌ଙ୍କ କାର୍ଯ୍ୟଶୈଳୀକୁ ନେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏବଂ ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଚେତାବନୀ ଦେଇଛି।ଅବସରପ୍ରାପ୍ତ କର୍ମଚାରୀ ପ୍ରଭାକର



ଭୁକ୍ତା କହିଛନ୍ତି ଯେ, ବାରମ୍ବାର ଦୌଡ଼ିବା ପରେ ମଧ୍ୟ ବିଭାଗୀୟ ଅବହେଳା ଯୋଗୁଁ କର୍ମଚାରୀମାନେ ନିଜ ପ୍ରାପ୍ୟ ହକ୍ ପାଇପାରୁ ନାହାନ୍ତି।

ଅନ୍ୟପକ୍ଷରେ ଏହି ଅଭିଯୋଗ ଉପରେ ଓଏଫ୍‌ଡିସି ଡିଭିଜନାଲ ମ୍ୟାନେଜର (ଡିଏମ୍) ଘନଶ୍ୟାମ ମହନ୍ତ କହିଛନ୍ତି ଯେ, କର୍ମଚାରୀମାନଙ୍କ ଏହି ଦାବି ସମ୍ପର୍କରେ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଅବଗତ ରହିଛି ଏବଂ ବିଭାଗୀୟ ସ୍ତରରେ ଆବଶ୍ୟକ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଯେଉଁସବୁ ଦସ୍ତାବିଜ ଓ ରେକର୍ଡ଼ ଇପିଏଫ୍ କମିଶନରଙ୍କ ନିକଟକୁ ପ୍ରେରଣ କରିବାର ଆବଶ୍ୟକତା ରହିଛି, ତାହାକୁ ଯଥାଶୀଘ୍ର ଯାଞ୍ଚ କରି ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଉଚ୍ଚ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ନିୟମାନୁଯାୟୀ ଏହି ସମସ୍ୟାର ସମାଧାନ ଲାଗି ଉଦ୍ୟମ କରାଯାଉଥିବା ସେ ସ୍ପଷ୍ଟ କରିଛନ୍ତି।

# କ୍ରୀଡ଼ା ପ୍ରତିଯୋଗୀତା ଉଦଯାପିତ, ୫୦୦ରୁ ଉର୍ଦ୍ଧ୍ୱ ପ୍ରତଯୋଗୀଙ୍କ ଅଂଶଗ୍ରହଣ

ନଲ,୯।୯(ଆନିସ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ୨୦୨୬-୨୭ ଶିକ୍ଷା ବର୍ଷର ତୁଲାପଡା ଦାମୋଦର ହାଇସ୍କୁଲ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ୮ ଓ ୯ ଦୁଇ ଦିନଧରି ମା ପାଜରେନ ଖେଳପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକର ଚାରୋଟି ଜୋନରୁ ୧୪ବର୍ଷ ରୁ କମ ଓ ୧୭ବର୍ଷରୁ କମ ବାଳକ ବାଳିକା ପ୍ରାୟ ୫୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। କବାଡି, ଖୋଖୋ, ଫୁଟବଲ, ଭଲିବଲ, ବ୍ୟାଟ ମ୍ୟାଣ୍ଟନ, ଯୋଗାସନ, ଚେସ ଆଦି ବିଭିନ୍ନ କ୍ରୀଡ଼ାରେ ଖେଳାଳି ମାନେ ନିଜର କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାକୁ ନର୍ଲା ବ୍ଲକ ଶିକ୍ଷା ଅଧିକାରୀ ପବିତ୍ର ଗଡତିଆ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ ଉଦଘାଟନ କରି ଖେଳାଳି ମାନଂକୁ ଶୃଙ୍ଖଳା ଖେଳୁଆ ମନୋଭାବ ନେଇ ଓ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ । ଜୋନ ସାମ୍ପଦକ ତୁଲାପଡା ଦାମୋଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସୁନାନୀ,




ଦୁଃଖିଶ୍ୟାମ ନାଏକ, ସମାଜ ସେବୀ ମନମୋହନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ ପରିଚାଳନା ରେଫରି ନାରାୟଣ ପଧାନ, ସନ୍ତୋଷ ନନ୍ଦ ନାଏକ, ଦ୍ରୁବ ନାଗ, ସୁଧୀର ରାଉତ, ସୁରେଶ ନାଏକ, ଶ୍ରବଣ ବାଗ, ସରୋଜ ପ୍ରଧାନ, ପାର୍ଥବ ପ୍ରଧାନୀ, ପ୍ରଦୀପ ସାହାଣୀ, ଉମାକାନ୍ତ ଭୋଇ ଓ ଚାରୋଟି ଜୋନର ସମ୍ପାଦକ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସୁଚାରୁରୂପେ ସକ୍ରିୟ ସହଯୋଗ କରିଥିଲେ। ଉଦଯାପନ ସମୟରେ ଅତିଥିଭାବେ ସ୍କୁଲର ଜୋନ ସମ୍ପାଦକ ଉପେନ୍ଦ୍ର ସୁନାନୀ, ସାମ୍ବାଦିକ ତଥା କ୍ରୀଡ଼ାବିତ ତ୍ରିଲୋଚନ ଗୌଡ଼,ସମାଜ ସେବୀ ମନମୋହନ ନାଏକ, ନର୍ଲା ସ୍କୁଲ ସଭାପତି ବା କ୍ରୀଡ଼ାବିତ କିଶୋର ମାଝୀ, ସ୍ଥାନୀୟ ସମାଜ ସେବୀ ନୌକା ମାଝୀଙ୍କ ଉପସ୍ଥିତିରେ ଛାତ୍ର ଛାତ୍ରୀ ଶେଷରେ ଜାମ୍ବୁଲ ମାରଚିଙ୍ଗ କରି ଅତିଥି ମାନଂକୁ ଅବିବାଦନ ଜଣାଇ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଅବତରଣ କରାଯାଇ ତୁଲାପଡା ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ପତାକା ପ୍ରଦାନ କରାଯାଇ ଖେଳର ପରିସମାପ୍ତି ଘୋଷଣା କରାଯାଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତିଯୋଗୀ ଆଗ୍ରହର ସହ ଅଂଶଗ୍ରହଣ କରିଥିଲେ।

# ଚମ୍ପୁଆରେ ବିଶ୍ୱ ମେରୁଦଣ୍ଡ ଆଘାତ ଦିବସ



ଚମ୍ପୁଆ,୯।୯(ଆନିସ): ଚମ୍ପୁଆ କୈରାଳୀ ଇନଷ୍ଟ୍ୟୁଟ ଅଫ ମେଡିକାଲ ସାଇନ୍ସ ଫିଜିଓ ଥେରାପି ବିଭାଗ ତରଫରୁ ବିଶ୍ୱ ମେରୁଦଣ୍ଡ ଦିବସ ଅବସରରେ ଏକ ସଚେତନା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା ଫ୍ରମ ଟେନ ଇଅରସ ଆଡ଼ଭାନସିଙ୍ଗ ଏସ. ସି. ଯେ ପ୍ରିଭେନସନ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ମେରୁଦଣ୍ଡ ଆଘାତର ପ୍ରତିରୋଧ, କିକିତ୍ସା, ପୁନର୍ବାସ, ସମାବେଶ ତଥା ଆତ୍ମ ନିର୍ଭରଶୀଳତା ଉପରେ ଆଲୋକପାତ କରା ଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୁଦ୍ର ନାରାୟଣ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ବିକ୍ରମଦିତ୍ୟ ଜେନା ଯୋଗ ଦେଇଥିଲେ। ଉଭୟ ଏହି ଅବସରରେ ଦିବ୍ୟାଙ୍ଗ କ୍ରୀଡ଼ାବିତ ଭାବେ ନିଜ ଜୀବନର ସାଙ୍ଘାତିକ ସଂଘର୍ଷ ପରର ସଫଳତା ଏବଂ ଆତ୍ମ ବିଶ୍ୱାସରୁ ପ୍ରେରଣା ନେଇ ଆଗାମୀ ଭବିଷ୍ୟତ ଗଢ଼ା ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟ ଉମା ରାଜମହନ ଉଦଘାଟନ କରିଥିବା ବେଳେ , ଅନୁଷ୍ଠାର ଚେୟାରମ୍ୟାନ ପି. ଏସ. ରାଜମୋହନ, ତଥା ଇନଷ୍ଟ୍ୟୁଟର ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଏହି କର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଫିଜିଓ ଥେରାପି ବିଭାଗର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପାରିବେଷିତ ମେରୁଦଣ୍ଡ ଆଘାତ ଜନିତ ରୋଲ ପ୍ଲେ, ଯାହା ମେରୁଦଣ୍ଡ ଆଘାତର କାରଣ ଏବଂ ଏହାର ସୁରକ୍ଷା ମୂଳକ ପଦକ୍ଷେପ ବିଷୟରେ ବର୍ଣ୍ଣିତ। ଡା. ମୋନାଲିସା ନାୟକଙ୍କ ଦ୍ୱାରା ମେରୁଦଣ୍ଡ ଜନିତ ଆଘାତ ତଥା ଏହାର ନିରାକରଣ ନିମନ୍ତେ ଏକ ସଚେତନତା ବିବରଣୀ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇନଷ୍ଟ୍ୟୁଟ ର ମ୍ୟାନେଜେର ଦୈତାରୀ ସାହୁ ପରିଚାଳନା କରିଥିଲ।

# ସରକାରୀ ଡିଗ୍ରୀ କଲେଜର ନିଜସ୍ୱ କୋଠା ନିର୍ମାଣ କେବେ?

## ୨୦୦ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା

ଥୁଆମୂଳ ରାମପୁର, ୯।୯(ଆନିସ): କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ବ୍ଲକରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥାର ନଗ୍ନଚିତ୍ର ଏବେ ଜକଜକ ହୋଇ ଦେଖାଦେଇଛି। ଅଞ୍ଚଳରେ ଉର୍ଚ୍ଚ ଶିକ୍ଷାର ଉନ୍ନତି ପାଇଁ ଦୀର୍ଘ ଦିନର ଦାବି ପରେ ସରକାରୀ ଡିଗ୍ରୀ କଲେଜ ଟିଏ ସ୍ଥାପନ ପାଇଁ ଅନୁମତି ପ୍ରଦାନ କଲେ ସତ କିନ୍ତୁ ଏପର୍ଯ୍ୟନ୍ତ ସରକାରୀ ଡିଗ୍ରୀ କଲେଜର ନିଜସ୍ୱ ସ୍ଥାୟୀ କୋଠା ନିର୍ମାଣ ହେବା ପାଇଁ ବିଳମ୍ବ ହେଉଛି।ଫଳରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ହେବା ଦେଖାଦେଇଛି। ଅବହେଳା ଏହି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ। ବିଶେଷ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ସ୍ଥାନୀୟ ଗରିବ ଓ ଆଦିବାସୀ ପରିବାର ଘରର ପୁଅଝିଅ ଦୀର୍ଘବର୍ଷ ଧରି ଅସୁବିଧା ଭୋଗି ଆସୁଛନ୍ତି। ଦଶମ ଶ୍ରେଣୀ ପାସ ହେବା ପରେ ଉଚ୍ଚଶିକ୍ଷା ପାଇଁ ଭବାନୀପାଟଣା କିମ୍ବା ରାୟଗଡ଼ା ଭଳି ଦୂରଦୂରାନ୍ତ ବିଭିନ୍ନ ଅଞ୍ଚଳକୁ ଯିବାକୁ ପଡୁଛି। ଏହାଫଳରେ ଗରିବ ଲୋକମାନଙ୍କ ପୁଅଝିଅ ଅର୍ଥାଭାବରୁ ସେମାନେ ବଞ୍ଚିତ ହୋଇ ଅନେକ ଗରିବ ଛାତ୍ରଛାତ୍ରୀ ପାଠପଢ଼ା ଛାଡ଼ି ଦେବା ଭଳି ଘଟଣା ନଜର ରହିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଉଦ୍ୟମରେ ୧୯୯୭ ମସିହାରେ 'ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତଦୁଇ ବେସରକାରୀ କଲେଜ' ସ୍ଥାପନ ହୋଇଥିଲା। ପରେ ଏହା ବ୍ଲକଗ୍ରାଣ୍ଟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଭାବେ ସ୍ୱୀକୃତି ପାଇଛି। ଏହି କଲେଜ ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀ ଉଚ୍ଚ ମାଧ୍ୟମିକ ଶିକ୍ଷାର ସୁଯୋଗ ପାଇଥିଲେ। ତଥାପି ଡିଗ୍ରୀ ସ୍ତରର ଶିକ୍ଷା ପାଇଁ ଅଞ୍ଚଳରେ ସରକାରୀ କଲେଜ ନଥିବାରୁ ଯୁବପିଢ଼ିର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଯାଇଥିଲା। ପରବର୍ତ୍ତୀ ସମୟରେ ଡିଗ୍ରୀ କଲେଜ ସ୍ଥାପନକୁ ନେଇ ଦୀର୍ଘଦିନ ଧରି ଏକ ମଡେଲ ଡିଗ୍ରୀ କଲେଜ ସ୍ଥାପନ କରିବାପାଇଁ ଦାବି ହୋଇ ଆସୁଥିଲା। ଗତ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ସମୟରେ ୪ ଜାନୁଆରୀ ୨୦୨୪ ରେ ଥୁଆମୂଳ ରାମପୁର ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଅଞ୍ଚଳରେ ୧୮ଟି ନୂତନ ସରକାରୀ ଡିଗ୍ରୀ କଲେଜ ସ୍ଥାପନ ନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ପରବର୍ତ୍ତି ସମୟରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡ ମାଧ୍ୟମରେ କଲେଜର ଉଦ୍‌ଘାଟନ ମଧ୍ୟ ଶେଷ ହୋଇଯାଇଯାଇଛି। କିନ୍ତୁ ଭିତ୍ତିଭୂମି ଅଭାବ ବର୍ତ୍ତମାନ ସମଗ୍ର ବ୍ୟବସ୍ଥାକୁ ପ୍ରଶ୍ନବାଚୀ ସହିତ ସମ୍ମୁଖୀନ ହେବାକୁ ପଡିଛି। ବର୍ତ୍ତମାନ ସରକାରୀ ଡିଗ୍ରୀ କଲେଜଟି ଉଚ୍ଚ ମାଧମିକ ଯୁକ୍ତ ବିଦ୍ୟାଳୟ କୋଠାରେ ଥିବା ଅତିରିକ୍ତ ଗୃହର ମାତ୍ର ଦୁଇଟି କୋଠରୀରେ ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ା ଚାଲୁଛି। ସରକାରୀ ଡିଗ୍ରୀ କଲେଜର ତିନୋଟି ଶ୍ରେଣୀର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ପାଠପଢୁଥିବା ଜଣାପଡିଛି। ତଥାପି ଏହି କଲେଜରେ ଶ୍ରେଣୀ ଗୃହ ଅଭାବରୁ ନିୟମିତ ଶ୍ରେଣୀ ପରିଚାଳନାରେ ବାଧା ସୃଷ୍ଟି ହେଉଥିବା ଜଣାପଡିଛି। ଡିଗ୍ରୀ କଲେଜରେ ଲାଇବ୍ରେରୀ, ପ୍ରୟୋଗଶାଳା, କମନ ରୁମ୍, ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବ ସ୍ପଷ୍ଟ ଭାବେ ଦେଖାଦେଇଛି। ଏହାବ୍ୟତୀତ ବର୍ଷା ଦିନରେ ପରିସ୍ଥିତି ଆହୁରି ଜଟିଳ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଚିନ୍ତା ରହିଛନ୍ତି। ଡିଗ୍ରୀ କଲେଜର ନିଜସ୍ୱ କୋଠା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟାର ସୂଚନା ମଧ୍ୟ ମିଳିଥିବା ଜଣାପଡିଛି ତଥାପି ଆଜି ଯାଏଁ ଏହାର ଚୁଡାନ୍ତ ଫଳ ମିଳିପାରିନାହିଁ। ତେବେ କେବେ ଟେଣ୍ଡର କରାଯିବ କେବେ କଲେଜ କୋଠା ନିର୍ମାଣ କାମ ଆରମ୍ଭ ହେବ ଏବଂ ଛାତ୍ରଛାତ୍ରୀ କେବେ ସ୍ଥାୟୀ କୋଠାରେ ପାଠ ପଢିବେ, ତାହାକୁ ନେଇ ଅଞ୍ଚଳରେ ନାନାଖ ପ୍ରକାରର ପ୍ରଶ୍ନବାଚୀସୃଷ୍ଟି କରୁଛି । ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଯଥାଶୀଘ୍ର ଡିଗ୍ରୀ କଲେଜ ନିର୍ମାଣ ପାଇଁ ଶିଳାନ୍ୟାସ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସରକାରଙ୍କୁ ଦାବି ଜଣାଇଛନ୍ତି। ସ୍ଥାୟୀ ଡିଗ୍ରୀ କଲେଜ କୋଠା ନିର୍ମାଣ କରାଯିବ ତେବେ ଯାଇ ଅଞ୍ଚଳରେ ଉଚ୍ଚଶିକ୍ଷାର ସୂର୍ଯ୍ୟୋଦ୍ୟାୟ ହେବ। ଏହାଦ୍ୱାରା ଅଞ୍ଚଳର ଗରିବ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରେ ବୋଲି ଅଞ୍ଚଳବାସୀ ଆଶାପୋଷଣ କରାଯାଇଛି।

# ଟାଟା ପାୱାର ସୋଲାରୁଫ୍ ୫ ଲକ୍ଷରୁ ଅଧିକ ରୁଫଟପ୍ ସୋଲାର ସ୍ଥାପନ ଅତିକ୍ରମ କଲା

## ୮,୫୦୦ କୋଟି ଟଙ୍କାରୁ ଅଧିକ ସୋଲାର ଋଣ ପ୍ରଦାନରେ ସହାୟତା

ଭୁବନେଶ୍ୱର,୯।୯: ଦି ଟାଟା ପାୱାର କମ୍ପାନୀର ଏକ ସହାୟକ କମ୍ପାନୀ ଟାଟା ପାୱାର ରିନିଉଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆରଇଏଲ୍)ର ଅଂଶବିଶେଷ ଟାଟା ପାୱାର ସୋଲାରୁଫ୍, ସମଗ୍ର ଭାରତରେ ୫ ଲକ୍ଷ ରୁଫଟପ୍ ସୋଲାର ସ୍ଥାପନର ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହା ଆବାସିକ, ବାଣିଜ୍ୟିକ ଏବଂ ଶିଳ୍ପ କ୍ଷେତ୍ରରେ ବିକେନ୍ଦ୍ରୀକୃତ ଅକ୍ଷୟ ଶକ୍ତି ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କମ୍ପାନୀ (୩୧ ଜୁଲାଇ ୨୦୨୬ ସୁଦ୍ଧା) ୫,୧୯,୬୭୩ ସ୍ଥାପନ ସମ୍ପୂର୍ଣ୍ଣ କରିଛି ଯାହା ବଜାରର ୧୪% ଅଂଶବିଶେଷ ଏବଂ ୨୦୨୯ ସୁଦ୍ଧା ୩୦ ଲକ୍ଷ ସ୍ଥାପନ କରିବାର ଲକ୍ଷ୍ୟ ରଖିଛି।

ଏହି ସଫଳତା ଭାରତର ଅଗ୍ରଣୀ ରୁଫଟପ୍ ସୋଲାର ପ୍ରଦାନକାରୀ ଭାବରେ ଟାଟା ପାୱାର ସୋଲାରୁଫର ସ୍ଥିତିକୁ ଆହୁରି ମଜଭୁତ କରିଛି। କ୍ରିସିଲ୍ ଲଗାତାର ୧୨ ବର୍ଷ ଧରି ଟାଟା ପାୱାର ସୋଲାରୁଫକୁ ଭାରତର ୧ ନମ୍ବର ରୁଫଟପ୍ ସୋଲାର କମ୍ପାନୀ ଭାବରେ ସ୍ୱୀକୃତି ଦେଇଛି, ଯାହା ଏହାର ବ୍ୟାପକତା, କାର୍ଯ୍ୟକ୍ଷମତା ଏବଂ ଏହି କ୍ଷେତ୍ରରେ ନିରନ୍ତର ଉପସ୍ଥିତିକୁ ଦର୍ଶାଉଛି।

ବିଦ୍ୟୁତ୍ ଖର୍ଚ୍ଚ କମାଇବା ଏବଂ ଶକ୍ତି କ୍ଷେତ୍ରରେ ସ୍ଥିରତା ଆଣିବା ପାଇଁ ରୁଫଟପ୍ ସୋଲାର ଏକ ଆକର୍ଷଣୀୟ ସମାଧାନ ଭାବେ ଉଭା ହେଉଥିବା ବେଳେ, ଟାଟା ପାୱାର ସୋଲାରୁଫ୍ ନିଜର ଦେଶବ୍ୟାପୀ ୭୦୦ରୁ ଅଧିକ ଚ୍ୟାନେଲ ପାର୍ଟନର ଏବଂ ୨୫୦ରୁ ଅଧିକ ଅନୁମୋଦିତ ସେବା ପାର୍ଟନରଙ୍କ ନେଟୱାର୍କ ମାଧ୍ୟମରେ ଏହାର ପହଞ୍ଚକୁ ବିସ୍ତାର କରୁଛି। ଏହି ନେଟୱାର୍କ କମ୍ପାନୀକୁ ପରାମର୍ଶ, ସିଷ୍ଟମ୍ ଡିଜାଇନ୍ ଠାରୁ ଆରମ୍ଭ କରି ସ୍ଥାପନ, କାର୍ଯ୍ୟକ୍ଷମ କରିବା ଏବଂ ବିକ୍ରୟ ପରବର୍ତ୍ତୀ ସେବା ପର୍ଯ୍ୟନ୍ତ ଗ୍ରାହକଙ୍କ ପ୍ରତ୍ୟେକଟି ପଦକ୍ଷେପରେ ସ୍ଥାନୀୟ ସହାୟତା ଯୋଗାଇବାରେ ସକ୍ଷମ କରୁଛି।

ନିଜର କ୍ୱାଲିଟି ଲାଇଫଲଙ୍ଗ୍ (ଆଜୀବନ ଗୁଣବତ୍ତା) ପ୍ରତିଶ୍ରୁତି ଅଧୀନରେ, ଟାଟା ପାୱାର ସୋଲାରୁଫ୍ ଉଚ୍ଚ-କ୍ଷମତା ସମ୍ପନ୍ନ ସୋଲାର ମଡ୍ୟୁଲ୍ ସହିତ ସମ୍ପୂର୍ଣ୍ଣ ୱାରେଣ୍ଟି, ଆର୍ଥିକ ଋଣ ସୁବିଧା, ବୀମା ସୁରକ୍ଷା ଏବଂ ସେବା ସହାୟତା ପ୍ରଦାନ କରୁଛି । ଏହାର ସୋଲାର ମଡ୍ୟୁଲ୍‌ଗୁଡ଼ିକ ୨୫/୩୦ ବର୍ଷର କାର୍ଯ୍ୟକ୍ଷମତା ୱାରେଣ୍ଟି ସହିତ ଆସୁଥିବା ବେଳେ, ସମଗ୍ର ସିଷ୍ଟମ୍ ପାଇଁ ଅତି କମରେ ପାଞ୍ଚ ବର୍ଷର ୱାରେଣ୍ଟି ମିଳିଥାଏ କମ୍ପାନୀର ସେବା ବ୍ୟବସ୍ଥାରେ ଗ୍ରାହକଙ୍କ ସେବା ଅନୁରୋଧ ଉପରେ ଦୁଇ ଘଣ୍ଟା ମଧ୍ୟରେ ପ୍ରାଥମିକ ପ୍ରତିକ୍ରିୟା ଏବଂ ୪୮ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ ଅନ୍ତର୍ଭୁକ୍ତ, ଯାହା ବିଶ୍ୱସନୀୟତା ଏବଂ ଦୀର୍ଘକାଳୀନ ଗ୍ରାହକ ଅଭିଜ୍ଞତା ଉପରେ ଏହାର ଗୁରୁତ୍ୱକୁ ଦୃଢ଼ କରେ।

ଘର ଘର ସୋଲାର ମାଧ୍ୟମରେ ରୁଫଟପ୍ ସୋଲାର ବ୍ୟବହାରକୁ ତ୍ୱରାନ୍ୱିତ କରିବା

ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜଳୀ ଯୋଜନାର ଉଦ୍ଦେଶ୍ୟ ସହିତ ଯୋଡ଼ି ହୋଇ ଟାଟା ପାୱାର ସୋଲାରୁଫ୍ ନିଜର ପ୍ରମୁଖ ଘର ଘର ସୋଲାର ଅଭିଯାନ ମାଧ୍ୟମରେ ଭାରତ ସରକାରଙ୍କ ରୁଫଟପ୍ ସୋଲାର ଲକ୍ଷ୍ୟକୁ ସମର୍ଥନ ଜାରି ରଖିଛି । ୨୦୨୪ ମସିହାରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଓଡ଼ିଶା, ଉତ୍ତର ପ୍ରଦେଶ, ତାମିଲନାଡୁ, କେରଳ, ମହାରାଷ୍ଟ୍ର, ଛତିଶଗଡ଼, ରାଜସ୍ଥାନ, ଆନ୍ଧ୍ର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ବିହାର ସମେତ ୧୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳକୁ ବିସ୍ତାରିତ ହୋଇଛି, ଯାହା ମିଳିତ ଭାବେ ୯୦ କୋଟିରୁ ଅଧିକ ଜନସଂଖ୍ୟାକୁ ସାମିଲ କରିଛି।

ରୁଫଟପ୍ ସୋଲାରକୁ ଆହୁରି ସହଜଲଭ୍ୟ କରିବା ପାଇଁ, ଟାଟା ପାୱାର ସୋଲାରୁଫ୍ ପ୍ରମୁଖ ବ୍ୟାଙ୍କ ଏବଂ ଏନବିଏଫସି ଗୁଡ଼ିକ ମାଧ୍ୟମରେ ଋଣ ସୁବିଧା ପ୍ରଦାନ କରୁଛି । ଘର ଘର ସୋଲାର ମାଧ୍ୟମରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଫାଇନାନ୍ସିଂ ଯୋଜନା ଅଧୀନରେ, ଯୋଗ୍ୟ ଆବାସିକ ଗ୍ରାହକମାନେ ଶୂନ ଡାଉନ୍-ପେମେଣ୍ଟ (ବିନା ଅଗ୍ରୀମ ଜମା) ସୁବିଧା ସହିତ ଋଣ ପାଇପାରିବେ ଏହା ସେହି ପରିବାରଗୁଡ଼ିକ ପାଇଁ ପ୍ରାରମ୍ଭିକ ଖର୍ଚ୍ଚର ସମସ୍ୟା ଦୂର କରିବାରେ ସାହାଯ୍ୟ କରେ, ଯେଉଁମାନେ ପିଏମ୍ ସୂର୍ଯ୍ୟ ଘର ଫାଇନାନ୍ସିଂ ନିୟମ ଅନୁସାରେ ୧୦% ଡାଉନ୍-ପେମେଣ୍ଟ ଦେବାକୁ ସକ୍ଷମ ହୋଇନଥାନ୍ତି।

ବାଣିଜ୍ୟିକ ଏବଂ ଶିଳ୍ପ (ସିଆଣ୍ଡଆଇ) ଗ୍ରାହକମାନଙ୍କ ପାଇଁ, କମ୍ପାନୀ ପିଏସୟୁ ଏବଂ ଏନବିଏଫସି ସହଭାଗୀତାରେ ଅନେକ ପ୍ରକାରର ଆର୍ଥିକ ସମାଧାନ ପ୍ରଦାନ କରୁଛି । ଏଥିରେ ସନ୍‌ସ୍ମାର୍ଟ ଫ୍ଲେକ୍ସି ଇଏମଆଇ ସ୍କିମ୍‌ଦଅନ୍ତର୍ଭୁକ୍ତ – ଯାହା ଏକ ପେ ଆଜ୍ ୟୁ ସେଭ୍‌ଦ ମଡେଲ୍, ଯାହାକି ଆନୁମାନିକ ସୌର ଶକ୍ତି ଉତ୍ପାଦନ ସହିତ କିସ୍ତି ପୈଠକୁ ସମନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ସମାଧାନଗୁଡ଼ିକ ବ୍ୟବସାୟଗୁଡ଼ିକୁ ପ୍ରାରମ୍ଭିକ ପୁଞ୍ଜି ଆବଶ୍ୟକତା କମାଇବା ସହିତ ସୌର ଶକ୍ତିରୁ ଦୀର୍ଘକାଳୀନ ସଞ୍ଚୟର ଲାଭ ଉଠାଇବାରେ ସକ୍ଷମ କରେ।

ଟାଟା ପାୱାର ସୋଲାରୁଫ୍ ଏପର୍ଯ୍ୟନ୍ତ ୨୫ରୁ ଅଧିକ ଫାଇନାନ୍ସିଂ ପାର୍ଟନରଙ୍କ ଏକ ନେଟୱାର୍କ ମାଧ୍ୟମରେ ୮,୫୦୦ କୋଟି ଟଙ୍କାରୁ ଅଧିକ ଋଣ ସୁବିଧା ପ୍ରଦାନ କରିଛି, ଯାହା ଅଧିକରୁ ଅଧିକ ଗ୍ରାହକ ଏବଂ ବ୍ୟବସାୟ ପ୍ରତିଷ୍ଠାନକୁ ରୁଫଟପ୍ ସୋଲାର ସମାଧାନ ପାଇବାରେ ସାହାଯ୍ୟ କରୁଛି।

ଟାଟା ପାୱାର ସୋଲାରୁଫ୍ ବାଣିଜ୍ୟିକ ଏବଂ ଶିଳ୍ପ (ସିଆଣ୍ଡଆଇ) କ୍ଷେତ୍ରରେ ମଧ୍ୟ ନିଜର ଉପସ୍ଥିତି ବିସ୍ତାର କରୁଛି ଏହା ବସ୍ତ୍ରଶିଳ୍ପ (ଟେକ୍ସଟାଇଲ୍), ଇସ୍ପାତ (ଷ୍ଟିଲ୍), କୋଲ୍ଡ ଷ୍ଟୋରେଜ୍, ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି), ହସ୍ପିଟାଲିଟି, ବାୟୋଟେକ୍ନୋଲୋଜି, ଏଫଏମସିଜି, କଞ୍ଜ୍ୟୁମର ଡ୍ୟୁରେବଲ୍ସ, ଅଟୋମୋଟିଭ୍, ଡାଟା ସେଣ୍ଟର ସମେତ ବିଭିନ୍ନ କ୍ଷେତ୍ରର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ସେବା ଯୋଗାଉଛି।

ଆବାସିକ ଗ୍ରାହକମାନଙ୍କ ପାଇଁ, ମାଇସିନ୍ ପୋର୍ଟଫୋଲିଓ ୫ କିଲୋୱାଟ୍ ରୁ ୪୦ କିଲୋୱାଟ୍ ପର୍ଯ୍ୟନ୍ତ ଉନ୍ନତ ବ୍ୟାଟେରୀ ଷ୍ଟୋରେଜ୍ ସିଷ୍ଟମ୍ ପ୍ରଦାନ କରେ । ଏହା ଘର ମାଲିକମାନଙ୍କୁ ଅତିରିକ୍ତ ସୌର ଶକ୍ତି ସାଇତି ରଖିବା ଏବଂ ସନ୍ଧ୍ୟାରେ, ରାତିରେ କିମ୍ବା କମ୍ ସୂର୍ଯ୍ୟକିରଣ ଥିବା ସମୟରେ ବ୍ୟବହାର କରିବାକୁ ସକ୍ଷମ କରେ। ଏହା ପରିବାରଗୁଡ଼ିକୁ ସେମାନଙ୍କ ରୁଫଟପ୍ ସୋଲାର ସିଷ୍ଟମରୁ ସର୍ବାଧିକ ଲାଭ ପାଇବାରେ ଏବଂ ସ୍ୱଚ୍ଛ ଶକ୍ତି ଦ୍ୱାରା ୨୪ ଘଣ୍ଟିଆ ଶକ୍ତି ସ୍ୱାଧୀନତା ଦିଗରେ ଆଗେଇବାରେ ସାହାଯ୍ୟ କରେ।

ବାଣିଜ୍ୟିକ ଏବଂ ଶିଳ୍ପ (ସିଆଣ୍ଡଆଇ) ଗ୍ରାହକମାନଙ୍କ ପାଇଁ, ପାୱାରହବ୍ ପୋର୍ଟଫୋଲିଓ ୬୦ କିଲୋୱାଟ୍‌ରୁ ୫ ମେଗାୱାଟ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରୁଥିବା ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସମାଧାନ ପ୍ରଦାନ କରେ। ଯାହାକୁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷମତା ଏବଂ ଲୋଡ୍ ଆବଶ୍ୟକତା ଅନୁଯାୟୀ ଆହୁରି ବଢ଼ାଯାଇପାରିବ। ଏହି ସିଷ୍ଟମ୍‌ଗୁଡ଼ିକ ବ୍ୟବସାୟଗୁଡ଼ିକୁ ଅକ୍ଷୟ ଶକ୍ତି ବ୍ୟବହାରକୁ ସର୍ବୋତ୍ତମ କରିବା, ସର୍ବାଧିକ ବିଦ୍ୟୁତ୍ ଆବଶ୍ୟକତା (ପିକ୍ ପାୱାର) ପରିଚାଳନା କରିବା ଏବଂ ସୌର ଉତ୍ପାଦନ ସମୟ ପରେ ମଧ୍ୟ ସ୍ୱଚ୍ଛ ଶକ୍ତିର ବ୍ୟବହାର ବୃଦ୍ଧି କରିବାରେ ସକ୍ଷମ କରେ।

ରୁଫଟପ୍ ସୋଲାର ଏବଂ ବ୍ୟାଟେରୀ ଷ୍ଟୋରେଜ୍ ମିଶି ଏକ ସମନ୍ୱିତ ସ୍ୱଚ୍ଛ ଶକ୍ତି ବ୍ୟବସ୍ଥା ତିଆରି କରନ୍ତି, ଯାହା ଗ୍ରାହକମାନଙ୍କୁ ଆବଶ୍ୟକ ସମୟରେ ସ୍ୱଚ୍ଛ ବିଦ୍ୟୁତ୍ ଉତ୍ପାଦନ, ସଂରକ୍ଷଣ, ପରିଚାଳନା ଏବଂ ବ୍ୟବହାର କରିବାକୁ ଅନୁମତି ଦିଏ ଏହି ମିଳିତ ବ୍ୟବସ୍ଥା କେବଳ ଶକ୍ତି ସ୍ଥିରତାକୁ ସୁଧାରି ନଥାଏ, ବରଂ ଗ୍ରାହକମାନଙ୍କୁ ଅଧିକ ଶକ୍ତି ସ୍ୱାଧୀନତାର ଭବିଷ୍ୟତ ନିକଟକୁ ନେଇଯାଏ – ଯେଉଁଠାରେ ଦିନବେଳା ଉତ୍ପାଦିତ ସ୍ୱଚ୍ଛ ଶକ୍ତି ସୂର୍ଯ୍ୟାସ୍ତ ପରେ ମଧ୍ୟ ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଶକ୍ତି ଯୋଗାଇପାରିବ।

# ୧୨ରେ ଟିପିଏସ୍‌ଓଡିଏଲ୍ ଉପଭୋକ୍ତାଙ୍କ ନିମନ୍ତେ ଲୋକ ଅଦାଲତ

ବ୍ରହ୍ମପୁର,୯।୯: ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ପକ୍ଷରୁ ଆସନ୍ତା ୧୨ ତାରିଖ ଶନିବାର ଦିନ ତୃତୀୟ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ । ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି । ଏଠାରେ ଦୀର୍ଘ ଦିନ ଧରି ବିଚାରାଧୀନ ଥିବା ମାମଲାଗୁଡ଼ିକର ଏକକାଳୀନ ସମାଧାନ କରାଯିବ ।ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସ୍‌ଓଡିଏଲ୍ ଡିଭିଜନ୍, ସବ୍-ଡିଭିଜନ୍, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଆରମ୍ଭ ହେବ । ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ ।ଟିପିଏସ୍‌ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ । ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ । ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ ।

ଲୋକ ଅଦାଲତ ସମ୍ପର୍କିତ ସବିଶେଷ ସୂଚନା, ଯେପରି, ଜିଲାୱାରୀ ବ୍ୟବସ୍ଥା, ଯୋଗ୍ୟ ମାମଲାର ବର୍ଗୀକରଣ, ପର୍ଯ୍ୟାୟକ୍ରମେ ମାର୍ଗଦର୍ଶନ ଇତ୍ୟାଦି, ଟିପିଏସ୍‌ଓଡିଏଲର କାର୍ଯ୍ୟାଳୟରେ ମିଳିବ । ଗ୍ରାହକମାନେ ଅତିରିକ୍ତ ସୁବିଧା ନିମନ୍ତେ କମ୍ପାନୀର ଗ୍ରାହକ ସମ୍ପର୍କ କେନ୍ଦ୍ର ସହ ଯୋଗାଯୋଗ କରିପାରିବେ ।

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭୁଲ ରକ୍ତ ନମୁନା ରିପୋର୍ଟ ଅଭିଯୋଗ

ଚମ୍ପୁଆ,୯।୯(ଆନିସ): ଚମ୍ପୁଆ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଚମ୍ପୁଆ ସହର ଓ ଆଖପାଖ ରେ ଥିବା ଗ୍ରାମାଞ୍ଚଳ ସହିତ ପଡ଼ୋଶୀ ଝାଡ଼ଖଣ୍ଡ ଅଞ୍ଚଳରୁ ଦୈନନ୍ଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସି ଥାଆନ୍ତି। ଚିକିତ୍ସାଳୟ ରେ ଥିବା ଡାକ୍ତର ରୋଗୀଙ୍କୁ ଦେଖିବା ପରେ ଆବଶ୍ୟକ ସ୍ଥଳେ ରୋଗ ନିରୂପଣ କରିବା ପାଇଁ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥାନ୍ତି। ରକ୍ତ ନମୁନା ରିପୋର୍ଟ ଦେଖିବା ପରେ ଡାକ୍ତର ରୋଗୀଙ୍କୁ ରୋଗ ଅନୁସାରେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇ ଥାଆନ୍ତି। କିନ୍ତୁ ରକ୍ତ ନମୁନା ରିପୋର୍ଟରେ ଯଦି ଭୁଲ ରହିଲା ତେବେ ତ କଥା ସରିଲା। ଭୁଲ ରକ୍ତ ନମୁନା ରିପୋର୍ଟ ଅନୁସାରେ ଯଦି ଡାକ୍ତର ରୋଗୀଙ୍କୁ ଭୁଲ ଔଷଧ ଲେଖି ଦିଅନ୍ତି ତେବେ ରୋଗୀଙ୍କ ଜୀବନ ମଧ୍ୟ ଯାଇପାରେ। ଯଦି ଜୀବନ ନ ଗଲା ତେବେ ଅନ୍ୟ କୌଣସି ଦୁରାରୋଗ୍ୟ ବ୍ୟାଧି ମଧ୍ୟ ହୋଇପାରେ। ଏପରି ଏକ ଘଟଣା ଘଟି ଯାଇଛି ଚମ୍ପୁଆ ନିବାସୀ ମନୋଜ କୁମାର ରାମଙ୍କ ସହିତ। ସୂଚନା ଅନୁସାରେ ମନୋଜଙ୍କ ସ୍ତ୍ରୀ ଭାବନା ରାମଙ୍କ ଦେହ ଅସୁସ୍ଥ ରହିବା ସହିତ ତାଙ୍କ ଦେହ ହାତ ବ୍ୟଥା ହେଉଥିଲା। ତେଣୁ ମନୋଜ ତାଙ୍କ ସ୍ତ୍ରୀଙ୍କୁ ନେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ରୋଗୀଙ୍କୁ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଯେତେ ବେଳେ ରକ୍ତ ନମୁନା ରିପୋର୍ଟ ଆସିଲା ସେଥିରେ ସିରମ ୟୁରିଆ ୬୯ ଏମ.ଜି ଓ ସିରମ୍ କ୍ରେଟିନିନ ୪ ଏମ.ଜି ରହିଥିଲା। ମନୋଜ ଏହି ରିପୋର୍ଟ ଦେଖି ସନ୍ଦେହ ପ୍ରକାଶ କରିଥିଲେ। କାରଣ ଏପରି ରିପୋର୍ଟ ସାଧାରଣତଃ କିଡନୀ ଖରାପ ହେବାର ସଂକେତ ସୂଚାଇ ଥାଏ। ତେଣୁ ସେ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ଚମ୍ପୁଆରେ ଥିବା ଦୁଇଟି ଘରୋଇ ପାଥୋଲାବ ରେ ପୁନର୍ବାର ତାଙ୍କ ସ୍ତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ଦେଇଥିଲେ। ଗୋଟିଏ ପାଥୋଲାବ ରିପୋର୍ଟରେ ସିରମ ୟୁରିଆ ୨୦.୬ ଏମ.ଜି ଓ ସିରମ୍ କ୍ରେଟିନିନ ୭ ଏମ.ଜି ରହିଥିବା ବେଳେ ଅନ୍ୟ ପାଥୋଲାବ ରିପୋର୍ଟରେ ୟୁରିଆ ୨୧.୩ ଏମ.ଜି ଓ ସିରମ୍ କ୍ରେଟିନିନ ୯ ଏମ.ଜି ରହିଥିଲା। ଉକ୍ତ ଦୁଇଟି ରିପୋର୍ଟ ଅନୁସାରେ ରୋଗୀଙ୍କ କିଡନୀ ଠିକ୍ ଥିବା ଜଣାପଡିଥିଲା। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରୁ ଭୁଲ୍ ରକ୍ତ ନମୁନା ରିପୋର୍ଟ ପାଇବା ନେଇ ସୁନିଶ୍ଚିତ ହେବା ପରେ ମନୋଜ କୁମାର ରାମ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ର ଏସଡିଏମଓ ଙ୍କୁ ରକ୍ତ ନମୁନା ପରୀକ୍ଷା କରିଥିବା କର୍ମଚାରୀଙ୍କ ବିରୋଧରେ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ସେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ନମୁନା ପରୀକ୍ଷାଗାରରେ ଅଭିଜ୍ଞ ଓ ଅନୁଭବ ସମ୍ପନ୍ନ କର୍ମଚାରୀ ନିଯୋଜିତ କରିବା ପାଇଁ ଦାବି କରିଛନ୍ତି।

# ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ୨୨ ଡାକ୍ତରଙ୍କ ସ୍ଥାନରେ ଚାରି

ଗଣିଆ,୯।୯(ଆନିସ): ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ ଓ ଲୋକାଭିମୁଖୀ କରିବା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ କାୟାକଳ୍ପ ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ କୋଟି କୋଟି ଟଙ୍କା ବିନିମୟରେ ଭିତ୍ତିଭୂମି ସୁଦୃଢ଼ ଓ ପରିବେଶକୁ ସରସ ସୁନ୍ଦର କରାଯାଉଛି। ମାତ୍ର ରୋଗୀ ସେବା ପାଇଁ ଡାକ୍ତର ନାଁହାନ୍ତି। ଡାକ୍ତର ଅଭାବରୁ ରୋଗୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର କମ୍ବା ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରାଯଉଛି । ଫଳରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏଠାରେ ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଥିବା ଜଣାପଡିଛି। ଆବଶ୍ୟକତା ଅନୁଯାୟୀ ଏଠାରେ ବାଇଶି ଜଣ ଡାକ୍ତର ରହିବା ସ୍ଥଳେ ମାତ୍ର ଚାରି ଜଣ ଡାକ୍ତର କାର୍ଯ୍ୟରତ ଆଛନ୍ତି। ଡାକ୍ତର ଅଭାବ ଯୋଗୁ ଦୂର ଦୁରାନ୍ତରୁ ପ୍ରତିଦିନ ଆସୁଥିବା ଶହ ଶହ ରୋଗୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏକାଧିକ ବିଭାଗର ଚିକିତ୍ସା ଦାୟିତ୍ୱ ଅଳ୍ପ ସଂଖ୍ୟକ ଡାକ୍ତରଙ୍କ ଉପରେ ରହୁଥିବାରୁ ସେମାନଙ୍କ ଉପରେ ଚାପ ବଢୁଛି । ଫଳରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ। ବିଶେଷକରି ଦୀର୍ଘ ବର୍ଷବର୍ଷ ଧରି ଶିଶୁ ଓ ସ୍ତ୍ରୀ ବିଭାଗ ଡାକ୍ତର ଏଠାରେ ନ ଥିବାରୁ ଶିଶୁ ଓ ଗର୍ଭବତୀ ମହିଳାମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଗର୍ଭବତୀ ମହିଳା ପ୍ରସବ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲେ ବିଭାଗୀୟ ଡାକ୍ତର ନ ଥିବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ବାଟରେ ପ୍ରସବ କରୁଥିବା ନଜର ରହିଛି। ଏନେଇ ସ୍ଥାନୀୟ ଜନ ପ୍ରତିନିଧି ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶିବିର, ପଂଚାୟତ ସମିତି ବୈଠକ ଓ ରୋଗୀକଲ୍ୟାଣ ସମିତି ବୈଠକରେ ଉପସ୍ଥାପନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଆବଶ୍ୟକୀୟ ଡାକ୍ତର ପଦ ପୂରଣ ନିମନ୍ତେ ଜନ ସାଧାରଣରେ ଦାବି ହେଉଛି।

# ଅଷ୍ଟ୍ରେଲିଆ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କଲା ବିସିସିଆଇ: ଫେରିଲେ ହାର୍ଦ୍ଦିକ

ନୂଆଦିଲ୍ଲୀ, ୯।୯: ଦୀର୍ଘ ମାସ ଧରି ପ୍ରତିଯୋଗିତା ମୂଳକ କ୍ରିକେଟରୁ ଦୂରେଇ ରହିଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଆସିଛି ବଡ଼ ଖବର। ଅଷ୍ଟ୍ରେଲିଆ ଏ ବିପକ୍ଷ ଘରୋଇ ସିରିଜରେ ତାଙ୍କୁ ଦେଖିବାକୁ ମିଳିପାରେ।

ବିସିସିଆଇ ପକ୍ଷରୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଆଜି ଇଣ୍ଡିଆ ଏ ସ୍କ୍ୱାଡ ଘୋଷଣା କରାଯାଇଛି। ଏହି ଦୁଇ ପାକ୍ଷିକ ସିରିଜରେ ୨ଟି ବହୁଦିବସୀୟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ବିସିସିଆଇ ପକ୍ଷରୁ ପୁଡୁଚେରୀରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଇଣ୍ଡିଆ ଏ ଟିମର ଦିନିକିଆ ସ୍କ୍ୱାଡରେ ହାର୍ଦ୍ଦିକଙ୍କ ନାଁ ରହିଛି। ସ୍କ୍ୱାଡରେ ନାଁ ଥିଲେ ମଧ୍ୟ ସେ ଚୂଡ଼ାନ୍ତ ଏକାଦଶରେ ସାମିଲ ହେବା ପୂର୍ବରୁ ନିଜ ଫିଟନେସ ପରୀକ୍ଷା ଦେବେ। ଯଦି ଫିଟନେସରେ ଟେଷ୍ଟରେ ସେ ପାସ୍ କରିବେ, ତା'ହେଲେ ଅଷ୍ଟ୍ରେଲିଆ ଏ ବିପକ୍ଷ ଦିନିକିଆ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ ବୋଲି ବିସିସିଆଇ ସ୍ପଷ୍ଟ କରିଛି।



ଭାରତର ସିନିୟର ଟିମ ଆସନ୍ତାବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ଆହତ କାରଣରୁ କ୍ରିକେଟରୁ ଦୂରେଇ ରହିଛନ୍ତି। ଏବେ ସେ ଆହତ ସମସ୍ୟାରୁ ମୁକୁଳିବାକୁ ଚେଷ୍ଟା କରୁଥିବା ବେଳେ ବିସିସିଆଇ ତାଙ୍କୁ ଜାତୀୟ ଦଳ ପରବର୍ତ୍ତେ ଇଣ୍ଡିଆ ଏ ଟିମରେ ସାମିଲ କରିଛି। ଅଷ୍ଟ୍ରେଲିଆ ଏ ଭଳି ଦଳ ବିପକ୍ଷରେ ହାର୍ଦ୍ଦିକ କେମିତି ପ୍ରଦର୍ଶନ କରୁଛନ୍ତି, ସେହି ଆଧାରରେ ତାଙ୍କୁ ଜାତୀୟ ଟିମରେ ସାମିଲ କରିବା ଉପରେ ବିସିସିଆଇ ନିଷ୍ପତ୍ତି ନେବ। ଏହା ତାଙ୍କ ଫିଟନେସ ଓ ମ୍ୟାଚ୍ ପ୍ରସ୍ତୁତିକୁ ମଧ୍ୟ ଆକଳନ କରିବାରେ ସହାୟକ ହେବ। ଇଣ୍ଡିଆ ଏ ଟିମରେ ହାର୍ଦ୍ଦିକ ପାଣ୍ଡ୍ୟା ରହିଥିବା ବେଳେ ଋତୁରାଜ ଗାଏକ୍ୱାଡ ଏହାର କମାଣ ସମ୍ଭାଳିବେ। ସେହିପରି ଦେବଦତ୍ତ ପାଡିକ୍କଲ ଉପ ଅଧିନାୟକ ଦାୟିତ୍ୱ ପାଇଛନ୍ତି। ବହୁ ଦିବସୀୟ ସିରିଜରେ ଦେବଦତ୍ତ ପାଡିକ୍କଲ ଅଧିନାୟକ ଓ ସାଇ ସୁଦର୍ଶନଙ୍କୁ ଉପ ଅଧିନାୟକ କରିଛି ବିସିସିଆଇ। ବହୁ ଦିବସୀୟ ସିରିଜରେ ଦ୍ରୁତ ବୋଲର ବିଜୟ ବୈଶାଖଙ୍କୁ ରଖାଯାଇଛି। ହେଲେ ସେ ମଧ୍ୟ ମ୍ୟାଚ୍ ପୂର୍ବରୁ ପ୍ରଥମେ ଫିଟନେସ ଟେଷ୍ଟର ପ୍ରମାଣ ଦେବେ।ଭାରତ ଏ ଓ ଅଷ୍ଟ୍ରେଲିଆ ଏ ମଧ୍ୟରେ ସେପ୍ଟେମ୍ବର ୨୨ରୁ ବହୁଦିବସୀୟ ସିରିଜ ଆରମ୍ଭ ହେବ। ଏହାପରେ ଅକ୍ଟୋବର ୬ରୁ ଦିନିକିଆ ସିରିଜ ଆରମ୍ଭ ହେବ। ଏହି ସମୟରେ ଭାରତୀୟ ସିନିୟର ଟିମ ମଧ୍ୟ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ଟିକିଆ ଦିନିକିଆ ସିରିଜ ଖେଳିବ। ସେପ୍ଟେମ୍ବର ୨୭, ୩୦ ଓ ଅକ୍ଟୋବର ୩ରେ ଏହି ମ୍ୟାଚ୍ ଗୁଡ଼ିକ ଖେଳାଯିବ। ବହୁଦିବସୀୟ ସିରିଜ ପାଇଁ ଇଣ୍ଡିଆ ଏ ସ୍କ୍ୱାଡ: ଅମନ ମୋଖାଡେ, ଆୟୁଷ ପାଣ୍ଡେ, ଦେବଦତ୍ତ ପାଡିକ୍କଲ(ଅଧିନାୟକ), ସାଇ ସୁଦର୍ଶନ(ଉପ ଅଧିନାୟକ), ଯଶ ରାଥୋଡ, ଶେଖ ରଶିଦ, କୁମାର କୁଶଗ୍ରା(ୱିକେଟ କିପର), ଶାମ୍ସ ମୁଲାନି, ତନୁଶ କୋଟିଆନ, ତୁଷାର ଦେଶପାଣ୍ଡେ, ଅଂଶୁଲ କମ୍ବୋଜ, ପ୍ରଫୁଲ ହିଙ୍ଗେ, ଏନ ଜଗଦୀଶନ(ୱିକେଟ କିପର), ନଚିକେତ ଭୁଟେ ଓ ବିଜୟ ବୈଶାଖ। ଦିନିକିଆ ସିରିଜ ପାଇଁ ଇଣ୍ଡିଆ ଏ ସ୍କ୍ୱାଡ୍: ପ୍ରିୟାଂଶ ଆର୍ଯ୍ୟ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକ୍କଲ(ଉପ ଅଧିନାୟକ), ଋତୁରାଜ ଗାଏକ୍ୱାଡ(ଅଧିନାୟକ), ରଜତ ପାଟିଦାର, କୁମାର କୁଶାଗ୍ର(ୱିକେଟ କିପର), ନିଶାନ୍ତ ସିନ୍ଧୁ, ବିପରଜ ନିଗମ, ଅର୍ଶିନ କୁଲକର୍ଣ୍ଣୀ, ଅର୍ଶଦ ଖାନ, ନମନ ଧିର, ହାର୍ଦ୍ଦିକ ପାଣ୍ଡ୍ୟା, ପ୍ରବସିମରନ ସିଂହ, ଗୁରଜପନିତ ସିଂହ ଓ ଯଶ ଠାକୁର।

### ସୁପ୍ରିମକୋର୍ଟରେ ବିସିସିଆଇ ମାମଲା

# କ୍ରିକେଟ୍ ବୋର୍ଡ ଉପରେ ବର୍ଷିଲେ କୋର୍ଟ, ମାଗିଲେ ଲିଖିତ ଜବାବ

ହାଇଦ୍ରାବାଦ: ବିସିସିଆଇ ଏବଂ ରାଜ୍ୟ କ୍ରିକେଟ୍ ସଂଘଗୁଡ଼ିକର ପ୍ରଶାସନକୁ ନେଇ ସୁପ୍ରିମକୋର୍ଟ ପୁଣି ଥରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। କୋର୍ଟ ପଚାରିଛନ୍ତି ଯେ, ବିସିସିଆଇ ଏବଂ ଏହାର ରାଜ୍ୟ ସଂଘଗୁଡ଼ିକୁ ନ୍ୟାସନାଲ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ଆକ୍ଟ, ୨୦୨୫ ର ପରିସରଭୁକ୍ତ କାହିଁକି କରାଯିବ ନାହିଁମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ମଙ୍ଗଳବାର ଶୁଣାଣି ସମୟରେ ବିସିସିଆଇ ଏବଂ ରାଜ୍ୟ କ୍ରିକେଟ୍ ସଂଘ ପକ୍ଷରୁ ହାଜର ହୋଇଥିବା ଓକିଲମାନଙ୍କୁ ଏହି ପ୍ରସଙ୍ଗରେ ନିର୍ଦ୍ଦେଶ ନେଇ ଜବାବ ଦାଖଲ କରିବାକୁ କହିଛନ୍ତି। ଏହି ଖଣ୍ଡପୀଠରେ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ ଭି. ମୋହନା ମଧ୍ୟ ସାମିଲ ଅଛନ୍ତି।

ବିସିସିଆଇ ସହ ଜଡ଼ିତ ପ୍ରଶାସନିକ ସଂସ୍କାର ମାମଲା ୨୦୧୪ ମସିହାରୁ ସୁପ୍ରିମକୋର୍ଟରେ ଚାଲିଆସୁଛି। ଏହି ସମୟ ମଧ୍ୟରେ କ୍ରିକେଟ୍ ପ୍ରଶାସନରେ ସଂସ୍କାର ଆଣିବା ପାଇଁ କୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଭିନ୍ନ ରାଜ୍ୟ କ୍ରିକେଟ୍ ସଂଘ ଏବଂ ସେମାନଙ୍କ କର୍ମକର୍ତ୍ତାଙ୍କ ପକ୍ଷରୁ ସମୟ ସମୟରେ ସମ୍ବିଧାନ, ନିର୍ବାଚନ ଓ ପ୍ରଶାସନ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ମଧ୍ୟ କୋର୍ଟଙ୍କ ସମ୍ମୁଖକୁ ଆସିଛି।ଏହି ନିରନ୍ତର ଚାଲିଥିବା ଆଇନଗତ ପ୍ରକ୍ରିୟା ମଧ୍ୟରେ ବର୍ତ୍ତମାନ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି ଯେ, ଯେତେବେଳେ ଦେଶରେ ଖେଳ ପ୍ରଶାସନ ପାଇଁ ନୂଆ କେନ୍ଦ୍ରୀୟ ଆଇନ ଲାଗୁ ହୋଇସାରିଛି, ତେବେ ବିସିସିଆଇ ଏବଂ ରାଜ୍ୟ କ୍ରିକେଟ ସଂଘଗୁଡ଼ିକର ବ୍ୟବସ୍ଥା ତାହାର ପରିସରରୁ ବାହାରେ କାହିଁକି ରହିବକ୍ରିକେଟ୍ ପ୍ରଶାସନରେ ସଂସ୍କାର ଆଣିବା ପାଇଁ ସୁପ୍ରିମକୋର୍ଟ ପୂର୍ବତନ ସିଜେଆଇ ଆର.ଏମ. ଲୋଢାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟିର ସୁପାରିସ ଆଧାରରେ ବିସିସିଆଇର କାର୍ଯ୍ୟଶୈଳୀ ଏବଂ ସମ୍ବିଧାନରେ ଅନେକ ପରିବର୍ତ୍ତନ କରାଯାଇଥିଲା।

ସେପ୍ଟେମ୍ବର ୨୦୨୨ରେ ସୁପ୍ରିମକୋର୍ଟ ବିସିସିଆଇ ସମ୍ବିଧାନରେ କିଛି ସଂସ୍କାରକୁ ମଞ୍ଜୁରୀ ଦେଇଥିଲେ। ଏହା ଅଧୀନରେ ଜଣେ କର୍ମକର୍ତ୍ତାଙ୍କୁ ରାଜ୍ୟ କ୍ରିକେଟ ସଂଘ ଏବଂ ବିସିସିଆଇ ମିଶାଇ ମୋଟ ୧୨ ବର୍ଷ ପର୍ଯ୍ୟନ୍ତ କ୍ରମାଗତ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା।

ଏହାପରେ ତିନି ବର୍ଷର କୁଲିଂ-ଅଫ୍ ପିରିୟଡ୍ ରଖାଯାଇଥିଲା। ଅର୍ଥାତ୍ ସେତେବେଳେ କୋର୍ଟ ବିସିସିଆଇର ବର୍ତ୍ତମାନର ପ୍ରଶାସନିକ ବ୍ୟବସ୍ଥାରେ କିଛିଟା କୋହଳ ମନୋଭାବ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ନୂଆ ଆଇନ ଲାଗୁ ହେବା ପରେ ଏହି ପ୍ରଶ୍ନ ପୁଣି ସାମ୍ନାକୁ ଆସିଛି ଯେ, କ୍ରିକେଟ୍ ବୋର୍ଡର ବ୍ୟବସ୍ଥା ଆଗକୁ କେଉଁ ନିୟମ ଅନୁସାରେ ପରିଚାଳିତ ହେବ।

ନ୍ୟାସନାଲ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ଆକ୍ଟ, ୨୦୨୫ ଦେଶରେ କ୍ରୀଡ଼ା ସଂଗଠନଗୁଡ଼ିକର ପ୍ରଶାସନ ପାଇଁ ଏକ ନୂତନ ଆଇନଗତ ଢାଞ୍ଚା ପ୍ରସ୍ତୁତ କରୁଛି। କେନ୍ଦ୍ର ସରକାର ଏହା ଅଧୀନରେ ବିଭିନ୍ନ ନିୟମ ଓ ପ୍ରାବଧାନ ମଧ୍ୟ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି। ଯଦି ସୁପ୍ରିମକୋର୍ଟ ବିସିସିଆଇ ଏବଂ ରାଜ୍ୟ କ୍ରିକେଟ ସଂଘଗୁଡ଼ିକୁ ଏହି ଆଇନ ପରିସରଭୁକ୍ତ କରିବା ପାଇଁ ରାୟ ଦିଅନ୍ତି, ତେବେ କ୍ରିକେଟ ପ୍ରଶାସନରେ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ, ନିର୍ବାଚନ, ପରିଚାଳନା ବ୍ୟବସ୍ଥା ଏବଂ ଜବାବଦିହିତା ସହ ଜଡ଼ିତ ନିୟମ ଉପରେ ଏହାର ପ୍ରଭାବ ପଡ଼ିପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହାର ପ୍ରଭାବ କେବଳ ବିସିସିଆଇ ମଧ୍ୟରେ ସୀମିତ ରହିବ ନାହିଁ ବରଂ ରାଜ୍ୟ କ୍ରିକେଟ ସଂଘଗୁଡ଼ିକର ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇପାରେ। ନୂତନ କ୍ରୀଡ଼ା ଆଇନରେ କ୍ରୀଡ଼ା ପ୍ରଶାସନ ସହ ଜଡ଼ିତ ବିବାଦଗୁଡ଼ିକର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ସାଂସ୍ଥାନିକ ବ୍ୟବସ୍ଥାର ପ୍ରାବଧାନ ରହିଛି। ଏଭଳି ପରିସ୍ଥିତିରେ ଯଦି ବିସିସିଆଇ ଏବଂ ରାଜ୍ୟ ସଂଘଗୁଡ଼ିକୁ ଏହି ଆଇନର ପରିସରକୁ ଅଣାଯାଏ, ତେବେ କ୍ରିକେଟ୍ ସହ ଜଡ଼ିତ ପ୍ରଶାସନିକ ବିବାଦର ସମାଧାନ ଶୈଳୀ ମଧ୍ୟ ବଦଳିଯାଇପାରେ।

ସୁପ୍ରିମକୋର୍ଟ ଯଦିଓ ଏପର୍ଯ୍ୟନ୍ତ ଏହି ଚୂଡ଼ାନ୍ତ ନିଷ୍ପତ୍ତି ଦେଇନାହାନ୍ତି ଯେ ବିସିସିଆଇ ଏବଂ ସମସ୍ତ ରାଜ୍ୟ କ୍ରିକେଟ୍ ସଂଘ ନିଶ୍ଚିତ ଭାବରେ ଏହି ଆଇନର ଅଧୀନରେ ଆସିବେ, ତଥାପି ବର୍ତ୍ତମାନ ପାଇଁ କୋର୍ଟ ବିସିସିଆଇ ଏବଂ ରାଜ୍ୟ ସଂଘଗୁଡ଼ିକ ନିକଟରୁ ଏହି ପ୍ରସଙ୍ଗରେ ଜବାବ ମାଗିଛନ୍ତି ଯେ, ସେମାନଙ୍କୁ କାହିଁକି ଏହି ଆଇନର ପରିସରଭୁକ୍ତ କରାଯିବ ନାହିଁ।

ସୁପ୍ରିମକୋର୍ଟଙ୍କ ଏହି ପ୍ରଶ୍ନ ପରେ ବର୍ତ୍ତମାନ ବିସିସିଆଇ ଏବଂ ରାଜ୍ୟ କ୍ରିକେଟ୍ ସଂଘଗୁଡ଼ିକର ପକ୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସେମାନଙ୍କ କର୍ମକର୍ତ୍ତାଙ୍କ ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳକୁ ନ୍ୟାସନାଲ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ଆକ୍ଟ, ୨୦୨୫ ଅଧୀନରେ କାହିଁକି ରଖାଯିବ ନାହିଁ, ସେ ନେଇ ସେମାନଙ୍କୁ କାରଣ ଦର୍ଶାଇବାକୁ ହେବ।

# ଖାଲଢିପ, ପଥର ଗୁଣ୍ଡ ଓ ମେଟାଲ୍ ଉପରେ ଆଥଲେଟିକ୍ ମିଟ୍

ଆସିକା,୯।୯ (ଆନିସ): ଆସିକା ହରିହର ମିନି ଷ୍ଟାଡିୟମରେ ଆୟୋଜିତ ହୋଇଛି ଦୁଇ ଦିନିଆ ଆଥଲେଟିକ୍ ମିଟ୍। ବାଳକ ଓ ବାଳିକାଙ୍କୁ ନେଇ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚା ଡିଆଁ ଭଳି ବିଭିନ୍ନ ଆଥଲେଟିକ୍ ଇଭେଣ୍ଟ ସହିତ କବାଡ଼ି ଓ ଖୋ-ଖୋ ଭଳି ଖେଳ ମଧ୍ୟ ଅନୁଷ୍ଠିତ ହୋଇଛି।

କିନ୍ତୁ ଏହି କ୍ରୀଡ଼ା ଆୟୋଜନ ମଧ୍ୟରେ ସାମ୍ନାକୁ ଆସିଛି ଷ୍ଟାଡିୟମର ଭିତ୍ତିଭୂମିର ଏକ ଚିନ୍ତାଜନକ ଚିତ୍ର। ଯେଉଁ ଟ୍ରାକ୍‌ରେ ଆଥଲେଟ୍‌ମାନେ ଦୌଡ଼ିବା କଥା, ସେଠାରେ ଦେଖିବାକୁ ମିଳିଛି ଖାଲଢିପ, ପଥର ଗୁଣ୍ଡ ଓ ମେଟାଲ୍। ଏଭଳି ପରିସ୍ଥିତିରେ ଆଥଲେଟିକ୍ ମିଟ୍ ଆୟୋଜନକୁ ନେଇ ଏବେ ପ୍ରଶ୍ନ ଉଠିଛି।ଆଥଲେଟିକ୍ସର ପ୍ରତ୍ୟେକ ଇଭେଣ୍ଟରେ ନିର୍ଦ୍ଧାରିତ ନିୟମ ପାଳନ କରିବାକୁ ପଡ଼େ। ଦୌଡ଼ରେ ଷ୍ଟାର୍ଟ ଓ ଲେନ୍‌ର ନିୟମ ରହିଥାଏ। ଲମ୍ଫ ଡିଆଁରେ ଡିଆଁର ଦୂରତା ମାପ କରାଯାଏ, ଆଉ ଉଚ୍ଚା ଡିଆଁରେ ବାର୍କୁ ନପଡ଼ାଇ ଅଧିକ ଉଚ୍ଚତା ଅତିକ୍ରମ କରିବା ଆଧାରରେ ପ୍ରଦର୍ଶନ ମାପ କରାଯାଏ।ତେବେ ନିୟମ ଅନୁଯାୟୀ ପ୍ରତିଯୋଗିତା କରାଯାଉଥିବା ବେଳେ, ଖେଳାଳିଙ୍କ ପାଇଁ ଆବଶ୍ୟକ ଓ ସୁରକ୍ଷିତ ଭିତ୍ତିଭୂମି ନଥିବା ନେଇ କ୍ରୀଡ଼ାପ୍ରେମୀମାନେ ଚିନ୍ତା ପ୍ରକାଶ କରିଛନ୍ତି।

କ୍ରୀଡ଼ା ହେଉଛି ଯୁବ ପ୍ରତିଭାଙ୍କ ବିକାଶର ଏକ ମୁଖ୍ୟ ମାଧ୍ୟମ। ଆସିକାର ଛାତ୍ରଛାତ୍ରୀ ଓ ଯୁବ କ୍ରୀଡ଼ାବିତ୍‌ମାନେ ଜାତୀୟ ସ୍ତରରେ ନିଜ ପ୍ରତିଭା ଦେଖାଇବା ପାଇଁ ଯଦି ଆଗକୁ ବଢ଼ିବେ, ତେବେ ସେମାନଙ୍କୁ ଉନ୍ନତ ଓ ସୁରକ୍ଷିତ କ୍ରୀଡ଼ା ଭିତ୍ତିଭୂମି ଯୋଗାଇଦେବା ନିହାତି ଆବଶ୍ୟକ।ତେଣୁ ପ୍ରଶ୍ନ ହେଉଛିଆଥଲେଟ୍‌ମାନଙ୍କ ପାଇଁ ଆସିକା ହରିହର ମିନି ଷ୍ଟାଡିୟମରେ କେବେ ତିଆରି ହେବ ଏକ ଉପଯୁକ୍ତ ଆଥଲେଟିକ୍ ଟ୍ରାକ୍ କେବେ ମିଳିବ କ୍ରୀଡ଼ାବିତ୍‌ମାନଙ୍କୁ ଆବଶ୍ୟକ ସୁବିଧାଏନେଇ ପ୍ରଶାସନ ଓ ସମ୍ପୃକ୍ତ କ୍ରୀଡ଼ା ବିଭାଗ ପଦକ୍ଷେପ ନେବାକୁ କ୍ରୀଡ଼ାପ୍ରେମୀମାନେ ଆଶା ରଖିଛନ୍ତି।

# ଆସିକା ବ୍ଲକ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନରେ ହଟ୍ଟଗୋଳ

## ବିଭିନ୍ନ ଯୋଜନାର କାର୍ଯ୍ୟ ଓ ବିଲ୍‌କୁ ନେଇ ତର୍କବିତର୍କ, ଉଠିଲା ଏକାଧିକ ପ୍ରଶ୍ନ

ଆସିକା, ୯/୯ (ଆନିସ): ଆସିକା ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ସରକାରୀ ଯୋଜନାର ବିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ହୋହାଲ୍ଲା ସହ ତର୍କବିତର୍କ ଦେଖିବାକୁ ମିଳିଛି। ବିଶେଷକରି 'ମୋ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାରେ ହୋଇଥିବା କାର୍ଯ୍ୟ, ବିଭିନ୍ନ ଉନ୍ନୟନମୂଳକ କାମର ବିଲ୍ ଏବଂ ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗକୁ ନେଇ ସଭ୍ୟମାନେ ପ୍ରଶ୍ନ ଉଠାଇଥିଲେ। ଏହି ଅଧିବେଶନରେ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ଅଗ୍ରଗତି, ଖର୍ଚ୍ଚ ଓ ବିଲ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। କେତେକ କାର୍ଯ୍ୟର ମାନ ଓ ବିଲ୍‌କୁ ନେଇ ସଭ୍ୟମାନେ ଆପତ୍ତି ଉଠାଇବା ସହ ଏନେଇ ସ୍ପଷ୍ଟୀକରଣ ଦାବି କରିଥିଲେ। ଏହାକୁ ନେଇ ବୈଠକରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା।

ସେହିପରି ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଇଁ ଯୋଗାଣ ହେଉଥିବା ଛତୁଆର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଯୋଗାଣକାରୀଙ୍କ ଦାୟିତ୍ୱ, ଗୁଣବତ୍ତା ଯାଞ୍ଚ ଓ ଅଭିଯୋଗ ଉପରେ କଣ ପଦକ୍ଷେପ ନିଆଯାଉଛି, ସେନେଇ ସଭ୍ୟମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

ବୈଠକରେ ପରସ୍ପର ମଧ୍ୟରେ ମତବିନିମୟ ଓ ଆଲୋଚନା ହୋଇଥିଲେ ମଧ୍ୟ ଅଧିବେଶନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗକୁ ନେଇ ତର୍କବିତର୍କ ଜାରି ରହିଥିଲା। ଉଠିଥିବା ପ୍ରଶ୍ନଗୁଡ଼ିକ ଉପରେ ପ୍ରଶାସନିକ ସ୍ତରରେ କି ପଦକ୍ଷେପ ନିଆଯିବ, ତାହା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ଅଧିବେଶନ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବିଧାୟକ ସରୋଜ କୁମାର ପାଢୀ, ବ୍ଲକ ଉପାଧ୍ୟକ୍ଷା ଏସ.ରେଶମା ଦୋରା, ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକ, ଏବିଡିଓ ସୁଶାନ୍ତ କୁମାର ବେହେରା, ସମେତ ସରପଞ୍ଚ ଭବାନୀ ଶଙ୍କର ମଲ୍ଲିକ, ବିଦ୍ୟାନ୍ତ ଚର୍ଚ୍ଚୀ, ଜୟନ୍ତୀ ବେହେରା, ମନୋଜ ପରିଡ଼ାଙ୍କ ସାଙ୍ଗକୁ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଡିପିଓ ରାଜଶ୍ରୀ ସାହୁ ସଂଯୋଜନା କରିଥିବା ବେଳେ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଥିଲେ ।




ତେବେ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନରେ ଉଠିଥିବା ଏକାଧିକ ପ୍ରଶ୍ନର ସ୍ପଷ୍ଟ ଉତ୍ତର ଓ ଏହା ଉପରେ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ କଣ ରହିବ, ତାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ନଜର ରହିଛି। ଅଧିବେଶନର ଆଲୋଚନାକୁ ନେଇ ଆସିକା ଅଞ୍ଚଳରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି।

# ବେଲଗୁଣ୍ଠାରେ ବିପୁଳ ପରିମାଣର ବେଆଇନ ଗୁଟଖା ଜବତ: ଅଭିଯୁକ୍ତ ଗିରଫ, କୋର୍ଟ ଚାଲାଣ

ବେଲଗୁଣ୍ଠା, ୯।୯ (ଆନିସ): ବେଲଗୁଣ୍ଠା ଥାନା ପୁଲିସ ପକ୍ଷରୁ ବ୍ଲକିଂ ଡ୍ୟୁଟି ସମୟରେ ବେଆଇନ ଗୁଟଖା ଓ ନିଷିଦ୍ଧ ତମାଖୁ ଚାଲାଣ କରୁଥିବା ଏକ କାର୍କୁ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସଂପୃକ୍ତ ଅଭିଯୁକ୍ତ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ଖଡ଼ିତେଲି ସାହିର ଅଶ୍ୱିନୀ କୁମାର ଗୌଡ଼ (୨୬)ଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ଆଜି ଭଞ୍ଜନଗର ଏସଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି।ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବରଙ୍କ ଅଭିଯୋଗ କ୍ରମେ ୪୯୫/୨୬ ରେ ବେଲଗୁଣ୍ଠା ଥାନରେ



ଗୋଟିଏ ମାମଲା ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତାର ଧାରା ୨୭୫/୧୨୩/୩୧୮(୨)/୬୧(୨)/୩୪୬/୩୪୯, ଆକ୍ଟର ଧାରା ୨୦/ ୨୪, ଖାଦ୍ୟ ସୁରକ୍ଷା ଆଇନର ଧାରା ୫୯, କପିରାଇଟ୍ ଆକ୍ଟର ଧାରା ୬୩/ ୬୫ ଏବଂ ଟ୍ରେଡ୍‌ମାର୍କସ ଆକ୍ଟର ଧାରା ୧୦୩/୧୦୪ ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୁଲିସ ଚଢ଼ାଉ ବେଳେ ଗୋଟିଏ ଧଳା ରଙ୍ଗର ହୁଣ୍ଡାଇ ଭନାର କାର, ମଧୁବନ ୬୦ ସଫଳ ଗୁଟଖା ଭର୍ତ୍ତି ୧୧ ଟି କାର୍ଟନ୍ ( ୧୧୦୦ ପ୍ୟାକେଟ୍), କେପି ବ୍ଲାକ୍ ଲେବୁଲ୍ ପ୍ରିମିୟମ୍ ଜର୍ଦ୍ଦା ଭର୍ତ୍ତି ୧୧ ଟି ପ୍ଲାଷ୍ଟିକ୍ ବ୍ୟାଗ୍ (ମୋଟ ୧୧୨୨ ପ୍ୟାକେଟ୍) ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି।ବେଲଗୁଣ୍ଠା ଥାନାର ଏସ୍.ଆଇ. ସୁକାନ୍ତ କୁମାର ପ୍ରଧାନ ଘଟଣାର ତଦନ୍ତ କରୁଥିବା ବେଳେ ଅଞ୍ଚଳରେ ବେଆଇନ ଗୁଟଖା ଓ ନିଷିଦ୍ଧ ତମାଖୁ ଦ୍ରବ୍ୟର ମୁନାଫାଖୋରୀ, ଗଚ୍ଛିତ ଓ ଚୋରା ଚାଲାଣକୁ ରୋକିବା ପାଇଁ ପୁଲିସ ପକ୍ଷରୁ ଆଗାମୀ ଦିନରେ ଏହିପରି କଡ଼ା ଯାଞ୍ଚ ଓ ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି।

### ଓଡ଼ଗାଁ ଏନ୍‌ଏସି ୫ ନମ୍ବର ୱାର୍ଡବାସୀଙ୍କ ଦ୍ୱାର ଦେଶରେ ଏନ୍‌ଏସି

# ସମସ୍ୟା ପଚାରି ବୁଝିଲେ କାର୍ଯ୍ୟ ନିର୍ବାହୀ ଅଧିକାରୀ

ଓଡ଼ଗାଁ ୦୯/୦୯(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ସହଯୋଗୀ ଯନ୍ତ୍ରୀ ଓ ବିଭିନ୍ନ ବିଭାଗ କର୍ମଚାରୀ ମାନଙ୍କୁ ନେଇ ୫ ନମ୍ବର ୱାର୍ଡ ପାଟଣା ସାହିରେ ପହଞ୍ଚିଥିଲେ। ସେଠାରେ ଲୋକମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ।



ଭତ୍ତା,ରାସନ କାର୍ଡରେ ନାମ ଯୋଗ,ଡ୍ରେନ ନିର୍ମାଣ ସହିତ କୋଠଘରେ ଟାଇଲ ପକାଇବାକୁ ସାହି ଲୋକେ ନିର୍ବାହୀ ଅଧିକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। କିଛି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ।କନିଷ୍ଠ ଯନ୍ତ୍ରୀ ସାର୍ଥକ ସ୍ୱାଇଁ,ଭତ୍ତା ନିମନ୍ତେ ନୀଳମାଧବ ମିଶ୍ର ପ୍ରମୁଖ ଅନ୍ୟ କର୍ମଚାରୀମାନେ ଯାଇ ଅଭିଯୋଗ ଶୁଣିଥିଲେ। ତେବେ ଆଜିଠାରୁ ଆରମ୍ଭ ହୋଇଥିବା ଦ୍ୱାର ଦେଶରେ ଏନ୍‌ଏସି କାର୍ଯ୍ୟକ୍ରମ ଏହିପରି ସବୁ ୱାର୍ଡକୁ ଯାଇ ସହର ଲୋକଙ୍କ ସମସ୍ୟା ବୁଝିବେ। ଏବଂ ସମାଧାନ କରିବେ ବୋଲି ଜଣାଯାଇଛି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର

**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବରେ ଗଢିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ ।**

୧. ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
୨. ଭାରତର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ନୂତନ ବର୍ଜ୍ୟ ବସ୍ତୁ ପରିଚାଳନା ନିୟମ-୨୦୧୬ କୁ ସମ୍ମାନର ସହ ପାଳନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।
୩. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
୪. ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ।
୫. ଗୃହପାଳିତ ପଶୁମାନଙ୍କୁ ଅନିୟନ୍ତ୍ରିତ ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ।
୬. ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ 'ଟ୍ରେଡ୍ ଲାଇସେନ୍ସ'କରାଇ ନିଅନ୍ତୁ।
୭. ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଯଥା - ହୋଲ୍ଡିଂ ଟ୍ୟାକ୍ସ, ୟୁଜର ଫି ଠିକ ସମୟରେ ପରିଶୋଧ କରନ୍ତୁ।
୮. ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇ ନିଅନ୍ତୁ। ଗୃହ କାର୍ଯ୍ୟ ସମୟରେ ବାଲି, ଚିପ୍ସ ଗୋଡି ରାସ୍ତାକୁ ନାହିଁ କି ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ କରନ୍ତୁ ନାହିଁ।
୯. ସହରରେ ରହୁଥିବା ସମସ୍ତ ଉଠାଦୋକାନୀ ମାନଙ୍କୁ ସରକାରଙ୍କ PMSVANIDHI ଯୋଜନାରେ ଋଣ ସହାୟତା ଏବଂ ଆର୍ଥିକ ଅନଗ୍ରସର ଓ ଗରିବ ପରିବାରଗୁଡିକୁ ସହଯୋଗ ଯୋଜନାରେ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରୟାସ କରାଯାଉଛି।
୧୦. ସ୍ୱଚ୍ଛ ରଣପୁର ଓ ସୁସ୍ଥ ରଣପୁର ଗଠନରେ ସହାୟକ ହୁଅନ୍ତୁ।

**ଶ୍ରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର**
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର
ଓ ସମସ୍ତ କର୍ମଚାରୀ ବୃନ୍ଦ

**ଶ୍ରୀମତୀ ରଙ୍ଗୀନ ମହାନ୍ତି**
ଅଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର
ଓ ସମସ୍ତ ପରିଷଦ ବର୍ଗ


# ରାୟଗଡ଼ା ବ୍ଲକର ଷୋଡ଼ଶ ସମିତି ବୈଠକ ଅନୁଷ୍ଠିତ

ରାୟଗଡ଼ା, ୯।୯ (ଆନିସ): ରାୟଗଡ଼ା ବ୍ଲକର ଷୋଡ଼ଶ ସମିତି ବୈଠକ ବୁଧବାର ବ୍ଲକ ସଦଭାବନା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକକୁ ଅଧ୍ୟକ୍ଷା ସୁଶ୍ରୀ ଟୁନୀ ହୁଇକା ଅଧ୍ୟକ୍ଷତା କରିଥିଲେ । ଉପାଧ୍ୟକ୍ଷ ଶ୍ରୀ ହର ପ୍ରସାଦ ହେପୃକା, ବିଡ଼ିଓ ସୁଜିତ କୁମାର ମିଶ୍ର ଜିଲ୍ଲା ପରିଷଦ ସଦସ୍ୟ ପ୍ରଶାନ୍ତ କୁଲେଶିକା, ପଦ୍ମାବତୀ ମାଣ୍ଡାଙ୍ଗି ଓ ସନ୍ଧ୍ୟା ପୁଲାକା, ଏବିଡ଼ିଓ କାଳୁ ଚରଣ ନାୟକ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀ ଭୂଷଣ ବିଡିକା, ମାନ୍ୟବର ବିଧାୟକଙ୍କ ପ୍ରତିନିଧି ଶ୍ରୀ ସତ୍ୟବାନ ମାଣ୍ଡାଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ । ଆଠେଇଶି ଗୋଟି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ, ସଭ୍ୟା ଓ ସରପଞ୍ଚ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଡ଼ିଓ ଶ୍ରୀ ମିଶ୍ର ସମସ୍ତ ଙ୍କୁ ସ୍ୱାଗତ ଜଣାଇଥିଲେ । ଆଲୋଚନାରେ ସ୍ୱାସ୍ଥ୍ୟ, ଶିକ୍ଷା, ଆର ଡି, କୃଷି, ମହିଳା ଓ ଶିଶୁ ବିକାଶ, ପାନୀୟଜଳ, ଆଦି ବିଭାଗୀୟ ବିଷୟ ସ୍ଥାନ ପାଇଥିଲା । ଆଗାମୀ ୨୦୨୬-୨୭ ବର୍ଷ ନିମନ୍ତେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ର ଷଷ୍ଠ, ଶୋଡ଼ଶ ଅର୍ଥକମିସନ ପାଣି ବିନିଯୋଗ ନିମନ୍ତେ କାର୍ଯ୍ୟ ଖସଡ଼ା ଆଲୋଚନା ପରେ ଅନୁମୋଦନ ହୋଇଥିଲା ।

ଆଗାମୀ ବର୍ଷ ନିମନ୍ତେ ଲଘୁବନ ଜାତ ଦ୍ରବ୍ୟର ଦର ନିର୍ଦ୍ଧାରଣ ହୋଇଥିଲା । ପ୍ରତି ଗ୍ରାମ ପଞ୍ଚାୟତକୁ ଆଦର୍ଶ ଗ୍ରାମ ପଞ୍ଚାୟତ ରୂପେ ଗଢି ତୋଳିବା ନିମନ୍ତେ ନିଷ୍ପତି ନିଆଯାଇଥିଲା। ଗ୍ରାମ ପଞ୍ଚାୟତର ସଦରମହକୁମା ଠାରେ ଆଦର୍ଶ ଅଙ୍ଗନୱାଡ଼ି, ପାଠାଗାର, ଖେଳପଡିଆ, ଗୋଷ୍ଠୀ କେନ୍ଦ୍ର, ବଜାର ଭଳି ସମସ୍ତ ଉପାଦାନ ସହ ଏକ ଆଦର୍ଶ ଗ୍ରାମ ପ୍ରଥମ ପର୍ଯ୍ୟାୟରେ ଗଠନ ନିମନ୍ତେ ସ୍ଥିର କରାଗଲା । ଏହା ସହ ଗ୍ରାମଦୋୟ ଯୋଜନାରେ ରାୟଗଡ ବ୍ଲକର ଚିହ୍ନଟ ହୋଇଥିବା ଅଣଚାଶ ଟି ଗ୍ରାମରେ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଆଲୋଚନା ହୋଇଥିଲା ।ସମିତି କାର୍ଯ୍ୟାଳୟ ପରିସରରେ ଏକ ସମ୍ମିଳନୀ କକ୍ଷର ଶୁଭ ଉଦଘାଟନ ହୋଇଥିଲା । ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥିତିରେ ଅଧ୍ୟକ୍ଷା ଟୁନୀ ହୂଇକା ଓ ଉପାଧ୍ୟକ୍ଷଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏହା ସମସ୍ତ ସମିତି ସଭ୍ୟଙ୍କ ବୈଠକ ନିମନ୍ତେ ବ୍ୟବହୃତ ହେବବୋଲି ଅଧ୍ୟକ୍ଷା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ ଟି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା । ଜିପିଡିଓ ସ୍ମୃତିରେଖା ନାୟକ ପୂର୍ବ ବୈଠକର ବିବରଣୀ ଉପସ୍ଥାପନା କରିଥିଲେ ଯାହା ଦୃଢ଼ୀକରଣ କରାଯାଇଥିଲା । ଏବିଡ଼ିଓ ଧନ୍ୟବାଦ ଅର୍ପଣ କରିଥିଲେ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda